# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
9 APRIL 2026
ଗୁରୁବାର
୯ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 321 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୨୧ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର



ପୃଷ୍ଠା ୩ ସ୍ତ୍ରୀ ତଣ୍ଟିକାଟି ହତ୍ୟା କଲା ସ୍ୱାମୀ

ପୃଷ୍ଠା ୪ ଏସ୍‌ସିବିରେ ତଦନ୍ତ ସାରି ଫେରିଲେ କେନ୍ଦ୍ରୀୟ ଟିମ୍

ପୃଷ୍ଠା ୮ ଆଜି ଆସାମ୍, କେରଳମ୍, ପୁଡୁଚେରୀରେ ଭୋଟ୍


### ବେଗୁନିଆକୁ ୪୦,୮୧୧ କୋଟିର ୩୬ ଶିଳ୍ପ ପ୍ରକଳ୍ପ ଭେଟି

# ଓଡ଼ିଶା ଅନୁଭବ କରୁଛି ସମୃଦ୍ଧିର ସ୍ପର୍ଶ: ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:**

ପ୍ରତିଶ୍ରୁତିରୁ କାର୍ଯ୍ୟାନ୍ୱୟନ ଏବଂ ସମ୍ଭାବନାରୁ ସମୃଦ୍ଧି ଆଡ଼କୁ ଉଦ୍ଦେଶ୍ୟ ନେଇ ଓଡ଼ିଶା ଆଗକୁ ବଢୁଛି । ଆମ ପ୍ରତିଶ୍ରୁତି, ଆମେ ନିଶ୍ଚୟ ପୂରଣ କରୁ । ଓଡ଼ିଶା ଏବେ ଆଉ କେବଳ ଏକ ସମ୍ଭାବନାର ରାଜ୍ୟ ହୋଇ ରହିନାହିଁ, ଆମ ରାଜ୍ୟ ଏବେ ସମୃଦ୍ଧିର ସ୍ପର୍ଶ ଅନୁଭବ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବୁଧବାର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅନ୍ତର୍ଗତ ଭୁଇଁପୁର ଠାରେ ୪୦,୮୧୧ କୋଟି ଟଙ୍କା ନିବେଶରେ ସମୁଦାୟ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି । ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଶୁଭାରମ୍ଭ ହୋଇଥିବା ବେଳେ ୧୧ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଓ ଶୁଭାରମ୍ଭ ଦ୍ୱାରା ୫୯,୦୦୦ ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ ଏନର୍ଜି ଉପକରଣ, ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଏବଂ ପୋଷାକ ଶିଳ୍ପ, ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ୍, ସିମେଣ୍ଟ ଶିଳ୍ପ ରହିଛି, ଯାହା ରାଜ୍ୟର ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ ।

**୨୫ଟି ପ୍ରକଳ୍ପର ଶୁଭାରମ୍ଭ, ୧୧ଟିର ଭିତ୍ତିପ୍ରସ୍ତର**

**ସୃଷ୍ଟି ହେବ ୫୯,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ**

**ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବା ପାଇଁ ଉଦ୍ୟୋଗପତିଙ୍କୁ ସିଏମ୍‌ଙ୍କ ଆହ୍ୱାନ**

ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପ ଅଭିବୃଦ୍ଧି ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରତି ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି । 'ସମୃଦ୍ଧ ଓଡିଶା'ର ସ୍ୱର୍ଣ୍ଣିମ ଯାତ୍ରାରେ ଏକ ନୂତନ କିନ୍ତୁ ଗୁରୁତପୂର୍ଣ୍ଣ ଫର୍ଦ୍ଦ ଯୋଡ଼ି ହୋଇଛି । ବର୍ତ୍ତମାନ ଓଡ଼ିଶାରେ ଚାଲୁଥିବା ଦ୍ୱିତୀୟ ଶିଳ୍ପ ବିପ୍ଳବର ଏହା ହେଉଛି ବାସ୍ତବ ପ୍ରତିଫଳନ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗାମୀ କିଛି ବର୍ଷ ମଧ୍ୟରେ ଆମରାଜ୍ୟ ଏକ ପୂର୍ଣ୍ଣ ସମୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ବିଶ୍ୱ ଦରବାରରେ ଉଭା ହେବ । ୫୯ ହଜାର ନୂଆ ନିଯୁକ୍ତି କୌଣସି ଦୃଷ୍ଟିକୋଣରୁ ଏକ ଛୋଟ ଉପଲବ୍‌ଧି ନୁହେଁ । ପୂର୍ବରୁ ଆମ ସରକାର ଏହି ୧୮-୨୦ ମାସ ମଧ୍ୟରେ ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଶିଳାନ୍ୟାସ ଓ ▶▶ ୬

### ବିଶ୍ୱକୁ ଆଶ୍ୱସ୍ତି : ମହାବିନାଶରେ ଲାଗିଲା ସାମୟିକ ବିରତି

# ୨ ସପ୍ତାହ ପାଇଁ ଯୁଦ୍ଧ ବନ୍ଦ





**ତେହରାନ୍, ୱାଶିଂଟନ୍, ୮।୪/ଏଜେନ୍ସି:**

**ଡେଡ୍‌ଲାଇନ୍‌ର ଦେଢ଼ଘଣ୍ଟା ପୂର୍ବରୁ ରାଜି ହେଲା ତେହରାନ୍**

**ନିଷ୍ପତ୍ତିକୁ ସ୍ୱାଗତ କଲେ ଭାରତ ସମେତ ଅନେକ ଦେଶ**

**ଶୁକ୍ରବାର ଠାରୁ ପାକିସ୍ତାନରେ ଆରମ୍ଭ ହେବ ଶାନ୍ତି ଆଲୋଚନା**

ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ୪୦ ଦିନର ଯୁଦ୍ଧରେ ୨ ସପ୍ତାହ ପାଇଁ ଅର୍ଥାତ୍ ୧୪ ଦିନ ପାଇଁ ବିରାମ ଲାଗିଛି । ଇରାନ୍ ପକ୍ଷରୁ ଯୁଦ୍ଧ ବିରତି ପ୍ରସ୍ତାବକୁ ଏପରି ଏକ ସମୟରେ ଗ୍ରହଣ କରାଯାଇଥିଲା ଯେତେବେଳେ କି ଆମେରିକା ପକ୍ଷରୁ ଦିଆଯାଇଥିବା ଡେଡ୍‌ଲାଇନ୍ ଶେଷ ହେବାକୁ ଆଉ ମାତ୍ର ଦେଢ଼ ଘଣ୍ଟା ସମୟ ବାକି ରହିଥିଲା । ଏହି ସମୟ ଅତିକ୍ରମ ହେବା ପରେ ହୁଏତ ଆମେରିକା ସେନା, ଇରାନ୍ ଉପରେ ଘାତକରୁ ଅତି ଘାତକ ଆକ୍ରମଣ କରିଥାନ୍ତା । ତେବେ ପାକିସ୍ତାନ ଏବଂ ଚୀନ୍‌ର ମଧ୍ୟସ୍ଥତା ପରେ ଉଭୟ ଦେଶ ଏହି ଯୁଦ୍ଧବିରତି ପାଇଁ ସହମତ ହୋଇଥିବା ଜଣାପଡିଛି । ତେବେ ୧୪ ଦିନର ଯୁଦ୍ଧବିରତିକୁ ନେଇ ବିଶ୍ୱସ୍ତରରେ ଏକପ୍ରକାର ଆଶ୍ୱସ୍ତି ଦେଖିବାକୁ ମିଳିଛି । ଭାରତ ସମେତ ଅନେକ ଦେଶ ଆମେରିକା-ଇରାନ୍ ମଧ୍ୟରେ ଏହି ଯୁଦ୍ଧ ବିରତିକୁ ସ୍ୱାଗତ କରିଛନ୍ତି ।

ଯୁଦ୍ଧବିରତି ଘୋଷଣା ପରେ ତେହରାନର ରାସ୍ତାଘାଟରେ ଲୋକମାନେ ଉତ୍ସବ ମନାଇବା ଆରମ୍ଭ କରିଦେଇଛନ୍ତି । ଆମେରିକା ରାଷ୍ଟ୍ରପତି ଏହି ଯୁଦ୍ଧ ବିରତିକୁ ଆମେରିକାର ଏକ ବଡ଼ ବିଜୟ ଭାବେ ବର୍ଣ୍ଣନା କରୁଥିବା ବେଳେ ଇରାନ ସରକାର ମଧ ଏହାକୁ ଏକ 'ବିଜୟ' ବୋଲି କହିଛନ୍ତି । ଇରାନ୍ ସରକାରଙ୍କ ମତରେ, ଜାତୀୟ ଏକତା, ଧୈର୍ଯ୍ୟ ଏବଂ ସାମରିକ ଶକ୍ତି ଯୋଗୁଁ ଆମେରିକା ସେମାନଙ୍କ ସହ ଆଲୋଚନା ପାଇଁ ସହମତ ହୋଇଛି । ଇରାନ୍ ନେତୃତ୍ୱକୁ ଶେଷ କରିବା ପାଇଁ ଆମେରିକା-ଇସ୍ରାଏଲର ରଣନୀତି ବିଫଳ ହୋଇଛି ବୋଲି ଇରାନ୍‌ର ସୁପ୍ରିମ୍‌ଲିଡର ମୋଜତାବା ଖାମେନେଇ ଏବଂ ସରକାର କହିଛନ୍ତି ।

ତେବେ ଆସନ୍ତା ଶୁକ୍ରବାରଠାରୁ ପାକିସ୍ତାନରେ ଇରାନ୍-ଆମେରିକା ମଧ୍ୟରେ ଶାନ୍ତି ଆଲୋଚନା ଆରମ୍ଭ ହେବ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷେ ଇରାନ୍ ଏହି ଆଲୋଚନା ପାଇଁ ଏକ ୧୦ ସୂତ୍ରୀ ପ୍ରସ୍ତାବ ଦେଇଛି । ଏହି ପ୍ରସ୍ତାବ ଅନ୍ତର୍ଗତ ଇରାନ୍ ପୁନର୍ବାର ନିଜର ମୌଳିକ ଦାବିଗୁଡ଼ିକୁ ଦୋହରାଇଛି । ଇରାନ୍ ଦାବି ଅନୁସାରେ ଇରାନ୍ ଉପରେ ଲଗାଯାଇଥିବା ସମସ୍ତ ପ୍ରକାରର ଅର୍ଥନୈତିକ କଟକଣାକୁ ତୁରନ୍ତ ହଟାଇବା, ଆମେରିକା କବ୍‌ଜା କରିଥିବା ଇରାନର ସମ୍ପତ୍ତି ସମ୍ପତ୍ତିର ଫେରସ୍ତ, ପଶ୍ଚିମ ଏସିଆର ସମସ୍ତ ଯୁଦ୍ଧ (ଇରାକ, ଲେବାନନ୍, ୟେମନ୍ ଉପରେ ଆକ୍ରମଣ)ର ସମାଧାନ, ହର୍ମୁଜ୍ ଉପରେ କେବଳ ଇରାନ୍‌ର କର୍ତ୍ତୃତ୍ୱ ବା ଅଧିକାରକୁ ମାନ୍ୟତା ସହ ଏଠାରୁ ଟୋଲ୍ ଟିକସ ଆଦାୟକୁ ସ୍ୱୀକୃତି, ଯୁଦ୍ଧରେ ହୋଇଥିବା କ୍ଷତିର କ୍ଷତିପୂରଣ ଇତ୍ୟାଦି ସାମିଲ ରହିଛି । ଅନ୍ୟପକ୍ଷେ ଟ୍ରମ୍ପ୍ ମଧ ସୂଚନା ଦେଇଛନ୍ତି ଯେ, ଯଦି ଇରାନ ହର୍ମୁଜ ପ୍ରଣାଳୀ କୁ ସମ୍ପୂର୍ଣ୍ଣ ରୂପେ ଖୋଲିଦିଏ, ତେବେ ଆମେରିକା ନିଜର ସାମରିକ ଅଭିଯାନ ସ୍ଥଗିତ ରଖିବ । ଏତଦ୍‌ବ୍ୟତୀତ ଇରାନ୍ ନିଜ ୟୁରାନିୟମ ସମୃଦ୍ଧିକରଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ▶▶ ୬

## ଅପରିବର୍ତ୍ତିତ ରହିଲା ରେପୋ ରେଟ୍

**ନୂଆଦିଲ୍ଲୀ, ୮।୪/ଏଜେନ୍ସି:**

କ୍ରମାଗତ ଚତୁର୍ଥ ଥର ପାଇଁ ରେପୋ ହାରରେ କୌଣସି ପରିବର୍ତ୍ତନ ନକରିବାକୁ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ବସିଥିବା ମୁଦ୍ରାନୀତି କମିଟି (ଏମ୍‌ପିସି) ନିଷ୍ପତ୍ତି ନେଇଛି । ଫଳରେ ରେପୋ ହାର ପୂର୍ବବତ୍ ୫.୨୫%ରେ ହିଁ ସ୍ଥିର ବା ଅପରିବର୍ତ୍ତିତ ରଖାଯାଇଛି । ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ (ଏମ୍‌ପିସି)ର ତିନି ଦିନିଆ ବୈଠକ ସମାପ୍ତ ହୋଇଛି । ବୈଠକ ଶେଷ ହେବା ସହ ଗଭର୍ଣ୍ଣର ଶ୍ରୀ ମାଲହୋତ୍ରା ବୁଧବାର 'ରେପୋ ହାର ଉପରେ କମିଟି ନେଇଥିବା ନିଷ୍ପତ୍ତି ଘୋଷଣା କରିଛନ୍ତି । ଶ୍ରୀ ମାଲହୋତ୍ରା କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରେପୋ ହାରରେ ପରିବର୍ତ୍ତନ କରାଯିବାର କୌଣସି ଆବଶ୍ୟକତା ନଥିବା କମିଟି ହୃଦ୍‌ବୋଧ କରିଛି । ପଶ୍ଚିମ ଏସିଆ ବା ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୂ-ରାଜନୈତିକ ତଥା ଯୁଦ୍ଧ ପରିସ୍ଥିତି (ଆମେରିକା-ଇସ୍ରାଏଲ-ଇରାନ ବିବାଦ) ଯୋଗୁଁ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ବିଶ୍ୱ ଅର୍ଥନୀତିରେ ଦେଖାଦେଇଥିବା ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ସମୟରେ ସୁଧ ହାର ହ୍ରାସ କରିବା ଅପେକ୍ଷା ଆର୍ଥିକ ପଦକ୍ଷେପକୁ ସମର୍ଥନ କରିବା ଏବଂ ଅଭିବୃଦ୍ଧି ବଜାୟ ରଖିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଶ୍ରୀ ▶▶ ୬

## ୧୩୬୩ ଜେଆର୍‌ଏ ପଦବୀରେ ହେବ ନିଯୁକ୍ତି

**ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ**


**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:**

ରାଜ୍ୟର ରାଜସ୍ୱ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ୧୩୬୩ ଜୁନିଅର ରେଭେନ୍ୟୁ ଆସିଷ୍ଟାଣ୍ଟ(ଜେଆର୍‌ଏ) ପଦବୀକୁ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୂରଣ କରିବାକୁ ସ୍ୱୀକୃତି ମିଳିଛି । ଏହି ନିଯୁକ୍ତି ନିମନ୍ତେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ବୈଠକରେ ଉକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ଏହି ପଦବୀଗୁଡ଼ିକୁ ରାଜ୍ୟର ୩୦ଟି ଜିଲ୍ଲାରେ ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯିବ । ଜିଲ୍ଲା ଭିତ୍ତିକ ଖାଲି ଥିବା ପଦବୀ ସଂଖ୍ୟା ସହିତ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ସହ ମହିଳା, ଦିବ୍ୟାଙ୍ଗ, ଏକ୍ସ ସର୍ଭିସମ୍ୟାନ୍ ଏବଂ କ୍ରୀଡ଼ାବିତଙ୍କ ପାଇଁ ଆବଶ୍ୟକୀୟ ସଂରକ୍ଷଣ ନିମନ୍ତେ ଏହି ଚିଠିରେ ଉଲ୍ଲେଖ ଅଛି । ଏହି ନିଯୁକ୍ତି ସମ୍ବନ୍ଧରେ ଜିଲ୍ଲାପାଳମାନଙ୍କୁ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସଏସଏସସି) ସହ ଆଲୋଚନା କରି ଶୀଘ୍ର ଅନଲାଇନ୍ ଆବେଦନ ▶▶ ୬

# ଭିଜିଲାନ୍ସ ଜାଲରେ କୁବେର ଯନ୍ତ୍ରୀ

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:**





ଭିଜିଲାନ୍ସ ଜାଲରେ ପୁଣି ଜଣେ ସରକାରୀ ବାବୁ ପଡ଼ିଛନ୍ତି । ସେ ହେଉଛନ୍ତି କେନ୍ଦ୍ରୀୟ ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି ।

- ନଗଦ ୬ .୨୩ ଲକ୍ଷ ଟଙ୍କା ଜବତ
- ରହିଛି ୮ ପ୍ଲଟ, ୧.୭୦କୋଟିର ଜମାରାଶି
- ୧୩.୪୭ ଲକ୍ଷ ଟଙ୍କାର ବିମାନ ଟିକେଟ୍ ଠାବ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଶ୍ରୀ ମହାନ୍ତିଙ୍କ ଘର ସମେତ ୬ ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଉଛି । ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର, କଟକ, ଢେଙ୍କାନାଳ ଓ ଯାଜପୁରରେ ଚଢଉ କରାଯାଇଛ । ଚଢଉ ମଧ୍ୟରେ ଭୁବନେଶ୍ୱର ସ୍ଥିତ ଅଫିସ ଚାମ୍ବର, ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ କୋହ୍ଲସିଂଘ ଗାଁ ସ୍ଥିତ ପୈତୃକ ଘର ଓ କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୟାବଜାର ସ୍ଥିତ ଘନିଷ୍ଠ ସହଯୋଗୀଙ୍କ ଘର ଆଦି ରହିଛି । ଏହି ଚଢ଼ଉରେ ଜଣେ ଅତିରିକ୍ତ ଏସପି, ୧୧ ଡିଏସପି, ୯ ଇନ୍ସପେକ୍ଟର, ୮ ଏଏସଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି । କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ହୋଇଥିବା ଯାଞ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ଏହି ଚଢଉ କରାଯାଇଛି । ତେବେ ଚଢ଼ଉ ଜାରି ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ଭିଜିଲାନ୍ସ ଟିମ୍ ଶ୍ରୀ ମହାନ୍ତିଙ୍କ ଘରୁ ବହୁ ପରିମାଣର ସମ୍ପତ୍ତି ଠାବ କରିଛି । ଏପରିକି ପ୍ଲଟ୍, ଫାର୍ମ ହାଉସ, ଟଙ୍କା, ସୁନା ଆଦି ମଧ ଠାବ କରାଯାଇଛି । ▶▶ ୬

### ରାଉରକେଲା ବିମାନ ଦୁର୍ଘଟଣା

# ଇନ୍ଧନ ସରିଲା, ବିମାନ ଖସିଲା !

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:**

**ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋର ପ୍ରାଥମିକ ରିପୋର୍ଟ**



ଗତ ଜାନୁଆରୀ ୧୦ ତାରିଖରେ ରାଉରକେଲାର ଜଲଦା ନିକଟରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ତା'ର ପ୍ରାଥମିକ ତଦନ୍ତ ରିପୋର୍ଟ ଆସିଛି । ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ କରାଯାଇଛି । ପ୍ରାଥମିକ ରିପୋର୍ଟ ଅନୁଯାୟୀ ରାଉରକେଲାରେ ପହଞ୍ଚିବା ପୂର୍ବରୁ ହିଁ ବିମାନରୁ ଇନ୍ଧନ ସରିଆସୁଥିଲା । ଆକାଶମାର୍ଗରେ ଇନ୍ଧନ ଶେଷ ହୋଇଯିବାରୁ ବିମାନର ଇଞ୍ଜିନରେ ସମସ୍ୟା ଦେଖାଦେଇଥିଲା ଏବଂ ଶେଷରେ ଘଟିଥିଲା ସେହି ଭୟଙ୍କର ଦୁର୍ଘଟଣା । ରାଉରକେଲାଠାରୁ ପ୍ରାୟ ୩୦ ନଟିକାଲ୍ ମାଇଲ୍ ଦୂରରେ ପାଇଲଟମାନେ ଦେଖିଥିଲେ ଯେ ଇଞ୍ଜିନ ତେଲ ଚାପ କମ୍ ରହିଥିଲା । ସେମାନେ ନିରୀକ୍ଷଣ କରିବା ଆରମ୍ଭ କରିଦେଇଥିଲେ । ସେମାନେ ଲକ୍ଷ୍ୟ କରଥିଲେ ଯେ ତେଲର ଚାପ ହ୍ରାସ ପାଇବା ସହିତ ଇଞ୍ଜିନର ଶକ୍ତି ମଧ ହ୍ରାସ ପାଉଥିଲା । କମ୍ ତେଲ ଚାପ କଥା ସ୍ପଷ୍ଟ ହୋଇଯିବା ପରେ ସେମାନେ ନିକଟସ୍ଥ ଉପଯୁକ୍ତ ସ୍ଥାନରେ ଏମର୍ଜେନ୍ସୀ ଲ୍ୟାଣ୍ଡିଂ କରିବାକୁ ପ୍ରସ୍ତୁତ ହୋଇଯାଇଥିଲେ । ରାଉରକେଲା ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ ▶▶ ୬

## ପେଟ୍ରୋଲ୍ ପମ୍ପରେ ମିଳିବ ୫ କେଜିଆ ଗ୍ୟାସ୍

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:**

ଏଣିକି ପେଟ୍ରୋଲ୍ ପମ୍ପରେ ୫ କେଜିଆ ଗ୍ୟାସ୍ ମିଳିବ । ବୁଧବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୫ କେଜିଆ ଗ୍ୟାସ୍ ପ୍ରଚୁର ମାତ୍ରାରେ ଉପଲବ୍ଧ ହେବ । ଗ୍ୟାସ୍ କମ୍ପାନୀମାନେ ଉପଲବ୍ଧ କରାଇବେ । ଭାରତ ସରକାରଙ୍କର ଫ୍ରି ଟ୍ରେଡ୍ ଏଲ୍‌ପିଜି ସ୍କିମ ମାଧ୍ୟମରେ ଏହା ଉପଲବ୍ଧ ହେବ । କେବଳ ଆଇ-କାର୍ଡ ଦେଖାଇ ଗ୍ରାହକ ଏହାକୁ ନେଇପାରିବେ । ୫କେଜିଆ ଗ୍ୟାସ ନେବା ପାଇଁ ୧୫୩୭ ଟଙ୍କା ଦେବାକୁ ପଡ଼ିବ । ସେହିପରି ରିଫିଲିଂ ପାଇଁ ୫୯୩ ଟଙ୍କା ଦେବାକୁ ପଡ଼ିବ । ତେବେ ବାହାର ସିଲିଣ୍ଡର ନୁହେଁ, କେବଳ କମ୍ପାନୀ ସିଲିଣ୍ଡର ହିଁ ରିଫିଲ୍ ହେବ । ଯେଉଁ ▶▶ ୬

## ୨ କୋଟି ଆତ୍ମସାତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୫ କର୍ମଚାରୀ ଗିରଫ

**ଗଞ୍ଜାମ,୮।୪/ଏନ୍‌ଏନ୍‌ଏସ୍:**

ଗଞ୍ଜାମ ଜିଲ୍ଲା କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ କୋଟିରୁ ଅଧିକ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗରେ ଭିଜିଲାନ୍ସ ବୁଧବାର ଏହି ଡାକ୍ତରଖାନାର ୫ ଜଣ କର୍ମଚାରୀଙ୍କୁ ଗିରଫ କରିଛି । ଗିରଫ କର୍ମଚାରୀମାନେ ହେଉଛନ୍ତି ସିନିୟର ଆସିଷ୍ଟାଣ୍ଟ ଯତୀନ କୁମାର ଭୂୟାଁ, ଏମ୍‌ପିଏଚ୍‌ଡବ୍ଲ୍ୟୁ ଭାରତୀ ପ୍ରଧାନ, ଆଟେଣ୍ଡାଣ୍ଟ ଗୋପାଳ ନାହାକ, ସୁଇପର ମନୁ ନାୟକ ଓ ଆଟେଣ୍ଡାଣ୍ଟ ରାମଚନ୍ଦ୍ର ମଲ୍ଲିକ । ଅବଶ୍ୟ ଆଟେଣ୍ଡାଣ୍ଟ ରାମଚନ୍ଦ୍ର ମଲିକ ଏବେ ବେଗୁନିଆପଦା ପିଏଚ୍‌ସିରେ ଅଛନ୍ତି । ଜାଲ୍ ବକେୟା ଦରମା ବିଲ୍ କରି ସଂପୃକ୍ତ ଅଭିଯୁକ୍ତମାନେ ୨୦୨୩ରୁ ୨୦୨୫ ମଧ୍ୟରେ ଏହି ଟଙ୍କା ଆତ୍ମସାତ୍ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଏହି ମାମଲାର ତଦନ୍ତ ଜାରି ରହିଛି । ▶▶ ୬

**ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି**

# ଖୋଲିଲା କାଳିଆ ସାଆନ୍ତଙ୍କ ବାହାର ରତ୍ନଭଣ୍ଡାର

**ପୁରୀ,୮।୪/ଏନ୍‌ଏନ୍‌ଏସ୍:**



ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ରତ୍ନଭଣ୍ଡାର ଗଣତିମଣତିର ଦ୍ୱିତୀୟ ପର୍ଯ୍ୟାୟ ବୁଧବାର ଠାରୁ ଆରମ୍ଭ ହୋଇଯାଇଛି । ଆଜିଠୁ କାଳିଆ ସାଆନ୍ତଙ୍କ ରତ୍ନଭଣ୍ଡାରର ବାହାର ଭଣ୍ଡାର ଗଣତିମଣତି ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାର ଗଣତି ହୋଇଥିବା ବେଳେ ଆଜି ବାହାର ଭଣ୍ଡାର ଖୋଲା ହୋଇଛି । ଏହି ଗଣତିମଣତି ଆସନ୍ତା ୧୧ ତାରିଖ ଯାଏଁ ଚାଲିବ । ୧୨ ତାରିଖ ରବିବାର ବନ୍ଦ ରହି ପୁଣି ଥରେ ୧୩ ତାରିଖରେ ହେବ । ୧୪ ଓ ୧୫ ଦୁଇଦିନ ବନ୍ଦ ରହିବା ପରେ ୧୬ରୁ ୧୮ ତାରିଖ ତିନିଦିନ ଲଗାତାର ଜାରି ରହିବ । ଗତ ୨୫ ତାରିଖ ଦିନ ରତ୍ନଭଣ୍ଡାର ଗଣତି ଆରମ୍ଭ ହୋଇଥିଲା । ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରର ରତ୍ନ ସବୁ ଗଣାଯାଇ ୧୯୭୮ ମସିହା ତାଲିକା ସହ ମେଳକ କରାଯାଇଥିଲା । ଅଳଙ୍କାର ସବୁକୁ ଅଲଗା ଅଲଗା ସିନ୍ଦୁକରେ ରଖାଯିବା ସହ ସବୁ ରତ୍ନର କ୍ୟାଟ୍‌ଲଗ୍ ପ୍ରସ୍ତୁତ କରାଯାଇଥିଲା । ରତ୍ନଗୁଡ଼ିକର ଓଜନ କରାଯିବା ସହ ପ୍ରଥମ ଥର ପାଇଁ ମୁଖ୍ୟ ଅଳଙ୍କାରଗୁଡ଼ିକର ୩ଡି-ମ୍ୟାପିଂ କରାଯାଇଥିଲା । ତେବେ ବୁଧବାର ବାହାର ଭଣ୍ଡାର ଖୋଲା ହୋଇଥିଲା ।

ରତ୍ନଭଣ୍ଡାର ଅଳଙ୍କାର ଆଦିର ଗଣତି ▶▶ ୬



### 'ସମୟ ଲାଗୁ ପଛେ ଭଲରେ ହେଉ'

ସମୟ ଲାଗୁ ପଛେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତିମଣତି କାମ ଭଲରେ ହେଉ ବୋଲି ଗଜପତି ମହାରାଜ ଦିବ୍ୟସିଂହ ଦେବ କହିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନର ଗଣତିମଣତି କାର୍ଯ୍ୟର ଅନୁଧ୍ୟାନ କରିବା ପରେ ସେ ଏହା କହିଛନ୍ତି । ଆଜି ଗଜପତି ମହାରାଜ ଶ୍ରୀମନ୍ଦିର ଯାଇ ରତ୍ନସିଂହାସନ ସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ଗଣତି ମଣତି କାର୍ଯ୍ୟର ଅନୁଧ୍ୟାନ କରିଥିଲେ । ପରେ ଗଜପତି ମହାରାଜ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ଶୁଭ ଦିବସରେ ଆଜି ରତ୍ନଭଣ୍ଡାରର ବାହାର ଭଣ୍ଡାର ଗଣତିମଣତି ଆରମ୍ଭ ହୋଇଛି । ଆଜି ମହାପ୍ରଭୁଙ୍କ ▶▶ ୬

## ଘରେ ପଶି ମହିଳାଙ୍କୁ ଲୁହା ରଡ଼ରେ ଆକ୍ରମଣ

**ରଙ୍ଗେଇଲୁଣ୍ଡା,୮।୪/ଏନ୍‌ଏନ୍‌ଏସ୍:** ଗୋଳନ୍ଥରା ଥାନା ଅଧିନସ୍ଥ ମେଣ୍ଡରାଜପୁର ଗ୍ରାମରେ ଜଣେ ବିଧବା ମହିଳା ଘରେ ଶୋଇଥିବା ବେଳେ ଦୁଇ ଜଣ ଯୁବକ ନିଶାଶକ୍ତ ଅବସ୍ଥାରେ ଘରେ ପଶି ଲୁହା ରଡ଼ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣର ଶିକାର ଜନୈକ ମହିଳା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି । ଅଭିଯୋଗ ଅନୁଯାଇ, ଗତ ମାସ ୩ ତାରିଖରେ ମେଣ୍ଡରାଜପୁର ଗ୍ରାମ ଟି.ଲକ୍ଷ୍ମୀ ରେଡ୍ଡୀ ନିଜ ଘରେ ଶୋଇଥିବା ବେଳେ ପାନାପଲ୍ଲୀ ଗ୍ରାମର ଟି. ଭୀମା ରେଡ୍ଡୀ ଓ ଜି. ବାଲୁ ରେଡ୍ଡୀ ମହିଳାଙ୍କ ଘରେ ପଶି ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଲୁହା ରଡ଼ରେ ଲକ୍ଷ୍ମୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଫଳରେ ଲକ୍ଷ୍ମୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା । କିଛି ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଲକ୍ଷ୍ମୀ ସୁସ୍ଥ ହେବା ପରେ ଆଜି ଗୋଳନ୍ଥରା ଥାନାରେ ପହଁଞ୍ଚି ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ୍ କେସ୍ ନଂ ୧୩୮/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଆକ୍ରମଣକରୀମାନେ ଫେରାର ହୋଇଯାଇଥିବା ଜଣାପଡିଛି ।

## ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର

**ବାଲିଗୁଡା, ୮।୪/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡାସ୍ଥିତ ଆଦିବାସୀ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନାର ମିଳିତ ପ୍ରଚେଷ୍ଟାରେ ଓଡିଆ ପକ୍ଷ ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୧୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ଅଧ୍ୟକ୍ଷ ତଥା ଯୁବ ରେଡକ୍ରସ୍ ଜିଲ୍ଲା ସଂଯୋଜକ ଡ.ବିଭୁତି ଭୂଷଣ ଆଚାର୍ଯ୍ୟଙ୍କ ଆବାହକତ୍ୱରେ କାଉନସେଲର ମାନସ ରଂଜନ ପ୍ରଧାନ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ହମନ୍ ଦିବାକା, ଶ୍ରୀମତୀ ଅରୁନ୍ଧତୀ ପ୍ରଧାନ, ଡାକ୍ତର ରାମ ପାତ୍ର, ବାଲିଗୁଡା ଉପଖଣ୍ଡ ରକ୍ତ ଭଣ୍ଡାରର ରକ୍ତ ସଂଗ୍ରହକାରୀ ଦଳ ସହ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

### ଧାର୍ମିକ ଭାବଧାରାର ପ୍ରତୀକ କୈବଲ୍ୟପୁର ଦଣ୍ଡଦଳ

# ଢ଼ୋଲ ଓ ମହୁରୀ ଧ୍ୱନିରେ କମ୍ପିଲା ଗୋଲାସାହି



**ଆସିକା,୮।୪/ଏନ୍‌ଏନ୍‌ଏସ୍:** ନିଷ୍ଠା, ସାଧନା, ପରମ୍ପରା ଏବଂ ଧାର୍ମିକ ଭାବଧାରାର ଅନନ୍ୟ ପ୍ରତୀକ କୈବଲ୍ୟପୁର ଦଣ୍ଡଦଳର ଢୋଲ ଓ ମହୁରୀ ଧ୍ୱନିରେ ବୁଧବାର ଆସିକା ଗୋଲାସାହି କମ୍ପି ଉଠିଥିଲା । ଆସିକା ଏନ୍‌ଏସି ପରିସରଭୁକ୍ତ ୬ନଂ ୱାର୍ଡର ଗୋଲା ସାହି ବୁଧବାର ଶ୍ରୀ ଚନ୍ଦ୍ରକଳ୍ପେଶ୍ୱର ମା ଦକ୍ଷିଣକାଳୀ କୈବଲ୍ୟପୁର ଦଣ୍ଡଦଳର ଦଣ୍ଡନୃତ୍ୟ ପରିବେଷଣ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗୋଲାସାହି ସ୍ଥିତ ପୂଜାମହଲ ଯୁବକ ସଂଘ ଓ ଆଧ୍ୟାତ୍ମିକ ପ୍ରେମୀମାନେ ବୁଧବାର ପୂର୍ବାହ୍ନରେ ସହରର ତିରୁପତି ମନ୍ଦିର ନିକଟରେ କୈବଲ୍ୟପୁର ଦଣ୍ଡଦଳକୁ ବିଧିବିଧାନ ଅନୁଯାୟୀ ଆମନ୍ତ୍ରଣ କରିଥିଲେ । ପୂର୍ବାହ୍ନରେ କୈବଲ୍ୟପୁର ଦଣ୍ଡଦଳର ଦଣ୍ଡୁଆମାନେ ଗୋଲା ସାହିରେ ପହଞ୍ଚି ଦଣ୍ଡନୃତ୍ୟ ପାଳନର ରୀତିନୀତି ଉପରେ ଢୋଲ ବାଦ୍ୟର ତାଳେ ତାଳେ ଗୀତ ମାଧ୍ୟମରେ ଅବଗତ କରିବା ପରେ ପ୍ରଚଣ୍ଡ ଖରାରେ ଦଣ୍ଡୁଆମାନେ ଧୂଳିଦଣ୍ଡ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଆସିକା ଅଞ୍ଚଳର ବରିଷ୍ଠ ଆଧ୍ୟାତ୍ମିକପ୍ରେମୀ ଜିତେନ୍ଦ୍ର କୁମାର ମହାରଣା ଏବଂ ଆରତୀ ମହାରଣା ଏହି କାର୍ଯ୍ୟକ୍ରମରେ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ । ବୁଧବାର ଅପରାହ୍ନରେ ରଷିକୁଲ୍ୟା ନଦୀରେ କୈବଲ୍ୟପୁର ଦଣ୍ଡଦଳର ମାନସିକଧାରୀ ଦଣ୍ଡୁଆ ମାନେ ପାଣିଦଣ୍ଡ ସଂପନ୍ନ କରିବା ପରେ ବିଳମ୍ବିତ ରାତ୍ରରେ ଅଗ୍ନିଦଣ୍ଡ ପରିବେଷଣ କରିଥିଲେ । ତ୍ରିବିଧେଶ୍ୱର ଶୈବପୀଠ ପରିସରରେ କୈବଲ୍ୟପୁର ଦଣ୍ଡଦଳର ସାନ୍ଧ୍ୟ ଆଳତୀ ସମୟରେ ମହାଦେବ ଓ ମହାମାୟୀ ମା' କାଳୀଙ୍କୁ ପୂଜାର୍ଚ୍ଚନା କରିବା ଲାଗି ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିଲା । କୈବଲ୍ୟପୁର ଦଣ୍ଡଦଳର ମାନସିକଧାରୀ ଦଣ୍ଡୁଆ ଓ ଶ୍ରଦ୍ଧାଳୁ ଭକ୍ତମାନେ ମା' ଦଣ୍ଡକାଳୀଙ୍କୁ ଦର୍ଶନ କରି ବିଭୋର ହୋଇପଡିଥିଲେ । ରାତ୍ରରେ ପୌରାଣିକ ନାଟକ ଭାରତଲୀଳା ମଞ୍ଚସ୍ଥ ହୋଇଥିଲା । ଗୋଲା ସାହିର ଅଧ୍ୟାତ୍ମିକ ପ୍ରେମୀ ଜିତେନ୍ଦ୍ର କୁମାର ମହାରଣାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦଣ୍ଡଯାତ୍ରା ପରିଚାଳନାରେ ଶ୍ରଦ୍ଧାଳୁ ଭକ୍ତ ସତୀଶ୍ ଆଚାରୀ, କେ.ରବିନ୍ କୁମାର ପାତ୍ର, ଦେବାଶିଷ୍ ପଣ୍ଡା, କାହ୍ନା ଆଚାରୀ, କାଳୁ ଆଚାରୀ, ତାରିଣୀ ଆଚାରୀ, ସାଗର ମହାପାତ୍ର, ସନ୍ମୁଖ୍ ଆଚାରୀ, ରାମୁ ଆଚାରୀ, ସାଗର ମହାରଣା, ଆକାଶ ଆଚାରୀ, ସୁଭମ୍ ପାତ୍ର, ଜିତୁ ସାହୁ, ଓମ୍ ସାହୁ, ଜଗା ମହାରଣା, ସନ୍ତୋଷ ମହାରଣା, ବୁଦ୍ଧିଆ ମୁନି, ରାହୁଲ ଆଚାରୀ, ସନ୍ଦୀପ ଆଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ ।

### ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ତୃତୀୟ ଦିବସ

## ସ୍ୱକୀୟ ଶିଳ୍ପକଳା ଓ ସଂସ୍କୃତି ବ୍ରହ୍ମପୁରକୁ ସ୍ୱତନ୍ତ୍ର ପରିଚୟ ଦେଇଛି: ମନ୍ତ୍ରୀ





**ବ୍ରହ୍ମପୁର,୮।୪/ଏନ୍‌ଏନ୍‌ଏସ୍:** ଖଲ୍ଲିକୋଟ କଲେଜ ଖେଳ ପଡିଆଠାରେ ଚାଲିଥିବା ରେଶମ ସହର ମହୋତ୍ସବ ତା ସହିତ ସୁଭଦ୍ରା ଶକ୍ତି ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାର ଆଜି ଥିଲା ତୃତୀୟ ଦିବସ । ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଗଞ୍ଜାମ ମାଟିର ବଳିଷ୍ଠ ଅବଦାନ ରହିଥିଲା । ସ୍ୱକୀୟ ଶିଳ୍ପକଳା ଓ ସଂସ୍କୃତି ବ୍ରହ୍ମପୁରକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ । ସେ ଆହୁରି ମଧ କହିଥିଲେ ଯେ, ଓଡ଼ିଶାର ଦଶଟି ପ୍ରମୁଖ ସହରର ବ୍ୟାପକ ଉନ୍ନତିକରଣ ପାଇଁ ସରକାର ପରିକଳ୍ପନା କରୁଛନ୍ତି । ତା' ମଧ୍ୟରେ ବ୍ରହ୍ମପୁର ଅନ୍ୟତମ ଭାବେ ରହିଥିବା କହିଥିଲେ । ଆତ୍ମନିର୍ଭର ଭାରତ ଅଥବା ଲୋକାଲ ଫର ଭୋକାଲର ସଫଳତା ଏବଂ ଓଡିଶା ସରକାରଙ୍କ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ସେ ଗଞ୍ଜାମବାସୀଙ୍କସହଯୋଗ କାମନା କରିଥିଲେ । ଗଞ୍ଜାମର ପଞ୍ଚୁ ଦଣ୍ଡ, ସୁଭଦ୍ରା ଶକ୍ତିଙ୍କ ସାମର୍ଥ୍ୟ, ସ୍ୱଦେଶୀ ଜାଗରଣ, ଦିଗପହଣ୍ଡିର ବୋମକେଇ ପାଟ, ଲୋକାଲ ଫର ଭୋକାଲ ଫର ଲୋକାଲ ଉପରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବରିଷ୍ଠ ସମାଜସେବୀ ସରୋଜ କୁମାର ସାବତ, ଜିଲ୍ଲାପାଳ ଓ୍ୱି କୀର୍ତ୍ତି ୱାସନ,ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଆକବରମ ସସ୍ୟା ରେଡ୍ଡୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ସ୍ୱଦେଶୀ ମେଳାର ଆଞ୍ଚଳିକ ସମନ୍ୱୟକ ମନୋଜ କୁମାର ନାୟକ, ଟିପିଏସଓଡିଲର ଉପ ସାଧାରଣ ପ୍ରବନ୍ଧକ(ଅର୍ଥ) ବିନୋଦ ବିହାରୀ ନାୟକ ଯୋଗଦେଇ ଗଞ୍ଜାମ ଜିଲ୍ଲାର ସମୃଦ୍ଧ ଲୋକ କଳା, ସାହିତ୍ୟ, ସଂସ୍କୃତି, ବୈଭବ, ପାଟ, ପିତ୍ତଳ ମାଛ, ସୁଭଦ୍ରା ଓ ସ୍ୱଦେଶୀ ମେଳା ଆଦି ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ଶ୍ରୀ ଭାସନ ସ୍ୱାଗତଭାଷଣ ପ୍ରଦାନ କରିଥିଲା ବେଳେ ଆୟୁକ୍ତ କୁମାରୀ ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଜିର ସଙ୍ଗୀତମୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଏବଂ ସହଯୋଗୀଙ୍କ ସୁମଧୁର ସଂଗୀତ । ଏହା ସହିତ ମା' ବୁଢୀ ଠାକୁରାଣୀ ନାଟ୍ୟ କଳା ସଂସଦର ପ୍ରହ୍ଲାଦ ନାଟକ, ଅଂଗହାର ନୃତ୍ୟାୟନର ଓଡିଶୀ ନୃତ୍ୟ, ଆର୍ଯ୍ୟନ ଡ୍ୟାନ୍ସ ଏକାଡେମୀର ଗରବା ନୃତ୍ୟ , ଅନ୍ୱେଷା କଳା କେନ୍ଦ୍ରର ଜେମସା ନୃତ୍ୟ, ଜେ.ଡି.ଡି ଡ୍ୟାନ୍ସ ଏକାଡେମୀର ଆଧୁନିକ ନୃତ୍ୟ , ନିର୍ମଳା ଡ୍ୟାନ୍ସ ଏକାଡେମୀର ବିହୁ ନୃତ୍ୟ, ବି.ଏସ.ଆର କଲଚରାଲ ଆଣ୍ଡ ଚାରିଟେବଲ ଟ୍ରଷ୍ଟର ଆଧୁନିକ ନୃତ୍ୟ ଏବଂ ଦଶଭୁଜା ଗୋଟିପୁଅ ଅନୁଷ୍ଠାନର ଗୋଟିପୁଅ ନୃତ୍ୟକୁ ଦର୍ଶକ ମନୋଭରି ଉପଭୋଗ କରିଥିଲେ ।

## ଶିଶୁ କଥା ଦିବସ ଓ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ



**ଛତ୍ରପୁର,୭।୪/ଏନ୍‌ଏନ୍‌ଏସ୍:** 'ଓଡ଼ିଆ ପକ୍ଷ ୨୦୨୬' ପାଳନ ଅବସରରେ ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ବର୍ଣ୍ଣବୋଧ ପ୍ରତି ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି କରିବା ଲାଗି ସ୍ଥାନୀୟ ପିଏମଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ 'ଶିଶୁ କଥା ଦିବସ ଓ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲା ମାନଙ୍କୁ ବର୍ଣ୍ଣବୋଧ ଓ ବିଭିନ୍ନ ଶିଶୁ ଉପଯୋଗୀ ପୁସ୍ତିକା ବଣ୍ଟନ କରିବା ସହିତ ଖେଳକୁଦ ସହିତ ମନଦେଇ ପାଠ ପଢିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ବର୍ଣ୍ଣବୋଧ ସହିତ ମହାପୁରୁଷ ମାନଙ୍କର ଜୀବନୀ ଓ ନୀତିଶିକ୍ଷା ସମ୍ବଳିତ ପୁସ୍ତକ ଓ ପତ୍ରିକା ପଢିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଡ଼ଃ ପ୍ରଭାତୀ ମହାପାତ୍ର, ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ସମେତ ଶିକ୍ଷକ -ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ କ୍ଷ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୪୩ ୟୁନିଟ୍ ସଂଗ୍ରହ



**ବୁଗୁଡ଼ା,୮।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ପିପୁଲ୍ସ କଲେଜ ପରିସରରେ ୟୁଥ୍ ରେଡ୍ କ୍ରସ୍ ଓ ରେଡ୍ ରିବନ୍ କ୍ଲବ ୟୁନିଟ୍ ପକ୍ଷରୁ ଭାରତ ସ୍କାଉଟ ଏଣ୍ଡ୍ ଗାଇଡ୍ ୟୁନିଟ୍ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ପକ୍ଷ ପାଳନ ଅବସରରେ ଆୟୋଜିତ ଉକ୍ତ ଶିବିରକୁ କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ର ଉଦଘାଟନ କରିଥିବା ବେଳେ ଏଥିରେ ଉପାଧକ୍ଷ ହରିକୃଷ୍ଣ ନାୟକ, ଅଧାପକ ପ୍ରଦୀପ କୁମାର ଦାଶ ଓ ସଞ୍ଜୟ କୁମାର ପ୍ରଧାନ ଯୋଗ ଦେଇ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିର ଅବସରରେ କଲେଜ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିଗଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲା ବେଳେ ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଅନ୍ୟପକ୍ଷରେ ୱାଇଆରସି କୋଅର୍ଡିନେଟର ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଏହି ଶିବିରକୁ ପରିଚାଳନା କରିଥିବା ବେଳେ ଭାରତ ସ୍କାଉଟ ଏଣ୍ଡ୍ ଗାଇଡ୍ ୟୁନିଟର ରୋଭର ଲିଡର ଅଧ୍ୟାପକ ଆତ୍ମପ୍ରକାଶ ନାୟକଙ୍କ ସମେତ ୱାଇଆରସି ଭଲ୍ୟୁଣ୍ଟିଅରସ୍ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

## ସ୍ୱାକ୍ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ




**ଫୁଲବାଣୀ, ୮।୪/ଏନ୍‌ଏନ୍‌ଏସ୍:** ଟିକାବାଲି ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ସରକାରୀ ଅଭ୍ୟାସ ମଧ ଇଂରାଜୀ ବିଦ୍ୟାଳୟ ଠାରେ ସ୍ୱାକ୍ ତରଫରୁ ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଆରମ୍ଭରେ ସହସମ୍ପାଦକ ସଞ୍ଜୀବ ଦିଗାଲ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅତିଥିମାନଙ୍କ ପରିଚୟ ଦେଇ ସ୍ୱାଗତ ଜଣାଇଥିଲେ । ସମ୍ପାଦକ ହୃଷିକେଶ ପ୍ରଧାନ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଅତିଥିମାନଙ୍କୁ ଅବଗତ କରାଇଥିଲେ । ମୁଖ୍ୟ ଅତିଥି ଭାବେ ଟିକାବାଲିର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ପ୍ରଶିକ୍ଷକ ଜିତେନ୍ଦ୍ର ଡାକୁଆ ଯୋଗଦେଇ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଟୁନି କୁମାରୀ ଛାତ୍ରଛାତ୍ରୀମାନଙ୍କୁ ସୁସ୍ଥ ଜୀବନ ଶୈଳୀ ଅନୁସରଣ କରିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ସଭ୍ୟ ସନ୍ତୋଷ ଦିଗାଲ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ ସ୍ଲୋଗାନ ପ୍ରସ୍ତୁତ କରିଥିଲେ ଏବଂ ଯୋଗ ପ୍ରଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଯୋଗାଭ୍ୟାସର ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ସଭାପତି ଆମନ ଚନ୍ଦ୍ର ନାୟକ, ଉପସଭାପତି ସସ୍ମିତା ମଲ୍ଲିକ, କୋଷାଧକ୍ଷ ସାମନ୍ତ ଶେଖର ନାୟକ, ସଭ୍ୟା ମିନାକ୍ଷୀ ପ୍ରଧାନ ଓ ଶିକ୍ଷୟିତ୍ରୀ ସୁଷମା ଦେବୀ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରୀ ଉପସ୍ଥିତ ସମସ୍ତଙ୍କ ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ କାର୍ଯ୍ୟକ୍ରମ ସଫଳତାର ସହ ପାଳିତ ହୋଇଥିଲା ।

# ସର୍ଭାଇକାଲ୍ କ୍ୟାନ୍‌ସର ଟିକା ନେଲେ ୧୪୦ ଡାକ୍ତରୀ ଛାତ୍ରୀ



**ବ୍ରହ୍ମପୁର,୮।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍‌ପିଟାଲରେ ୧୪୦ ଡାକ୍ତରୀ ଛାତ୍ରୀଙ୍କୁ ସର୍ଭାଇକାଲ୍ କ୍ୟାନ୍ସରରୁ ସୁରକ୍ଷିତ କରିବା ପାଇଁ ଆଜି ଟିକାକରଣ କରାଯାଇଛି । ଏମାନଙ୍କ ବୟସ ସୀମା ୧୫ ରୁ ୨୬ ବର୍ଷ ଥିଲା । ଛାତ୍ରୀମାନେ ଅତି ଆଗ୍ରହ ସହକାରେ ଏହି ଟିକା ନେଇଥିଲେ । ବ୍ରହ୍ମପୁରରେ ଅବସ୍ଥାପିତ ଅବ୍‌ଷ୍ଟେଟ୍ରିକ୍ସ ଏଣ୍ଡ ଗାଇନୋଲୋଜି ସୋସାଇଟି ମାଧ୍ୟମରେ ମାଗଣାରେ ଏହି ହ୍ୟୁମାନ ପାପିଲମା ଭାଇରସ(ଏଚ୍‌ପିଭି) ଟିକାକରଣ କରାଯାଇଛି । ପୂର୍ବରୁ ୧୬୦ ଜଣ ଛାତ୍ରୀଙ୍କୁ ଏଭଳି ଭାବେ ଟୀକାକରଣ କରାଯାଇଥିଲା । ଏହି ଅବସରରେ ଜାତୀୟ ସ୍ତରରେ ଖ୍ୟାତି ସମ୍ପନ୍ନ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଭାରତୀ ମିଶ୍ର, ଡାକ୍ତର ଇନ୍ଦିରା ପାଳ, ଡାକ୍ତର ପି ସୁଲେଖା ପ୍ରମୁଖ ଉପସ୍ଥିତ ଥିଲେ । ସେରମ ଇନଷ୍ଟିଚ୍ୟୁଟ ଦ୍ୱାରା ଭାରତରେ ସ୍ୱଦେଶୀ ଢାଞ୍ଚାରେ ନିର୍ମିତ ସେର୍ଭାଭେକ ଏଚ୍‌ପିଭି ଟୀକା ସମସ୍ତଙ୍କୁ ଏହି କ୍ରମରେ ଦିଆଯାଉଛି ବୋଲି ଫିଲଡ ଷ୍ଟାଫ ଏସ ଶ୍ରୀନିବାସ ଓ ବୀରେନ୍ଦ୍ର ଦୋରା ପ୍ରକାଶ କରିଛନ୍ତି । ଏଚ୍‌ପିଭିର ୬, ୧୧, ୧୬ ଓ ୧୮କୁ ସର୍ଭାଭେକ ପ୍ରତିହତ କରିଥାଏ । ପ୍ରସିଦ୍ଧ ଶତାୟୁ ସ୍ତ୍ରୀରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର କେ. ଲକ୍ଷ୍ମୀବାଇ କିଶୋରୀ କନ୍ୟାମାନଙ୍କ ପାଇଁ ସର୍ଭାଇକାଲ୍ କ୍ୟାନ୍ସର ଟିକାକରଣକୁ ସମର୍ଥନ କରିବାରେ ପୂର୍ବରୁ ଯେଉଁ ୩ ଲକ୍ଷ ଟଙ୍କା ସୋସାଇଟିକୁ ଦାନ କରିଛନ୍ତି, ତାହାର ଅଂଶ ସ୍ୱରୂପ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସପିଟାଲ ବ୍ରହ୍ମପୁରରେ ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଭାରତରେ ଏଚ୍‌ପିଭି ଯୋଗୁଁ ପ୍ରତିବର୍ଷ ହଜାର ହଜାର ମହିଳା ସର୍ଭିକାଲ କ୍ୟାନ୍ସରରେ ମୃତ୍ୟୁବରଣ କରିଥାନ୍ତି । ଏହାକୁ ପ୍ରତିହତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ଟୀକାକରଣ କାର୍ଯ୍ୟକ୍ରମରେ ବର୍ଷକୁ ୧ କୋଟି ୧୫ ଲକ୍ଷ ଝିଅଙ୍କୁ ସାମିଲ କରିବାକୁ ବର୍ତ୍ତମାନ ଦେଶବ୍ୟାପି ସ୍କୁଲ, ହସ୍ପିଟାଲ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଏହି ଅଭିଯାନ ଚାଲିଥିବା ଜଣାପଡିଛି ।

## ଆଧ୍ୟାତ୍ମିକପ୍ରେମୀ ଅଚ୍ୟୁତାନନ୍ଦଙ୍କ ବିୟୋଗରେ ଶୋକ

**ଆସିକା,୮।୪/ଏନ୍‌ଏନ୍‌ଏସ୍:** ଆସିକା ପୌର ପରିଷଦ ଅଧୀନସ୍ଥ ୨ ନମ୍ବର ୱାର୍ଡ ବାଣିବିହାର ତୃତୀୟ ଲାଇନ୍ ଅଞ୍ଚଳର ଜଣାଶୁଣା ଆଧ୍ୟାତ୍ମିକପ୍ରେମୀ ତଥା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅଚ୍ୟୁତାନନ୍ଦ ବେହେରା(୬୫)ଙ୍କ ପରଲୋକ ଘଟିଛି । ସ୍ୱର୍ଗତ ବେହେରା ଅତ୍ୟନ୍ତ ମେଳାପୀ, ପରୋପକାରୀ, ଆଧ୍ୟାତ୍ମିକପ୍ରେମୀ ବ୍ୟକ୍ତି ରୂପେ ଆସିକା ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି । ଅନ୍ତିମ ସଂସ୍କାର କାର୍ଯ୍ୟ ଶୋକାକୁଳ ପରିବେଶ ମଧ୍ୟରେ ପବିତ୍ର ଋଷିକୁଲ୍ୟା ଓ ବଡନଦୀର ସଂଗମ ସ୍ଥଳ ଉତ୍ତରବାଙ୍କ ନିକଟରେ ସଂପନ୍ନ ହୋଇଛି । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ କୁନି ବେହେରା, ପୁତ୍ର ସାଇପ୍ରସାଦ ବେହେରା, କନ୍ୟା ରଶ୍ମିତା ବେହେରା ଓ ସାଇକ୍ରିଷ୍ଣା ବେହେରା ଏବଂ ସାଇକାବେରୀ ବେହେରାଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଆସିକା ସତ୍ୟସାଇ ସେବା ସମିତିର ଦୀର୍ଘ ବର୍ଷର ସକ୍ରିୟ ସଦସ୍ୟ ଅଚ୍ୟୁତାନନ୍ଦ ବେହେରାଙ୍କ ଅକାଳ ବିୟୋଗରେ ଆଧ୍ୟାତ୍ମିକପ୍ରେମୀ ମନୋଜ କୁମାର ଦାଶ, ମନୋଜ କୁମାର ମିଶ୍ର, ଅଜିତ୍ କୁମାର ପଟ୍ଟନାୟକ, ଧନଞ୍ଜୟ ମହାପାତ୍ର, ଭି.କ୍ରିଷ୍ଣାସ୍ୱାମୀ ରାଓ, ଭବାନୀ ଶଙ୍କର ପଟ୍ଟନାୟକ, ଶ୍ରୀନିବାସ ରାଓ, ଏମ୍.କାମେଶ୍ୱର ରାଓ ଆଚାରୀ, ସମାଜସେବୀ ଇଂ ସଚ୍ଚିଦାନନ୍ଦ



ରାଉତ, ପ୍ରଦୀପ କୁମାର ପାଣିଗ୍ରାହୀ, ଦିଲୀପ କୁମାର ପାଣିଗ୍ରାହୀ, ଅରୁଣ କୁମାର ପାଣିଗ୍ରାହୀ, ସୁରେନ୍ଦ୍ରନାଥ ବେହେରା, ରାମଶରଣ ମହାପାତ୍ର, ନିଗମାନନ୍ଦ ରାଉତ, ବିଶ୍ୱନାଥ ସେଠୀ, ରବିନ୍ଦ୍ର କୁମାର ବେହେରା, ଭଜରାମ ଲେଙ୍କା, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଲିଲି ମିଶ୍ର, ବିଦ୍ୟାଧର ବେହେରାଙ୍କ ସମେତ ବହୁ ସଚେତନ ନାଗରିକ, ବୁଦ୍ଧିଜିବୀ, ଶିକ୍ଷାବିତ୍, ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକପ୍ରକାଶ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

କଟକ ରାମଦାସପୁରରେ ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ଆପାରେଲ୍ ୟୁନିଟ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ବୟନ ଓ ପୋଷାକ ଶିଳ୍ପ ପାଇଁ ଓଡ଼ିଶା ଏକ ହବ୍‌ରେ ପରିଣତ ହେବ

**ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତିରେ ନୂଆ ଅଧ୍ୟାୟ**

**୭୫୦ କୋଟି ଟଙ୍କା ବିନିଯୋଗ, ୫୮୦୦ ନିଯୁକ୍ତି ସୃଷ୍ଟି**

**ଆଗାମୀ ଦିନରେ ନିଯୁକ୍ତି କ୍ଷେତ୍ରରେ ରିଭର୍ସ ମାଇଗ୍ରେସନ୍ ହେବ**



**ଭୁବନେଶ୍ୱର,କଟକ,୮।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ଖୁବ୍‌ଶୀଘ୍ର ବୟନ ଓ ପୋଷାକ ଶିଳ୍ପ ପାଇଁ ଏକ ହବ୍‌ରେ ପରିଣତ ହେବ। ବ୍ୟାପକ ଶିଳ୍ପାୟନ ଯୋଗୁଁ ଆଗାମୀ ଦିନରେ ଓଡ଼ିଶାରେ ନିଯୁକ୍ତି ପାଇଁ ଆଉ ମାଇଗ୍ରେସନ୍ ନ ହୋଇ, ରିଭର୍ସ ମାଇଗ୍ରେସନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର କଟକ ଜିଲ୍ଲାର ରାମଦାସପୁର ଠାରେ ପେଜ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସ୍ଥାପିତ ଏକ ବୃହତ ଆପାରେଲ୍ ମ୍ୟାନୁଫାକ୍‌ଚରିଂ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ପ୍ରାୟ ୭୫୦ କୋଟି ଟଙ୍କା ବିନିଯୋଗରେ ସ୍ଥାପିତ ଏହି ଉଦ୍ୟୋଗ ଦ୍ୱାରା ୫,୮୦୦ରୁ ଅଧିକ ଯୁବକ-ଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ, ଆଜି ଏହି ପେଜ୍-ଇଣ୍ଡଷ୍ଟ୍ରିଜ୍‌ର ଆଉ ଗୋଟିଏ ୟୁନିଟ୍‌ର ଭୁଇଁପୁର ଠାରେ ଶିଳାନ୍ୟାସ କରାଯାଇଛି। ୨୫୮ କୋଟି ଟଙ୍କା ବିନିଯୋଗରେ ଏହାର ଭୁଇଁପୁର ୟୁନିଟ୍‌ରେ ୩୫୦୦ ନିଯୁକ୍ତି ସୃଷ୍ଟି ହେବ। ଏହା ସହିତ ଆଜି ଭୁଇଁପୁର ଠାରେ ମଧ୍ୟ ମାସ୍ ଇଣ୍ଡିଆ କ୍ଲୋଥିଂ ପ୍ରାଇଭେଟ ଲିମିଟେଡର ଟେକ୍ସଟାଇଲ ପ୍ଲାଣ୍ଟର ଶିଳାନ୍ୟାସ କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ବୟନ ଓ ପୋଷାକ ଶିଳ୍ପ ଉପରେ ଫୋକସ୍ ରଖିଛନ୍ତି। ଏହି କ୍ଷେତ୍ରରେ କମ୍ ପୁଞ୍ଜି ବିନିଯୋଗରେ ଅଧିକ ନିଯୁକ୍ତି ଅବସର ମିଳିଥାଏ। ବିଶେଷକରି ମହିଳାମାନଙ୍କୁ ଅଧିକ ନିଯୁକ୍ତି ମିଳେ। ନିଯୁକ୍ତି ଓ ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶାରେ ନୂଆ ନୂଆ ଆପାରେଲ୍ ଇଣ୍ଡଷ୍ଟ୍ରି ସ୍ଥାପନ କରୁଛନ୍ତି। ଖୋର୍ଦ୍ଧା, କଟକ, ଗଞ୍ଜାମ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବ୍ୟାପକ ସଂଖ୍ୟାରେ ଟେକ୍ସଟାଇଲ ଓ ଆପାରେଲ୍ ଉଦ୍ୟୋଗ ପ୍ରତିଷ୍ଠା କରାଯାଉଛି। ଗତବର୍ଷ ଜୁଲାଇ ମାସରେ ଓଡ଼ିଶାରେ ଟେକ୍ସଟାଇଲ ସମିଟ୍ ହୋଇଥିଲା। ପ୍ରାୟ ୭୮୦୦ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଥିଲା। ଏହିସବୁ ପ୍ରସ୍ତାବ ଗୁଡ଼ିକ ଏବେ ଦ୍ରୁତ ଗତିରେ କାର୍ଯ୍ୟକାରୀ ହେଉଛି। ସେ କହିଥିଲେ ଯେ, ଶିଳ୍ପାୟନ ଦ୍ୱାରା କେବଳ ନିଯୁକ୍ତି ସୃଷ୍ଟି ନୁହେଁ, ବରଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, ସ୍ଥାନୀୟ ସପ୍ଲାଇ ଚେନ୍ ଓ ଦକ୍ଷତା ବିକାଶରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ। ଏହା ଏକ ସୁଦୃଢ଼ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ ଗଠନ କରେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଓଡ଼ିଶା ପାଇଁ ଶିଳ୍ପ ଉନ୍ନତିରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆଜି ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ୪୧ ହଜାର କୋଟି ଟଙ୍କାର ଅନେକ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଥିବା ବେଳେ, ଏହି ନୂଆ ଆପାରେଲ୍ ୟୁନିଟ୍ ରାଜ୍ୟରେ ଟେକ୍ସଟାଇଲ୍ ଓ ପୋଷାକ ଶିଳ୍ପକୁ ଆହୁରି ଗତିଶୀଳ କରିବ। ସେ ଆହୁରି କହିଥିଲେ ଯେ, ଆଜି ଦିନରେ ପ୍ରାୟ ୬୦ ହଜାର ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି, ଯାହା ଓଡ଼ିଶାର ଯୁବଶକ୍ତି ପାଇଁ ଏକ ନୂଆ ଆଶା ଜଗାଇଛି।

ସେ କହିଥିଲେ ଯେ, ଓଡ଼ିଶାକୁ ପୂର୍ବ ଭାରତର "ସୁରାଟ" କିମ୍ବା "ତିରୁପୁର" ଭାବେ ଗଢି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଟେକ୍ସଟାଇଲ୍ ଓ ଆପାରେଲ୍ କ୍ଷେତ୍ରରେ ଦକ୍ଷ ଓଡ଼ିଆ କାରିଗରମାନଙ୍କ ସମ୍ଭାବନାକୁ ରାଜ୍ୟରେ ହିଁ ଉପଯୋଗ କରିବା ପାଇଁ ନୀତିଗତ ସୁଧାର ଓ ଶିଳ୍ପ-ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି। ସେ ଆହୁରି କହିଥିଲେ ଯେ, ରାଜ୍ୟରେ ଆପାରେଲ୍ ପାର୍କଗୁଡିକରେ 'ପ୍ଲଗ୍ ଆଣ୍ଡ ପ୍ଲେ' ସୁବିଧା ଅର୍ଥାତ୍ ଜମି, ବିଜୁଳି, ପାଣି ଓ ଯାତାୟାତ ସହିତ ସମସ୍ତ ମୌଳିକ ଢାଞ୍ଚା ଉପଲବ୍ଧ କରାଯାଉଛି। ଏହାଦ୍ୱାରା ନିବେଶକମାନଙ୍କ ପାଇଁ ଓଡ଼ିଶା ଏକ ଆକର୍ଷଣୀୟ ଗନ୍ତବ୍ୟ ହୋଇପାରିଛି। ଟେକ୍ସଟାଇଲ୍ କ୍ଷେତ୍ରରେ ପ୍ରାୟ ୭,୨୧୨ କୋଟି ଟଙ୍କାର ବିନିଯୋଗ ଓ ୪୦ ହଜାର ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ସାଲେପୁରର ଝିଅ ସ୍ୱର୍ଣ୍ଣପ୍ରଭା ରାଉତରାୟ ଓ ମୟୂରଭଞ୍ଜର ଝିଅ ଯମୁନା ଟୁଡୁ, ଯିଏକି ତାମିଲନାଡୁରୁ ଆସି ଓଡ଼ିଶା ଟେକ୍ସଟାଇଲ ଇଣ୍ଡଷ୍ଟ୍ରି ରେ କାର୍ଯ୍ୟକରୁଛନ୍ତି ସେମାନଙ୍କ ସହ ବାର୍ତ୍ତାଳାପ କରି ତାଙ୍କର ଅଭିଜ୍ଞତା ଓ ଦକ୍ଷ କାର୍ଯ୍ୟ ପ୍ରଣାଳୀ ବିଷୟରେ ଜାଣିବାକୁ ପାଇଥିଲେ।

ଶିଳ୍ପ ଓ ନିଯୁକ୍ତି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ସରକାରଙ୍କ ଫୋକସ୍ ହେଉଛି କିପରି ଇଣ୍ଡଷ୍ଟ୍ରି ଜରିଆରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରାଯାଇପାରିବ। ଏହି ସବୁ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅନେକ ଏମଏସଏମଇ ମଧ୍ୟ ଗଢ଼ି ଉଠିବ, ଯାହାଦ୍ୱାରା ଅନେକ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପାଇବେ।

ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇ କହିଥିଲେ ଯେ ଟେକ୍ସଟାଇଲ ଇଣ୍ଡଷ୍ଟ୍ରି ଓଡ଼ିଶାର ଶିଳ୍ପ ବିକାଶରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ଆମର ଦକ୍ଷ ମାନବ ସମ୍ବଳ ପାଇଁ ରାଜ୍ୟରେ ପୁଞ୍ଜି ନିବେଶ ଅନେକ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ୍ ସିନ୍ଧେ, ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଭି.ଏସ୍. ଗଣେଶ୍ ଓ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର କେ.ଶ୍ରୀନିବାସନ୍ ପ୍ରମୁଖ ଉପସ୍ଥିତ ଥିଲେ।

ମେ' ୫ରୁ ୧୬ ସିପିଇଟି

## ୫୦ ସ୍ନାତକୋତ୍ତର ବିଷୟ ପାଇଁ ହେବ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ଆସନ୍ତା ମେ' ମାସ ୫ ତାରିଖରୁ ଆରମ୍ଭ ହେବ ସିପିଇଟି (କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ) ପ୍ରବେଶିକା ପରୀକ୍ଷା। ଏହି ପରୀକ୍ଷା ମେ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ଆଜି ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଏସଏସବି) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସମୁଦାୟ ୫୦ଟି ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ୨ଟି ସିଫ୍ଟରେ ପରୀକ୍ଷା ହେବ। ପ୍ରଥମ ସିଫ୍ଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତ୍ତର ବିଷୟ ପାଇଁ ଛାତ୍ରଛାତ୍ରୀ ପୂର୍ବାହ୍ଣ ୧୦ଟାରୁ ୧୧.୪୦ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ସେହିପରି ଦ୍ୱିତୀୟ ସିଫ୍ଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତ୍ତର ବିଷୟ ପାଇଁ ଛାତ୍ରଛାତ୍ରୀ ଅପରାହ୍ଣ ୩ଟାରୁ ୪.୪୦ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ପ୍ରଥମ ଦିନରେ (ମେ' ୫ ତାରିଖ ଦିନ) ବାଣିଜ୍ୟ, ବାୟୋଟେକ୍ନୋଲୋଜି, ସୋସିଓଲୋଜି, ପରିବେଶ ବିଜ୍ଞାନ, ଏଜୁକେସନ, ଆନଥ୍ରୋପୋଲୋଜି (କଳା) ଆଦି ବିଷୟ ପାଇଁ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଏପ୍ରିଲ ୩୦ ତାରିଖରୁ ଏସଏସବି ୱେବସାଇଟରେ ପରୀକ୍ଷାର୍ଥୀଙ୍କ ଆଡ଼ମିଟ କାର୍ଡ଼ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ନିଜର ଆଡମିଟ କାର୍ଡ ଡାଉନଲୋଡ୍ କରିପାରିବେ। ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ବିଜେଡି ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ରଙ୍କ ଇସ୍ତଫା

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ରାଜ୍ୟସଭାରେ ବିଜେଡିର ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ର ଇସ୍ତଫା ଦେଇଛନ୍ତି । ସସ୍ମିତ ନିଜର ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇଥିବା ସୂଚନା ମିଳିଛି। ୨୦୨୨ ମସିହାରୁ ସସ୍ମିତ ବିଜେଡିର ସଂସଦୀୟ ଦଳ ନେତା ରହିଥିଲେ। ତେବେ ସସ୍ମିତଙ୍କ ଇସ୍ତଫାର କାରଣ ସ୍ପଷ୍ଟ ହୋଇନାହିଁ। ନିକଟରେ ବିଜୁ ବାବୁଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସେ ସଂସଦର ଏକ କମିଟିର ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ।

## ସ୍ତ୍ରୀ ତଣ୍ଟିକାଟି ହତ୍ୟା କଲା ସ୍ୱାମୀ

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ଏୟାରଫିଲ୍ଡ ଥାନା ସୁନ୍ଦରପଦା ଅଞ୍ଚଳରେ ବୀଭତ୍ସ ହତ୍ୟା। ସ୍ତ୍ରୀ ତଣ୍ଟିକାଟି ହତ୍ୟା କଲା ସ୍ୱାମୀ। ସମୟ- ଦିନ ପ୍ରାୟ ୧୨ଟା। ଭୁବନେଶ୍ୱର ଏୟାରଫିଲଡ୍ ଥାନାରେ ପହଞ୍ଚିଲେ ଜଣେ ବ୍ୟକ୍ତି। ପୁଲିସକୁ କହିଲେ ସ୍ତ୍ରୀକୁ ମାରି ଦେଇଛି, ମୋତେ ଗିରଫ କର। ଏକଥା ଶୁଣି ସତ ଜାଣିବାକୁ ପୁଲିସ ସ୍ୱସ୍ତିକନଗର ଘରେ ପହଞ୍ଚିବା ପରେ ଯାହା ଦେଖିଲା, ତାହା ଥିଲା ଅତି ଭୟଙ୍କର। ରକ୍ତରେ ଭାସୁଥିଲା ବେଡରୁମ୍, ତଳେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲେ ମହିଳା। ୫୫ ବର୍ଷୀୟା ପ୍ରିୟମ୍ବଦା ଷଡ଼ଙ୍ଗୀ। ୬୨ ବର୍ଷୀୟ ଦେବରାଜ ଷଡ଼ଙ୍ଗୀ ନିଜ ପତ୍ନୀଙ୍କୁ ପରିବା କଟା ଛୁରୀରେ ଅତି ନିର୍ମମ ଭାବରେ ତଣ୍ଟିକୁ କାଟି ଦେଇଥିଲେ। ପରେ ପୁଲିସ ନିକଟରେ ସରେଣ୍ଡର କରିଛନ୍ତି। ହତ୍ୟାକାଣ୍ଡକୁ ଗ୍ରହଣ କରିପାରୁନାହାନ୍ତି ଦେବରାଜଙ୍କ ଝିଅ ଓ ସମ୍ପର୍କୀୟ। ଝିଅଙ୍କ କହିବା କଥା, ଦିନ ପ୍ରାୟ ୧୧ଟା ବେଳେ ମାଆଙ୍କ ସୁନା ଗହଣା ଓ ଟଙ୍କା ନେଇ ଦେଇ ଆସିଥିଲେ। ପରେ ପରେ ପୁଲିସ ପାଖରୁ ହତ୍ୟା ଖବର ଶୁଣି ତାଜୁବ ହୋଇଗଲେ ଝିଅ। ଅବସରପ୍ରାପ୍ତ ଦେବରାଜ ଷଡ଼ଙ୍ଗୀ ଦୁଇ ବର୍ଷ ତଳେ ଚାକିରିରୁ ଅବସର ନେଇ ନୂଆ ଘର କରି ଖୁସିରେ ରହୁଥିଲେ। ଗୋଟିଏ ବୋଲି ଝିଅର ବାହାଘର ସରିଥିଲା। କିଛି ଅଭାବ ନଥିଲା, ସବୁ କିଛି ଠିକଠାକ୍ ଚାଲିଥିଲା। କିନ୍ତୁ ହଠାତ କାହିଁକି ଜଣେ ନିର୍ଦ୍ଦୟ ହତ୍ୟାକାରୀ ପାଲଟିଗଲେ ଦେବରାଜ ତାକୁ ନେଇ ପ୍ରଶ୍ନ ଉଠିଛି।

# ଆସନ୍ତୁ, ଆମ ନାରୀ ଶକ୍ତିଙ୍କୁ ସଶକ୍ତ କରିବା !



**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ଆଉ କିଛି ଦିନ ପରେ, ସମଗ୍ର ଭାରତବର୍ଷ ଉତ୍ସବ ମୁଖର ହୋଇଉଠିବ ଏବଂ ଦେଶର କୋଣ ଅନୁକୋଣରେ ହର୍ଷଉଲ୍ଲାସର ସହ ପାର୍ବଣର ପରିବେଶ ଦେଖିବାକୁ ମିଳିବ। ଆସାମର ଲୋକମାନେ ବିହୁ ପାଳନ କରିବାକୁ ଯାଉଥିବା ବେଳେ ଓଡ଼ିଶାବାସୀ ମହାବିଷୁବ ପଣା ସଂକ୍ରାନ୍ତି ପାଳିବେ। ପଶ୍ଚିମବଙ୍ଗରେ ପୋଇଲା ବୈଶାଖ ପାଳନ ସହିତ ବଙ୍ଗୀୟ ନବବର୍ଷର ଶୁଭାରମ୍ଭ ହେବ। କେରଳରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହିତ ବିଶୁ ପାଳନ କରାଯିବ। ସେହିପରି ତାମିଲନାଡୁରେ ପୁଥାଣ୍ଡୁ ପାଳିତ ହେବାକୁ ଥିବା ବେଳେ ପଞ୍ଜାବ ଓ ଉତ୍ତର ଭାରତର ଅନ୍ୟ ପ୍ରାନ୍ତରେ ବୈଶାଖୀ ପାଳନ କରାଯିବ। ଏସବୁ ପର୍ବପର୍ବାଣୀ ସକାରାତ୍ମକତା ସହିତ ଆଶାର ଏକ ଭାବନା ସୃଷ୍ଟି କରିବ। ଭାରତ ଓ ବିଦେଶରେ ଏସବୁ ପର୍ବପର୍ବାଣୀ ପାଳନ କରୁଥିବା ସମସ୍ତଙ୍କୁ ମୋର ଶୁଭକାମନା। ଏସବୁ ପବିତ୍ର ପର୍ବପର୍ବାଣୀ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ନେଇ ଆସୁ । ଏହା ସହିତ, ଏପ୍ରିଲ୍ ୧୧ ତାରିଖରେ ଆମେ ମହାତ୍ମା ଫୁଲେଙ୍କ ୨୦୦ତମ ଜନ୍ମ ବାର୍ଷିକୀ ପାଳନ ଆରମ୍ଭ କରିବା ଏବଂ ୧୪ ତାରିଖରେ ସମଗ୍ର ଭାରତ ଆମ୍ବେଦକର ଜୟନ୍ତୀରେ ଡକ୍ଟର ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବ। ଏହି ବିଶେଷ ଅବସରଗୁଡ଼ିକ ସହିତ, ଯେତେବେଳେ ଆମର ହୃଦୟ ଓ ମନରେ ନୂତନ ଜାଗରଣର ଭାବନା ଭରିଯାଏ, ସେତିକିବେଳେ ଆମ ଦେଶ ଆଉ ଏକ ଐତିହାସିକ ମୁହୂର୍ତ୍ତର ଦ୍ୱାରଦେଶରେ ଛିଡ଼ା ହୋଇଛି। ଆମ ଗଣତନ୍ତ୍ରର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଏବଂ ସମାନତା ଓ ଅନ୍ତର୍ଭୁକ୍ତୀକରଣ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିବା ପାଇଁ ଏହା ଏକ ଶ୍ରେଷ୍ଠ ସୁଯୋଗ।

ଆସନ୍ତା ଏପ୍ରିଲ୍ ୧୬ ତାରିଖରେ, ମହିଳା ସଂରକ୍ଷଣକୁ ଆଗକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ଓ ଏହାକୁ ଗୃହୀତ କରିବା ନିମନ୍ତେ ସଂସଦର ଅଧିବେଶନ ବସିବ। ଏହାକୁ କେବଳ ଏକ ଆଇନଗତ କାର୍ଯ୍ୟ ଭାବରେ ବର୍ଣ୍ଣନା କରିବା ନ୍ୟୁନ ହେବ। ଏହା ଭାରତର କୋଟି କୋଟି ମହିଳାଙ୍କ ଆକାଂକ୍ଷାର ପ୍ରତିବିମ୍ବ। ମହିଳାଙ୍କ ଉନ୍ନତି ହେଲେ ସମାଜର ପ୍ରଗତି ହୋଇପାରିବ। ଏହା ହେଉଛି ସେହି ସିଦ୍ଧାନ୍ତର ସୁଦୃଢ଼ୀକରଣ ଯାହା ଦୀର୍ଘ ସମୟ ଧରି ଆମ ସଭ୍ୟତାଗତ ଭାବନାକୁ ମାର୍ଗଦର୍ଶନ କରି ଆସିଛି । ଭାରତର ଜନସଂଖ୍ୟାର ପ୍ରାୟ ଅଧା ଭାଗ ହେଉଛନ୍ତି ମହିଳା। ଆମ ଦେଶ ଗଠନରେ ସେମାନଙ୍କର ଅବଦାନ ଅତୁଳନୀୟ ତଥା ଅମୂଲ୍ୟ। ଆଜି ଭାରତର ପ୍ରତିଟି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ସଫଳତା ହାସଲ କରୁଥିବାର ଦେଖିବାକୁ ମିଳୁଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଠାରୁ ଆରମ୍ଭ କରି ଉଦ୍ୟୋଗ ପର୍ଯ୍ୟନ୍ତ, କ୍ରୀଡ଼ା ଠାରୁ ପ୍ରତିରକ୍ଷା ବାହିନୀ ଏବଂ ସଙ୍ଗୀତ ଠାରୁ କଳା ପର୍ଯ୍ୟନ୍ତ - ସବୁଠି ମହିଳାମାନେ ଭାରତର ପ୍ରଗତିର ଅଗ୍ରଭାଗରେ ରହିଛନ୍ତି। ବିଗତ ବର୍ଷଗୁଡ଼ିକରେ, ମହିଳା ସଶକ୍ତିକରଣ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ନିରନ୍ତର ପ୍ରୟାସ କରାଯାଇଛି। ଶିକ୍ଷା କ୍ଷେତ୍ରରେ ସୁଯୋଗ, ଉନ୍ନତ ସ୍ୱାସ୍ଥ୍ୟସେବା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ମୌଳିକ ସୁବିଧା ସୁଯୋଗର ଉପଲବ୍ଧତା ସାମାଜିକ ଓ ଅର୍ଥନୈତିକ ଜୀବନରେ ମହିଳାମାନଙ୍କ ଭାଗିଦାରୀକୁ ଆହୁରି ସୁଦୃଢ଼ କରିଛି ।

ଏହା ସତ୍ତ୍ୱେ, ରାଜନୀତି ଏବଂ ବିଧାନପାଳିକା କ୍ଷେତ୍ରରେ ସେମାନଙ୍କର ପ୍ରତିନିଧିତ୍ୱ ସମାଜରେ ସେମାନଙ୍କର ଭୂମିକା ଅନୁସାରେ ସମାନ ହୋଇପାରିନାହିଁ। ଏହା ବିଶେଷ ଭାବରେ ଦୁର୍ଭାଗ୍ୟଜନକ, କାରଣ ଯେତେବେଳେ ମହିଳାମାନେ ପ୍ରଶାସନ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ସେମାନେ ନିଜ ସହିତ ଏପରି ଅଭିଜ୍ଞତା ଏବଂ ଦୂରଦୃଷ୍ଟି ଆଣିଥାନ୍ତି ଯାହା ସାଧାରଣ ଆଲୋଚନାକୁ ସମୃଦ୍ଧ କରିବା ସହ ଶାସନ ପ୍ରଣାଳୀର ଗୁଣବତ୍ତାରେ ଉନ୍ନତି ଆଣିଥାଏ। ମହିଳାଙ୍କ ଭାଗିଦାରୀ ବଢ଼ାଇବା କେବଳ ପ୍ରତିନିଧିତ୍ୱର ବିଷୟ ନୁହେଁ, ଏହା ଆମ ଗଣତନ୍ତ୍ରକୁ ଅଧିକ ସମ୍ବେଦନଶୀଳ, ସନ୍ତୁଳିତ ଏବଂ ଉତ୍ତରଦାୟୀ କରିବାର ପ୍ରୟାସ।

ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସହିତ ୨୦୨୯ ଲୋକସଭା ନିର୍ବାଚନ ଏବଂ ଆଗାମୀ ସମୟରେ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ କରାଯିବା ଅତ୍ୟନ୍ତ ଜରୁରୀ। କିଛି ଦଶନ୍ଧି ଧରି, ପୂର୍ବ ସରକାରମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକରେ ମହିଳାମାନଙ୍କୁ ଉପଯୁକ୍ତ ସ୍ଥାନ ଦେବା ପାଇଁ ବାରମ୍ବାର ପ୍ରୟାସ କରାଯାଇଛି। କମିଟି ଗଠନ ହୋଇଛି, ଚିଠା ବିଲ୍ ମଧ୍ୟ ପ୍ରସ୍ତୁତ ହୋଇଛି, କିନ୍ତୁ ସେଗୁଡ଼ିକ କେବେ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିନାହିଁ। ବିଧାନପାଳିକାଗୁଡ଼ିକରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇବା ନେଇ ବ୍ୟାପକ ସହମତି ହାସଲ କରାଯାଇପାରିନାହିଁ। ତେବେ ସେପ୍ଟେମ୍ବର ୨୦୨୩ରେ ସର୍ବସମ୍ମତିକ୍ରମେ ସଂସଦ 'ନାରୀ ଶକ୍ତି ବନ୍ଦନ ଆଇନ'କୁ ଅନୁମୋଦନ କରିଥିଲା। ଏହାକୁ ମୁଁ ମୋ ଜୀବନର ସବୁଠୁ ସ୍ୱତନ୍ତ୍ର ମୁହୂର୍ତ୍ତ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରିଥାଏ। ମହିଳା ସଂରକ୍ଷଣ ସୁନିଶ୍ଚିତ କରିବାର ଏହି ସୁଯୋଗ ଆମ ସମ୍ବିଧାନର ମୂଳଭାବନା ସହିତ ଗଭୀର ଭାବରେ ଜଡ଼ିତ। ଆମ ସମ୍ବିଧାନର ନିର୍ମାତାମାନେ ଏପରି ଏକ ସମାଜର ପରିକଳ୍ପନା କରିଥିଲେ ଯେଉଁଠି ସମାନତା କେବଳ ସମ୍ବିଧାନରେ ସୀମିତ ରହିବ ନାହିଁ ବରଂ ଏହାକୁ ବାସ୍ତବ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ। ବିଧାନପାଳିକା ପ୍ରତିଷ୍ଠାନରେ ମହିଳାମାନଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ସେହି ପରିକଳ୍ପନାକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଏପରି ଏକ ସମାଜ ଗଠନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ, ଯେଉଁଠାରେ ପ୍ରତ୍ୟେକ ନାଗରିକଙ୍କ ରାଷ୍ଟ୍ରର ଭାଗ୍ୟ ଗଠନରେ ସମାନ ଭୂମିକା ରହିବ।

ଏହା ଏପରି ଏକ ମୁହୂର୍ତ୍ତ ଯାହାକୁ ଆଉ ସ୍ଥଗିତ ରଖାଯାଇପାରିବ ନାହିଁ। ମହିଳା ପ୍ରତିନିଧିତ୍ୱକୁ ଆଗକୁ ବଢ଼ାଇବାରେ ଡେରି କରିବାର ଅର୍ଥ ହେଉଛି, ବାସ୍ତବରେ, ଆମର ଗଣତନ୍ତ୍ରର ଗୁଣବତ୍ତା ଏବଂ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବାର ନିଷ୍ପତ୍ତିକୁ ଟାଳିଦେବା। ଅନେକ ଦଶନ୍ଧି ଧରି, ବିଧାନପାଳିକା ପ୍ରତିଷ୍ଠାନଗୁଡ଼ିକରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ଆବଶ୍ୟକତାକୁ ସ୍ୱୀକାର କରି ଆଲୋଚନା ଏବଂ ବିଚାରବିମର୍ଶ ହୋଇଛି। ଏହାକୁ କାର୍ଯ୍ୟରେ ପରିଣତ କରିବାରେ ଆଉ ବିଳମ୍ବ କରାଯିବା ଉଚିତ୍ ହେବ ନାହିଁ। ଏହାକୁ ସ୍ୱୀକାର କରି ସଂଶୋଧନ କରିବାର କ୍ଷମତା ଆମ ପାଖରେ ରହିଛି। ଅଧିକ ବିଳମ୍ବର ଅର୍ଥ ହେଉଛି ପୁରୁଣା ଅସନ୍ତୁଳନକୁ ଆଗକୁ ବଢ଼ାଇବା। ଭାରତ ଏବେ ଆତ୍ମବିଶ୍ୱାସ ସହିତ ସ୍ପଷ୍ଟ ଉଦ୍ଦେଶ୍ୟ ନେଇ ଆଗକୁ ବଢୁଛି। ଆମ ପ୍ରତିଷ୍ଠାନଗୁଡ଼ିକରେ ସବୁ ନାଗରିକ, ବିଶେଷ କରି ଅଧା ଜନସଂଖ୍ୟାର ଆକାଂକ୍ଷା ପ୍ରତିଫଳିତ ହେବା ଜରୁରୀ। ଏହା ପ୍ରକୃତରେ ଆମର ଗଣତନ୍ତ୍ରକୁ ଅଧିକ ପ୍ରତିନିଧିତ୍ୱପୂର୍ଣ୍ଣ, ପ୍ରତିକ୍ରିୟାଶୀଳ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାର ଏକ ଐତିହାସିକ ସୁଯୋଗ। ଏହି ମୁହୂର୍ତ୍ତ ଆମ ସମସ୍ତଙ୍କର ସାମୂହିକ ପ୍ରୟାସ ନିମନ୍ତେ ଆହ୍ୱାନ କରୁଛି। ଏହା କୌଣସି ନିର୍ଦ୍ଦିଷ୍ଟ ସରକାର, ଦଳ ବା ବ୍ୟକ୍ତିବିଶେଷର ବିଷୟ ନୁହେଁ; ବରଂ ଏହି ପଦକ୍ଷେପର ଗୁରୁତ୍ୱକୁ ସମଗ୍ର ଦେଶ ହୃଦୟଙ୍ଗମ କରି ଏହାର ସଫଳ ରୂପାୟନ ପାଇଁ ଏକଜୁଟ ହେବାର ସମୟ। ଆମର 'ନାରୀ ଶକ୍ତି' ପ୍ରତି ଏହା ହିଁ ହେବ ପ୍ରକୃତ ସମ୍ମାନ। ସେଥିପାଇଁ, ମହିଳା ସଂରକ୍ଷଣ ବିଲ୍ ଅନୁମୋଦିତ ହେବା ସମୟରେ ବ୍ୟାପକ ସହମତି ପ୍ରକାଶ ପାଇବା ଆବଶ୍ୟକ ଏବଂ ଏହା ବୃହତ ଜାତୀୟ ସ୍ୱାର୍ଥ ଦ୍ୱାରା ପରିଚାଳିତ ହେବା ଉଚିତ। ଏଭଳି ସୁଯୋଗ ଆମକୁ ନିଜ ପାଇଁ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ କାର୍ଯ୍ୟ କରିବାକୁ ପ୍ରେରଣା ଦିଏ। ଏହା ଆମକୁ ମନେ ପକାଇଦିଏ ଯେ, ସମୟ ସହିତ ପରିବର୍ତ୍ତିତ ହେବା ଏବଂ ସମସ୍ତଙ୍କୁ ସାମିଲ କରି ଅଧିକ ସମାବେଶୀ ହେବା ମଧ୍ୟରେ ହିଁ ଏକ ଗଣତନ୍ତ୍ରର ପ୍ରକୃତ ଶକ୍ତି ନିହିତ। ଏହି ଐତିହାସିକ ସଂସଦୀୟ ଅଧିବେଶନ ପୂର୍ବରୁ, ମୁଁ ସମସ୍ତ ରାଜନୈତିକ ଦଳର ସାଂସଦମାନଙ୍କୁ ନିବେଦନ କରୁଛି ଯେ, ଭାରତର ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସମସ୍ତେ ମିଳିମିଶି ସମର୍ଥନ କରନ୍ତୁ। ଆସନ୍ତୁ, ଏହି ସୁଯୋଗକୁ ଏକ ଦାୟିତ୍ୱବୋଧ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ଗ୍ରହଣ କରିବା। ଆମେ ଏପରି ଭାବରେ କାର୍ଯ୍ୟ କରିବା, ଯାହା ଆମ ଗଣତନ୍ତ୍ରର ସର୍ବୋଚ୍ଚ ପରମ୍ପରାକୁ ପ୍ରତିଫଳିତ କରିବ।

ଭାରତ ସର୍ବଦା ଏହା ପ୍ରମାଣିତ କରିଛି ଯେ, ଯେତେବେଳେ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆସେ, ଦେଶ ସମସ୍ତ ମତଭେଦରୁ ଊର୍ଦ୍ଧ୍ୱକୁ ଉଠି ଏକଜୁଟ ହୋଇ କାର୍ଯ୍ୟ କରିଥାଏ। ଏହା ସେହିଭଳି ଏକ ମୁହୂର୍ତ୍ତ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆଗକୁ ବଢ଼ିବା ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଦେଶର ପ୍ରଗତି ପାଇଁ ଆମର 'ନାରୀ ଶକ୍ତି' ଙ୍କୁ ସଶକ୍ତ କରିବା।

10001/24/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0002

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର








ଖୋର୍ଦ୍ଧା ଜିଲ୍ଲା ଭୂଇଁପୁରଠାରେ ଆୟୋଜିତ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

# ପ୍ରୋବେସ୍‌ନାରି ଅଧିକାରୀଙ୍କ ସହରାଞ୍ଚଳ କ୍ଷେତ୍ର ପରିଦର୍ଶନ

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ପ୍ରଶାସନିକ ପ୍ରଶିକ୍ଷଣ ଏବଂ ସମୀକ୍ଷା କାର୍ଯ୍ୟକ୍ରମର ଅଂଶସ୍ୱରୂପ ଭାରତୀୟ ପ୍ରଶାସନିକ ସେବା ପ୍ରୋବେସନାରୀ ଅଧିକାରୀମାନେ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଆୟୋଜିତ ଏକ କ୍ଷେତ୍ର ପରିଦର୍ଶନ ଏବଂ ଉଚ୍ଚସ୍ତରୀୟ ବୈଠକରେ ସାମିଲ ହୋଇଛନ୍ତି। ଏହି ଅବସରରେ ପ୍ରୋବେସନାରୀ ଅଧିକାରୀମାନେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ବିଭାଗର ପ୍ରମୁଖ ସଫଳତା, ଗୁରୁତ୍ୱପୂର୍ଣ୍ଣ ଯୋଜନା ଏବଂ ବିଭିନ୍ନ ପ୍ରାଥମିକତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅଧିବେଶନ ଜରିଆରେ ଅଧିକାରୀମାନେ ସହରାଞ୍ଚଳ ସେବା ପ୍ରଦାନ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଗଭୀର ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥିଲେ। ମତ ବିନିମୟ କାର୍ଯ୍ୟକ୍ରମ ପ୍ରଶାସନିକ ସମନ୍ୱୟ, କାର୍ଯ୍ୟକ୍ରମର ରୂପାୟନ ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକୁ ବୁଝିବାରେ ସହାୟକ ହୋଇଥିଲା। ଏହାପରେ ଅଧିକାରୀମାନେ ବୁଦ୍ଧ ବିହାର ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଚାଲିଥିବା ସୁଲଭ ଗୃହ ପ୍ରକଳ୍ପଗୁଡ଼ିକର କ୍ଷେତ୍ର ଅନୁଧ୍ୟାନ କରିଥିଲେ। ସେଠାରେ ସେମାନେ ହିତାଧିକାରୀ-କୈନ୍ଦ୍ରିକ ପଦକ୍ଷେପ ଏବଂ ଜଳବାୟୁ ଅନୁକୂଳ ନିର୍ମାଣ ଶୈଳୀ ସମ୍ପର୍କରେ ଅବଗତ ହୋଇଥିଲେ। ଅଧିକାରୀମାନେ ଓଡ଼ିଶା ଅର୍ବାନ ଏକାଡେମୀ, ମଳ ପଙ୍କ ପରିଚାଳନା ପ୍ଲାଣ୍ଟ ଏବଂ ଜଳ ବିଶୋଧନ ପ୍ଲାଣ୍ଟ ମଧ୍ୟ ପରିଦର୍ଶନ କରିଥିଲେ। ସେଠାରେ ବିଭାଗୀୟ ଅଧିକାରୀମାନେ ସହରାଞ୍ଚଳ ପରିମଳ ବ୍ୟବସ୍ଥା ଏବଂ ଜଳ ଯୋଗାଣ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବିଶୋଧନ ପ୍ରକ୍ରିୟା, ପରିଚାଳନା କୌଶଳ ଏବଂ ସେବା ପ୍ରଦାନର ଭିତ୍ତିଭୂମି ସମ୍ପର୍କରେ ମଧ୍ୟ ଅଧିକାରୀମାନେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିଥିଲେ। ସାମଗ୍ରିକ ଭାବେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଇଏଏସ୍ ପ୍ରୋବେସନାରୀ ଅଧିକାରୀମାନଙ୍କୁ ସହରାଞ୍ଚଳ ଶାସନ, ଭିତ୍ତିଭୂମି ବିକାଶ ଏବଂ ସାଧାରଣ ସେବା ପ୍ରଦାନ ବ୍ୟବସ୍ଥା ବିଷୟରେ ବାସ୍ତବିକ ଜ୍ଞାନ ପ୍ରଦାନ କରିବା, ଯାହା ସେମାନଙ୍କୁ ଆଗାମୀ ଦିନରେ ଦକ୍ଷତାର ସହ ପ୍ରଶାସନିକ ଦାୟିତ୍ୱ ତୁଲାଇବାରେ ସହାୟକ ହେବ।

# ଓଡ଼ିଆ ପକ୍ଷ: ୬,୪୪୧ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ 'ରକ୍ତଦାନ ଅଭିଯାନ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ରାଜ୍ୟବ୍ୟାପୀ ୧୦୮ଟି ରକ୍ତଦାନ ଶିବିରର ଆୟୋଜନ କରାଯାଇଛି ଏବଂ ୩୪୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିରର ଆୟୋଜନ କରାଯାଇ ପ୍ରାୟ ୩,୦୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଆଜି ଗୋଟିଏ ଦିନରେ ସମଗ୍ର ରାଜ୍ୟରେ ପ୍ରାୟ ୬,୪୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ରକ୍ତଦାନ ଅଭିଯାନ ଆୟୋଜନ ହେବା ଅବସରରେ ଆଜି ଭୁବନେଶ୍ୱର ସ୍ଥିତ ରେଡ଼କ୍ରସ୍ ଭବନଠାରେ ରକ୍ତଦାନ ଶିବିର ଏବଂ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭାରତ ରେଡ଼କ୍ରସ ସୋସାଇଟିର ସଚିବ ଗଣେଶ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଲାବଣ୍ୟ ଶବର, ଜୁନିୟର ରେଡ଼କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ରେଡ଼କ୍ରସ ବ୍ଲଡ଼ବ୍ୟାଙ୍କ ନିର୍ଦ୍ଦେଶକ ଡ଼. ପ୍ରସନ୍ନ କୁମାର ଦାସ, ସୂଚନା ଓ ଲୋକସମ୍ପର୍କ ବିଭାଗର ଲୋକସମ୍ପର୍କ ଅଧିକାରୀ ଅମ୍ଳାନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରକ୍ତଦାନ ଅଭିଯାନରେ ସ୍ୱେଚ୍ଛାକୃତ ଭାବେ ଯୋଗଦେଇଥିବା ସମସ୍ତ ବ୍ୟକ୍ତିବିଶେଷ ଓ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏଥିସହ ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟବ୍ୟାପୀ ରକ୍ତଦାନ ଶିବିରର ଆୟୋଜନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ରେଡ଼କ୍ରସ ଭବନ ଠାରେ ଆୟୋଜିତ ହୋଇଥିବା ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଆ ପକ୍ଷ ପାଳନର ନବମ ଦିନ ଅର୍ଥାତ ଏପ୍ରିଲ ୯ ତାରିଖ ଦିନ 'ଆସ ବହିଟିଏ କିଣିବା ଅଭିଯାନ' କାର୍ଯ୍ୟକ୍ରମର ଆୟୋଜନ କରାଯିବ।

# ଭକ୍ତ ଦାସିଆ ପୀଠ ଏବେ ବି ଅବହେଳିତ

## ପ୍ରଶାସନିକ ଉଦାସୀନତା ପାଇଁ ବିପଦରେ ଐତିହ୍ୟ

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ଷୋଡ଼ଶ ଶତାବ୍ଦୀର ଭକ୍ତ ଶିରୋମଣି ଦାସିଆ ବାଉରୀଙ୍କ ଜନ୍ମସ୍ଥାନ ଏକ ପ୍ରାଚୀନ ଐତିହ୍ୟ ସମ୍ପନ୍ନ କ୍ଷେତ୍ର ହୋଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିପାରିନାହିଁ। ଏହି ପବିତ୍ର ପୀଠକୁ ଏକ ଆକର୍ଷଣୀୟ ଧର୍ମକ୍ଷେତ୍ରରେ ପରିଣତ କରିବା ପାଇଁ ସରକାରୀ ସହାୟତାର ଜରୁରୀ ଆବଶ୍ୟକତା ରହିଛି ବୋଲି ଏକ ସମୀକ୍ଷା ବୈଠକରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ରେଡକ୍ରସ ଭବନ ସଭାଗୃହରେ ଦାସିଆ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସମ୍ପାଦକ ଡଃ ଘନଶ୍ୟାମ ସ୍ୱାଇଁ ବିବରଣୀ ପାଠ କରିବା ପରେ ଅତିଥିମାନେ ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପିପିଲି-ପୁରୀ ରାସ୍ତାରୁ ପୀଠକୁ ଯିବା ପାଇଁ ଥିବା ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ବସ୍ ଚଳାଚଳ ଓ ପାର୍କିଂ ପାଇଁ ସୁବିଧା ନାହିଁ। କେନାଲ କୂଳରେ ଥିବା ପୁଷ୍କରିଣୀର ପଥର ପାଚେରି ନଥିବାରୁ ମାଟି ଧସିବା ଆରମ୍ଭ ହେଲାଣି, ଯାହା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦାସିଆଙ୍କ ସମୟର ମୂକସାକ୍ଷୀ ଭାବେ ଥିବା 'ଗୋଠଗାଡ଼ିଆ' ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ଦ୍ୱୀପଦାଣ୍ଡି, ଚଲାପଥ, ଅମୃତବାଣୀ ଫଳକ ପ୍ରଦର୍ଶନୀ, ଚେୟାର ସ୍ଥାପନ ଏବଂ ଚନ୍ଦନ ଯାତ୍ରା ପାଇଁ ନୌକା ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି। ପୀଠରେ ଶ୍ରୀଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବାଦେବୀ ମନ୍ଦିର ନିର୍ମାଣ ହୋଇଥିଲେ ହେଁ ଦୈନନ୍ଦିନ ନୀତିକାନ୍ତି ପାଇଁ ଆବଶ୍ୟକ ଅର୍ଥ ଦାନ କରିବାକୁ ଭକ୍ତମାନଙ୍କୁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିର ଶୈଳୀରେ ଦ୍ୱାରଫିଟାଠାରୁ ବଡ଼ସିଂହାର ଆଳତି ପର୍ଯ୍ୟନ୍ତ ଦୈନିକ ୭୦୦ ଟଙ୍କା ଖର୍ଚ୍ଚ ହେଉଥିବାରୁ, ଶ୍ରଦ୍ଧାଳୁମାନେ ଜନ୍ମଦିନ କିମ୍ବା ବିବାହ ବାର୍ଷିକୀ ଅବସରରେ ଏହି ଅର୍ଥ ପ୍ରଦାନ କଲେ ସେମାନଙ୍କ ନାମ ଓ ଗୋତ୍ରରେ ପୂଜା ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି। ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ଆନନ୍ଦ ବଜାର, ଭକ୍ତ ନିବାସ, ସଂଗ୍ରହାଳୟ, ଗୁଣ୍ଡିଚା ମନ୍ଦିର ସମେତ ୨୨ଟି ପ୍ରକଳ୍ପ ସରକାରଙ୍କ ବିଚାରାଧୀନ ରହିଛି। ଏହି ଆଲୋଚନାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡାକ୍ତର ବିନାୟକ ରଥ, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାକ୍ତନ ଯନ୍ତ୍ରୀ ମୁଖ୍ୟ ଇଂ. ଦେବନାରାୟଣ ପାଲ, କୋଷାଧ୍ୟକ୍ଷ ଲାବଣ୍ୟ ଗଡ଼ଶ୍ରୀ, ଡଃ ପୀତାବାସ ରାଉତରାୟ, ଇଂ ବସନ୍ତ କୁମାର ମିଶ୍ର, ତ୍ରିନାଥ ଲେଙ୍କା, ଅର୍ଜୁନ ଚରଣ ସାମଲ, ଡଃ ବାସନ୍ତୀ ଦାସ, ମନୋରମା ମହାପାତ୍ର, ପ୍ରଫେସର ବୃନ୍ଦାବନ ମହାପାତ୍ର, ଡଃ ହେମନ୍ତ ମିଶ୍ର, ରୋଟାରିଆନ୍ ଜୟପ୍ରକାଶ ମିଶ୍ର, ଲକ୍ଷ୍ମୀନାରାୟଣ ଦାସ, ପଞ୍ଚାନନ ନାୟକ, ଅଜୟ କୁମାର ଦାସ, ଅକ୍ଷୟ କୁମାର ସାହୁ, ଅଭିରାମ ଦାସ, ମୁରଲୀଧର ପରିଡ଼ା ଓ ଗୋପାଳ ଗଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ପ୍ରାତଃ ଭ୍ରମଣକାରୀ ସଂଗଠନର କ୍ରିକେଟ ଲିଗ୍: ବଦ୍ରିନାଥ ୱାକର୍ସ କ୍ଲବ୍ ଚାମ୍ପିଅନ୍




**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ୱାକର୍ସ ଇଣ୍ଟରନେସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ ୱାକର୍ସ କ୍ଲବ୍, ଭୁବନେଶ୍ୱର ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର କ୍ରିକେଟ ଲିଗ୍ (ଫେଜ୍-୬) ଅନୁଷ୍ଠିତ ହୋଇଯାଇଛି। ରାଜଧାନୀର ୩୫ଟି ପ୍ରାତଃ ଭ୍ରମଣକାରୀ ସଂଗଠନ ମଧ୍ୟରେ କ୍ରୀଡ଼ା ମାଧ୍ୟମରେ ଶୃଙ୍ଖଳା, ଭାତୃଭାବ, ସଦ୍‌ଭାବନା ଓ ଉତ୍ତମ ବୁଝାମଣା ସୃଷ୍ଟି କରିବା ସହ 'ସ୍ୱାସ୍ଥ୍ୟ ହିଁ ସମ୍ପଦ'ର ବାର୍ତ୍ତା ଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା।

ମଞ୍ଚେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପଡ଼ିଆରେ ଆୟୋଜିତ ଏହି ପ୍ରତିଯୋଗିତାରେ ବଦ୍ରିନାଥ ୱାକର୍ସ, ଏକାମ୍ର ୱାକର୍ସ ଓ ସନରାଇଜ ୱାକର୍ସ କ୍ଲବ୍‌ର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ବାଚସ୍ପତି ସ୍ୱର୍ଗତ ସୂର୍ଯ୍ୟନାରାୟଣ ପାତ୍ରଙ୍କ ସ୍ମୃତିରେ ଆୟୋଜିତ ଏହି ମ୍ୟାଚ୍ ?ରେ ବଦ୍ରିନାଥ ୱାକର୍ସ କ୍ଲବ୍ ବିଜୟୀ ହୋଇ ଚାମ୍ପିଅନ ଟ୍ରଫି ହାସଲ କରିଛି। ଦଳର ଅଧିନାୟକ ବଦ୍ରିନାଥ ରାଉତରାୟଙ୍କୁ ଚାମ୍ପିଅନ ଟ୍ରଫି ଏବଂ ଏଫ୍‌ଏଫ୍‌ସି ଅଧିନାୟକ ସୁଧାକର ଷଡ଼ଙ୍ଗୀଙ୍କୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଲଳପତ ସ୍ୱାଇଁ ଶ୍ରେଷ୍ଠ ବ୍ୟାଟସମ୍ୟାନ ଓ ଲଳିତ ମୋହନ ଦାସ ଅଧିକାରୀ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ ହୋଇଛନ୍ତି। ୱାକର୍ସ ଇଣ୍ଟରନେସନାଲର କର୍ମକର୍ତ୍ତା ଇଂ କେଶବ ଦାସ, ମୁକ୍ତିକାନ୍ତ ଅଗସ୍ତି, ସୀମାଞ୍ଚଳ ପାଣିଗ୍ରାହୀ ଓ ଇଂ ସୂର୍ଯ୍ୟମଣି ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ପ୍ରୌଢ଼ ବୟସରେ ଏଭଳି କ୍ରୀଡ଼ା ନୈପୁଣ୍ୟକୁ ପ୍ରଶଂସା କରିଥିଲେ। ସନରାଇଜ ୱାକର୍ସ କ୍ଲବ୍ ସମ୍ପାଦକ ବିଶ୍ୱଜିତ ରଣା, ଏଫ୍‌ଏଫ୍‌ସିର ପୂର୍ବତନ ସଭାପତି କେଦାର ପଟ୍ଟନାୟକ, ଆଶିଷ ପଟ୍ଟନାୟକ, ଏକାମ୍ର କ୍ଲବ୍‌ର ସୁବାଶ ପାଣିଗ୍ରାହୀ, ଜିତେନ୍ଦ୍ର ରଥ, ବଦ୍ରିନାଥ ରାଉତରାୟ ଓ ସୌଭାଗ୍ୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଂଗ୍ରେସରୁ ଅଶୋକ ପ୍ରତିହାରୀ ବହିଷ୍କୃତ

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ୍ କମିଟି ଉପସଭାପତି ଅଶୋକ ପ୍ରତିହାରୀ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ ସହ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଦଳ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ସୁଜିତ ପାଢ଼ୀ।

# ପ୍ରଧାନଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋକ

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସିଂହଙ୍କ ଧର୍ମପତ୍ନୀ ଶ୍ରୀମତୀ ଶରଳା କାନୁନଗୋଙ୍କର କଟକର ଏକ ଘରୋଇ ଡାକ୍ତରଖାନାରେ ବୁଧବାର ସକାଳ ୭ଟାରେ ୭୨ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଅଣଖିଆ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶରଳା କାନୁନଗୋ ୩୬ ବର୍ଷ ଶିକ୍ଷକତା କରି ୨୦୧୪ ମସିହାରେ ବସନ୍ତପୁର ପ୍ରାଥମିକ ବିଦ୍ୟାଳର ପ୍ରଧାନଶିକ୍ଷୟିତ୍ରୀ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗ ସମୟରେ ଡାକ୍ତରଖାନାରେ ତାଙ୍କର ୪ଝିଅ ଆଶୀର୍ବାଦୀ ଶୁଭସ୍ମିତା, ସାଗରିକା, ସୁଶ୍ରୀ ସୁଦୀପ୍ତା, ସମାପ୍ତି ଶୁଭଦର୍ଶିନୀ ଓ ଜ୍ୱାଇଁ ଅନାଦି, ଚନ୍ଦ୍ରଶେଖର, ସୂର୍ଯ୍ୟ ଓ ସଞ୍ଜୟ ଉପସ୍ଥିତ ଥିଲେ। ଶୋକ ସମ୍ବାଦ ପାଇ ଶ୍ରୀ ସିଂହଙ୍କ ସାନଭାଇ ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ତାଙ୍କ ଗ୍ରାମ ଡାଞ୍ଚଣା ବ୍ରହ୍ମପୁରଠାରେ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଯେ, ବଡ଼ ଭାଉଜଙ୍କ ବିୟୋଗ ଆମ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି। ବୁଧବାର ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତିମ ସଂସ୍କାର ସମାପନ ହୋଇଛି। ଶ୍ରୀ ସିଂହଙ୍କ ସାନଭାଇ ବାବାଜୀ ଚରଣ ସିଂ ମୁଖାଗ୍ନି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଣଖିଆ ସରସ୍ୱତୀ ଶିଶୁ ମନ୍ଦିରର ଅଧକ୍ଷ ଅଶୋକ କୁମାର ସିଂହ, ସାମ୍ବାଦିକ ଅମର ପରିଡ଼ା, କାହ୍ନୁଚରଣ ନନ୍ଦ, ତ୍ରିନାଥ ବସ୍ତି, ଆଶୁତୋଷ ବେହେରା ଓ ସମାଜସେବୀ ସମୀର କୁମାର ସିଂହ ପ୍ରମୁଖ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବରିଷ୍ଠ ସାମ୍ବାଦିକ ଶ୍ରୀ ସିଂହଙ୍କୁ ସମବେଦନା ଜଣାଇଥିଲେ। ଶ୍ରୀମତୀ କାନୁନ୍‌ଗୋ ବହୁ ଧାର୍ମିକ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ଶ୍ରୀମତୀ କାନୁନଗୋଙ୍କ ନିଜ ଗ୍ରାମ ବାଲିକୁଦା ବ୍ଲକ ଅନ୍ତର୍ଗତ ପୁରଣ ଗ୍ରାମର ପରିବାରବର୍ଗ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମଙ୍କ ଲାଗି ଆଲୋଚନାଚକ୍ର 'ସକ୍ଷମା'




**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ସତ୍ୟନଗର ତୋଷାଳି ଭବନରେ ଥିବା ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପରିବହନ ସମ୍ବନ୍ଧୀୟ ଭିନ୍ନକ୍ଷମମାନଙ୍କ ବିଷୟରେ ଏକ ଖୋଲା ଆଲୋଚନା 'ସକ୍ଷମା'ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ବ୍ରତତୀ ହରିଚନ୍ଦନ, ଅବସରପ୍ରାପ୍ତ ଭିନ୍ନକ୍ଷମ ଆୟୁକ୍ତ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ, ସହାୟକ ମ୍ୟାନେଜର, (ପ୍ରଶାସନ) କ୍ରୁଟ୍ ଭୁବନେଶ୍ୱର, ଡିଏସ୍‌ଏସ୍‌ଓ, ବାଲେଶ୍ୱର, ଏନ୍‌ଜିଓ, ବିଭିନ୍ନ ବର୍ଗର ଅକ୍ଷମତା ସମ୍ବନ୍ଧୀୟ ଭିନ୍ନକ୍ଷମ ସଂଘ ପ୍ରମୁଖ ଯୋଗଦେଇଥିଲେ। ଅମିତାଭ ଠାକୁର, ପରିବହନ କମିଶନର ତଥା ଅଧ୍ୟକ୍ଷ, ରାଜ୍ୟ ପରିବହନ ପ୍ରାଧିକରଣ, ଓଡ଼ିଶା ଏବଂ ଦୀପ୍ତି ରଞ୍ଜନ ପଣ୍ଡା, ଅତିରିକ୍ତ କମିଶନର, ପରିବହନ, କହିଥିଲେ ଯେ, ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନର ବ୍ୟବସ୍ଥା ବିଷୟରେ ଭଲ ଭାବରେ ଅବଗତ, ଯାହା ପରିବହନ ଏବଂ ଅନ୍ୟାନ୍ୟ ସମ୍ପର୍କିତ ବିଷୟ ଯେପରିକି ବସ୍‌ରେ ପ୍ରବେଶ ସୁବିଧା, ଭଡ଼ା ରିହାତି, ସିଟ୍ ସଂରକ୍ଷଣ, ବସ୍ ଷ୍ଟପ୍ ଏବଂ ଟ୍ରାଫିକ୍ ପୋଷ୍ଟରେ ଏକ ସିଷ୍ଟମ୍ ବ୍ୟବସ୍ଥା, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ, ଦିବ୍ୟାଙ୍ଗମାନଙ୍କ ଦ୍ୱାରା କ୍ରୟ କରାଯାଇଥିବା ଯାନବାହନ ପାଇଁ ଟିକସ ଛାଡ଼ ଇତ୍ୟାଦି ସହିତ ଜଡ଼ିତ। ପରିବହନ ସମ୍ବନ୍ଧୀୟ ଯେକୌଣସି ଅଭିଯୋଗ ଟୋଲ୍ ଫ୍ରି ଟେଲିଫୋନ୍ ନମ୍ବର ୧୮୦୦୩୪୫୧୦୭୬ ରେ ମଧ୍ୟ ସେମାନଙ୍କ ଦୃଷ୍ଟିକୁ ଅଣାଯାଇପାରିବ। ସନ୍ନ୍ୟାସୀ ବେହେରା ଦିବ୍ୟାଙ୍ଗମାନଙ୍କ ଗୁରୁତର ରୋଗୀମାନଙ୍କୁ ପରିବହନ ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ପ୍ରଦାନ କରିବା ଏବଂ ସାଧାରଣ ବୟସ୍କ ଲୋକଙ୍କ ପାଇଁ ହୋଇଥିବା ବ୍ୟବସ୍ଥା ପରି ଦିବ୍ୟାଙ୍ଗ ଏବଂ ବୃଦ୍ଧ ବୃଦ୍ଧାମାନଙ୍କୁ ପବିତ୍ର ସ୍ଥାନକୁ ନେବା ପାଇଁ ତୀର୍ଥ ଯାତ୍ରୀ ବସ୍ ସେବା ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟୁର୍ଯ୍ୟ ପ୍ରଧାନ, ଅର୍ଥ ବିଭାଗ, ସରକାରଙ୍କ ଉପ-ସଚିବ ସିଟ୍ ସଂରକ୍ଷଣ ଏବଂ ଯାତ୍ରା ରିହାତି ଏବଂ ଅନଲାଇନ୍ ସଂରକ୍ଷଣ ପାଇଁ ଦିବ୍ୟାଙ୍ଗମାନଙ୍କ କାର୍ଡକୁ ପରିଚୟ ଭାବରେ ଅନୁମତି ଦେବା, ଦିବ୍ୟାଙ୍ଗ କର୍ମଚାରୀଙ୍କ ଯାତ୍ରା ଭତ୍ତା ୭୦୦ ଟଙ୍କାରୁ ବୃଦ୍ଧି କରିବା, ଦିବ୍ୟାଙ୍ଗମାନଙ୍କ ସୁଗମ ଯୋଗାଯୋଗ ପାଇଁ ବସ୍ ଷ୍ଟପେଜ୍ ଏବଂ ଟ୍ରାଫିକ୍ ପୋଷ୍ଟଗୁଡ଼ିକରେ ବଜ୍ ସିଷ୍ଟମ୍ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ।

## ଆର୍‌ଏସ୍‌ସିଏଲ୍ କାର୍ଯ୍ୟକାରୀ କମିଟିର ବୈଠକ

# ସ୍ଥାୟୀତ୍ୱ, ରାଜସ୍ୱ ବୃଦ୍ଧି ଓ ପ୍ରକଳ୍ପ ସମାପ୍ତି ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର କାର୍ଯ୍ୟକାରୀ କମିଟି ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସହରର ପ୍ରକଳ୍ପ ରୂପାୟନଠାରୁ ଆରମ୍ଭ କରି ଦୀର୍ଘକାଳୀନ ସ୍ଥାୟୀତ୍ୱ ଏବଂ ସମ୍ପତ୍ତି ପରିଚାଳନା ଭଳି ପ୍ରମୁଖ ରଣନୈତିକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଆରଏସସିଏଲ୍‌ର ସିଇଓ ଦୀନା ଦସ୍ତଗୀର ଆଲୋଚନା ଏବଂ ଅନୁମୋଦନ ପାଇଁ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ବୈଠକରେ ୧୦୬ କୋଟି ନିବେଶରେ ନିର୍ମିତ ଆଇସିସିସି ପ୍ରକଳ୍ପ ଆଲୋଚନା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସହରର ୧୦୯ଟି ସ୍ଥାନରେ ୫୯୪ଟି ସର୍ଭେଲାନ୍ସ କ୍ୟାମେରା କାର୍ଯ୍ୟକ୍ଷମ ହୋଇସାରିଛି। ଟ୍ରାଫିକ ପ୍ରବର୍ତ୍ତନ ଏବଂ ସହରର ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟର ସହାୟତାରେ ସ୍ୱୟଂଚାଳିତ ଇ-ଚାଲାଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ଆର୍ଥିକ ସ୍ଥାୟୀତ୍ୱ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ ଏହା ଅଧିନରେ ଥିବା ସମ୍ପତ୍ତି, ଜମିଜମା ସଠିକ୍ ଉପଯୋଗ ଏବଂ ଅଭିନବ ଉପାୟରେ ରାଜସ୍ୱ ଆଦାୟ କରିବାକୁ ପରାମର୍ଶ ଦେଇଛନ୍ତି। ସମ୍ପୂର୍ଣ୍ଣ ହୋଇଥିବା ସ୍ମାର୍ଟ ସିଟି ସମ୍ପତ୍ତିଗୁଡ଼ିକରୁ ବର୍ତ୍ତମାନ ବାର୍ଷିକ ୪.୧୩ କୋଟି ରାଜସ୍ୱ ମିଳୁଛି, ଯାହାକି ସଂସ୍ଥାର ପରିଚାଳନା ଏବଂ ପ୍ରତିଷ୍ଠା ଖର୍ଚ୍ଚରେ ସହାୟକ ହେଉଛି। ବିଳମ୍ବରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରି କମିଟି ଅଡିଟୋରିୟମ୍ ଏବଂ କନଭେନସନ ହଲ୍ ପ୍ରକଳ୍ପର ବାକି ଥିବା କାର୍ଯ୍ୟକୁ 'ଡିସ୍କୋପ୍' କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରକଳ୍ପର ବର୍ତ୍ତମାନ ସୁଦ୍ଧା ୪୫% କାର୍ଯ୍ୟ ଶେଷ ହୋଇଥିବା ବେଳେ, ଅବଶିଷ୍ଟ କାର୍ଯ୍ୟ ସମ୍ପୃକ୍ତ ଏଜେନ୍ସିର ରିସ୍କରେ ଶେଷ କରାଯିବ। ଉଦିତ ନଗର ମାର୍କେଟ କମ୍ପ୍ଲେକ୍ସ ଏବଂ ମଲ୍ଟି-ଲେଭଲ୍ କାର୍ ପାର୍କିଂ ଭଳି ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ସୁଚାରୁରୂପେ ସମ୍ପୂର୍ଣ୍ଣ କରିବା ପାଇଁ ସ୍ପେଶାଲ ପର୍ପସ ଭେହିକିଲର କାର୍ଯ୍ୟକାଳ ବୃଦ୍ଧି କରିବା ସହ ପ୍ରମୁଖ ଅଧିକାରୀ ଓ ପରାମର୍ଶଦାତାମାନଙ୍କ ନିୟୋଜନ ଅବଧି ବଢ଼ାଇବାକୁ ପ୍ରସ୍ତାବ ଦିଆଯାଇଛି। ରାଉରକେଲାକୁ ଏକ ସ୍ଥାୟୀ, ଦକ୍ଷ ଏବଂ ନାଗରିକ-କୈନ୍ଦ୍ରିକ ସହର ଭାବରେ ଗଢ଼ିତୋଳିବା ପାଇଁ ଆରଏସସିଏଲ୍ ପ୍ରତିବଦ୍ଧତାକୁ ଏହି ବୈଠକରେ ଦୋହରାଯାଇଛି।

ନିତିଦିନ NITIDIN



# ସମୁଦ୍ରକୂଳରେ ଭାସୁଛି ମହିଳାଙ୍କ ଗଳିତ ମୃତଦେହ

**ପାରାଦୀପ,୮।୪/ଏନ୍‌ଏନ୍‌ଏସ୍‌:** ସମୁଦ୍ରରେ ଭାସୁଛି ଗଳିତ ମୃତଦେହ। ପାରାଦୀପ ଉପକଣ୍ଠ ସାଉଥଗେଟ୍ ନିକଟ ସମୁଦ୍ର କୂଳରେ ଭାସୁଥିବା ଏହି ଗଳିତ ମୃତଦେହରୁ ଶାଢ଼ୀ ଗୁଡ଼ାଇ ହୋଇଥିବାରୁ ଏହା ମହିଳାଙ୍କ ମୃତଦେହ ବୋଲି ସନ୍ଦେହ କରାଯାଉଥିବା ବେଳେ କିଏ ଓ କାହାର ଗଳିତ ମୃତଦେହ ଏଭଳି ଭାବରେ ସମୁଦ୍ରରେ ଭାସୁଛି ତାହା ଜଣାପଡ଼ିନାହିଁ। କିଛି ସ୍ଥାନୀୟ ଯୁବକ ସମୁଦ୍ର କୂଳରେ ବୁଲୁଥିବା ବେଳେ ଏହି ମୃତଦେହ ଭାସୁଥିବା ଦେଖି ଏଥିରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବା କହିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ନ ଥିବାବେଳେ ପଚିସଢ଼ି ଯାଇଥିବା ଏହି ମୃତଦେହ ଗୋଟିଏ ହାତରେ ଜାନକୀ ବୋଲି ଲେଖାଯାଇଥିବା ଦେଖିବାକୁ ମିଳିଛି। ଯାହା ଏହି ଗଳିତ ମୃତଦେହଟି ଜଣେ ମହିଳାଙ୍କର ହୋଇଥିବା ସ୍ପଷ୍ଟ ହୋଇଛି। କ'ଣ ପାଇଁ ଓ କେଉଁ ଅବସ୍ଥାରେ ଏହି ମହିଳା ଙ୍କର ମୃତ୍ୟୁ ଘଟିଛି ଓ ତାଙ୍କର ପରିଚୟ କ'ଣ ଓ ତାଙ୍କର ଘର କେଉଁଠି ତାହା ଅସ୍ପଷ୍ଟ ରହିଥିବା ବେଳେ ତାଙ୍କ ନାମ ଜାନକୀ ବୋଲି ସ୍ପଷ୍ଟ ହୋଇଛି। ଏହି ଅଞ୍ଚଳ ଜଟାଧାର ପୁଲିସ ଅଧୀନରେ ଯାଉଥିବା ନେଇ ସୂଚନା ମିଳିଥିବା ବେଳେ ପୁଲିସ ମୃଦଦେହ ଉଦ୍ଧାର କରିବା ପରେ ତଦନ୍ତ ଆରମ୍ଭ ଜରିଛି।

**ଛାତ୍ରଛାତ୍ରୀଙ୍କଠାରୁ ୯ଶହ ଟଙ୍କା ଆଦାୟ ଘଟଣା**

# ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି

**ରାଜନଗର,୮।୪/ଏନ୍‌ଏନ୍‌ଏସ୍‌:** ରାଜନଗର ବ୍ଲକ୍ ବାଘମାରୀସ୍ଥିତ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ୯ଶହ ଲେଖାଏଁ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ କିଛି ଅଭାବକ ପ୍ରତିବାଦ କରିଥିଲେ। ସରକାର ମାଗଣାରେ ଛାତ୍ରଛାତ୍ରୀ ପଢିବା ପାଇଁ ସବୁ ବ୍ୟବସ୍ଥା କରିଥିବା ବେଳେ କାହିଁକି ୯ଶହ ଟଙ୍କା ଆଦାୟ ହେଉଛି ବାଲି ପ୍ରଶ୍ନ କରିଥିଲେ। ଏହି ଘଟଣା ଜଣା ପଡିବା ପରେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ୍ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ସିଆର୍‌ସିସି ଅଜିତ କୁମାର ସେଠୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିଆର୍‌ସିସି ଶ୍ରୀ ସେଠୀ ତଦନ୍ତ କରିବା ପରେ ୯ଶହ ଟଙ୍କା ଆଦାୟ ହୋଇଥିବା କଥା ସତ ବୋଲି ଜାଣିବାକୁ ପାଇଥିଲେ। ଏନେଇ ସେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ସିଆର୍‌ସିସିଙ୍କ ରିପୋର୍ଟ ପରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୭୭୩/ତା ୮.୪.୨୬ରିଖରେ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରୀ କରାଯାଇଛି। ତିନିଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ଦେଇ ନପାରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଲ୍ଲେଖ ରହିଛି।

# ପେଟ ପାଇଁ ଜୀବନକୁ ବାଜି ଲଗାଉଛନ୍ତି ଶ୍ରମିକ



**ପରଜଙ୍ଗ,୮।୪/ଏନ୍‌ଏନ୍‌ଏସ୍‌:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ରେଣ୍ଡାପାଟ ପଞ୍ଚାୟତ ପାଣି ଭଣ୍ଡାର ଗ୍ରାମରେ ସୁଉଚ୍ଚ ଜଳ ଯୋଗାଣ ଟାଙ୍କୀ ନିର୍ମାଣାଧୀନ ଶ୍ରମିକମାନେ ବୈଶାଖ ମାସ ଦ୍ୱିପ୍ରହର ପ୍ରାୟ ସାଢ଼େ ବାରଟାରୁ ଊର୍ଦ୍ଧ୍ୱ ସମୟ ହେବ କାର୍ଯ୍ୟ ଜାରି ରହିଥିବା ବେଳେ ଟାଣ ଖରାରେ ସେମାନଙ୍କ ପାଇଁ ପାନୀୟଜଳର ସୁବିଧା କରାଯାଇ ନାହିଁ। ବିନା ସୁରକ୍ଷାରେ ବେଲ୍ଟ, ହେଲ୍‌ମେଟ୍ ଓ ଜ୍ୟାକେଟ୍ ପରିଧାନ ନକରି ନିର୍ମିତ ଜଳ ଯୋଗାଣ ଟାଙ୍କୀ ଅଗ୍ର ଭାଗରେ ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। ଜୋତା ନ ପିନ୍ଧି ସିମେଣ୍ଟ କଂକ୍ରିଟ ଶ୍ରମିକମାନେ କାର୍ଯ୍ୟ କରୁଥିଲେ। ଶ୍ରମିକମାନଙ୍କୁ ପଚାରିବାରେ କହିଲେ ଆମକୁ ଠିକାଦାର ଯେମିତି କହିବ, ସେମିତି କରିବୁ। ପେଟ ପାଇଁ ବାଧ ହୋଇ ଜୀବନକୁ ବାଜି ଲଗାଇବାକୁ ପଡୁଛି। ଠିକାଦାର ଦେଲେ ତ ପିନ୍ଧିବୁ। ପନ୍ଦର ଜଣ ଶ୍ରମିକଙ୍କ ପାଇଁ ଦୁଇଟି ହେଲମେଟ୍ ଏବଂ ଦୁଇଟି ଜ୍ୟାକେଟ ଦେଖାଇବା ପାଇଁ ରଖାଯାଇଥିବା କହିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଦିନ ୧୧ଟା ରୁ ଶ୍ରମିକମାନେ କାର୍ଯ୍ୟ ବନ୍ଦ କରି ଦିନ ୩ ଟାରୁ ଆରମ୍ଭ କରିବା ନିୟମ ରହିଛି। ଠିକାଦାରଙ୍କୁ ଫୋନ୍‌ରେ ଯୋଗାଯୋଗ କଲାପରେ ସେ କହିଲେ ସରକାର ସେମିତି ଗାଇଡ୍‌ଲାଇନ୍ ଆମକୁ ଅନୁମୋଦନ କରି ନାହାନ୍ତି। ଶ୍ରମିକଙ୍କୁ ଆମେ ମଜୁରୀ ଦେଉଛୁ, କାର୍ଯ୍ୟ ଯେମିତି କରିବୁ ଆମ ଇଚ୍ଛାରେ କରିବୁ। ନିର୍ମାଣଧିନ ଶ୍ରମିକଙ୍କ ଜୀବନ ବିପଦକୁ ଡାକୁଥିବାବେଳେ ଏମାନଙ୍କ ପ୍ରତି ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

# ଗ୍ରାମ୍ୟରାସ୍ତା ନିର୍ମାଣରେ ଅନିୟମିତତା

**ଜଗତ୍‌ସିଂହପୁର,୮।୪/ଏନ୍‌ଏନ୍‌ଏସ୍‌:** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ତୁଳଙ୍ଗ ପଞ୍ଚାୟତରେ ଗ୍ରାମ୍ୟରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଉଥିବା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଅନିୟମିତତା ମଧ୍ୟରେ ପଞ୍ଚାୟତର ଆରୋଡେଇ(ପାଟଣାପଡ଼ା) ଗ୍ରାମର ପଲ୍ଲୀସଭାରେ ବନମାଳି ସେନାପତିଙ୍କ ଘରଠାରୁ ବୁଲା ପରିଡ଼ାଙ୍କ ଘର ପର୍ଯ୍ୟନ୍ତ ସିସି ରାସ୍ତା ନିର୍ମାଣ ନିମନ୍ତେ ୨ ଲକ୍ଷ ୬ ହଜାର ୭୨୫ ଟଙ୍କା ଆକଳନ କରାଯାଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ହେଲେ ଉକ୍ତ ପଞ୍ଚାୟତର ସରପଞ୍ଚ ଏବଂ ଉପରିସ୍ଥ ଅଧିକାରୀ ଚକ୍ରାନ୍ତ କରି ପଲ୍ଲୀସଭାରେ ଅନୁମୋଦନ ହୋଇଥିବା ଉକ୍ତ ରାସ୍ତା କାର୍ଯ୍ୟକୁ ନକରି ଏହି ଆକଳନରେ ତଅଁରା ଗ୍ରାମର ଫଗୁ ବିଶ୍ୱାଳଙ୍କ ଘରଠାରୁ ସୁଧିର ଖୁଣ୍ଟିଆଙ୍କ ଘର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଉଛି। ହେଲେ ସମ୍ପୃକ୍ତ ତଅଁରା ଗ୍ରାମର ରାସ୍ତାଟି ପୂର୍ବରୁ ଜିଲ୍ଲାପରିଷଦଙ୍କ ଅନୁଦାନରେ ଶେଷ ହୋଇଛି। ବର୍ତ୍ତମାନ ଉକ୍ତ ରାସ୍ତାର କୌଣସି ମରାମତି କିମ୍ବା ଉନ୍ନତିକରଣ ଆବଶ୍ୟକତା ନଥିବା ତଅଁରା ଗ୍ରାମବାସୀଙ୍କ ପକ୍ଷରୁ ସୂଚନାମିଳିଛି। ତେବେ ପାଟଣାପଡ଼ା ରାସ୍ତା କାମ ପାଇଁ ଅନୁମୋଦନ ହୋଇଥିବା ଅର୍ଥକୁ ବାଟମାରଣା କରାଯିବାର ଚକ୍ରାନ୍ତ ହୋଇଥିବା ସନ୍ଦେହରେ ଗ୍ରାମର ସୁବାସ ଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର ପ୍ରଧାନ, ତ୍ରିଲୋଚନ ବିଶ୍ୱାଳ, ନୃସିଂହ ଚରଣ ବିଶ୍ୱାଳ, କସ୍ତୁରୀ ଚରଣ ବିଶ୍ୱାଳ, ମନୋରଞ୍ଜନ ପରିଡ଼ା, ମମତା ଖୁଣ୍ଟିଆ, ନଟବର ଖୁଣ୍ଟିଆ, ଅମୁଲ୍ୟ ମହାନ୍ତି ପ୍ରମୁଖ ବହୁ ଗ୍ରାମବାସୀ ଏହାର ବିଧିବଦ୍ଧ ଭାବେ ତଦନ୍ତ କରାଯାଇ ସରକାରୀ ଅର୍ଥର ଦୁରୁପଯୋଗ ବନ୍ଦ କରିବା ସହ ବେଆଇନ୍ କାର୍ଯ୍ୟକୁ ବନ୍ଦ କରିବା ପାଇଁ ତିର୍ତ୍ତୋଲ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଏହି ଅଭିଯୋଗ ପତ୍ରର ଏକ ନକଲ ଜଗତସିଂହପୁର ଜିଲ୍ଲାପାଳଙ୍କ ନିକଟକୁ ପଦକ୍ଷେପ ନିମନ୍ତେ ପଠାଇ ଦେଇଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତରେ ଚାଲିଥିବା ଏହି ବେଆଇନ୍ କାର୍ଯ୍ୟକୁ ଯଦି ଯଥାଶୀଘ୍ର ବନ୍ଦ ନ କରାଯାଏ, ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# 'ରାଜ୍ୟ ପ୍ରଗତିର ଇଞ୍ଜିନ ସାଜିଛି ଯାଜପୁର'

**ନବନିଯୁକ୍ତ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ପ୍ରଥମ ସମୀକ୍ଷା ବୈଠକ**

**ଯାଜପୁର,୮।୪/ଏନ୍‌ଏନ୍‌ଏସ୍‌:** ଓଡ଼ିଶାର ସାମଗ୍ରିକ ପ୍ରଗତିର ଇଞ୍ଜିନ ସାଜିଛି ଯାଜପୁର ଜିଲ୍ଲା। ଆଗାମୀ ୩ ବର୍ଷ ଭିତରେ କିଭଳି ଉନ୍ନୟନମୂଳକ ଯୋଜନା କରିବାକୁ ପଡିବ ସେ ଦିଗରେ ଆଲୋଚନା କରିବାକୁ ହେବ। ବିକାଶର କୌଣସି ଦଳ ନଥାଏ ଓ ଲୋକଙ୍କ ଟିକସ ଅର୍ଥକୁ ସଠିକ୍ ଭାବେ ଲୋକଙ୍କ ବିକାଶ ଦିଗରେ ବିନିଯୋଗ କରିବା ପାଇଁ ଆମେ ଉତ୍ତରଦାୟୀ ବୋଲି ନବନିଯୁକ୍ତ ଯାଜପୁର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସନାୟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ କହିଛନ୍ତି। ଗତକାଲି କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ସମୀକ୍ଷା ବୈଠକରେ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଲୋକକଲ୍ୟାଣକାରୀ ଯୋଜନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପ୍ରଥମେ ଯୋଜନା କମିଟି ଅଧ୍ୟକ୍ଷଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଆକାଶ ଦାସ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଧାୟକ ଶ୍ରୀ ନାୟକ



କହିଥିଲେ ଯେ ପ୍ରଶାସନଠାରୁ ଯାଜପୁର ଜିଲ୍ଲାବାସୀଙ୍କ ଅନେକ ଆଶା ଓ ଆକାଂକ୍ଷା ରହିଛି। ଅତୀତରେ ଯାଜପୁର ଜିଲ୍ଲା ସାରା ଓଡ଼ିଶାକୁ ଦିଗଦର୍ଶନ ଦେଇଛି। ସ୍ୱଳ୍ପ ମିଆଦୀ,

**ବିକାଶର କୌଣସି ଦଳ ନଥାଏ**

ମଧ୍ୟମ ମିଆଦୀ ଏବଂ ଦୀର୍ଘ ମିଆଦୀ ଏହି ଭଳି ତିନୋଟି ଉପାୟରେ ଯୋଜନା କରିବାକୁ ପଡ଼ିବ। ସ୍ୱଳ୍ପ ମିଆଦୀ ଯୋଜନାରେ ଯେଉଁସବୁ ଅଧୁରା କାମ ଆମର ରହିଯାଉଛି ସେଗୁଡ଼ିକୁ ସାରିବାକୁ ହେବ ବୋଲି ବିଧାୟକ କହିଥିଲେ। ସାଇନ୍ସପାର୍କ ଭଳି ଆଉ କିଛି ପ୍ରକଳ୍ପ ଯାହା ରାଜ୍ୟସ୍ତରରେ ଅନୁମୋଦନ ବା ସହଯୋଗ ଅପେକ୍ଷାରେ ରହିଛି ସେଗୁଡ଼ିକୁ ମଧ୍ୟ ଚିହ୍ନଟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ବନ୍ୟାରୁ ମୁକ୍ତି ପାଇବା ପାଇଁ ଏକ ବ୍ୟାପକ ଯୋଜନା ବାହାର କରିବାକୁ ହେବ ବୋଲି ବିଧାୟକ କହିଥିଲେ। ଏହାସହ ମ୍ୟାନେଜମେଣ୍ଟ ଶାସ୍ତ୍ରର 'ଷ୍ଟ୍ରେନ୍ଥ, ୱିକନେସ, ଅପର୍ଚୁନିଟି ଓ ଥ୍ରେଟ୍' ବିଶ୍ଳେଷଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଯାଜପୁର ଜିଲ୍ଲାରେ ଏକ ଦକ୍ଷ ମାନବ ସମ୍ବଳ ଏବଂ ପାଣ୍ଠି ରହିଛି। ଦୁର୍ବଳତା ଏବଂ ବିପଦକୁ ଆମେ ଚିହ୍ନଟ କରିବାକୁ ପଡିବ। ଏକ ପ୍ରଗତିଶୀଳ ସରକାରରେ ଆମ ପାଖରେ ଅନେକ ସମ୍ଭାବନା ମଧ୍ୟ ଅଛି ବୋଲି ଶ୍ରୀ ନାୟକ କହିଥିଲେ। ପାଣ୍ଠିର ସଦୁପଯୋଗ ଏବଂ ସୁପରିଚାଳନା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ କିଛି ଦିନ ମଧ୍ୟରେ ନିଜ ନିଜ ବିଭାଗର ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ଅମ୍ବର କୁମାର କର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ମନୋଜ କୁମାର ନାୟକ, ଅତିରିକ୍ତ ଉନ୍ନୟନ ଅଧିକାରୀ, କୋରେଇ ବିଡିଓ, ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସଭା ଶେଷରେ କୋରେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବନିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଶୀତୁଳା ଯାତ୍ରା ସମାପ୍ତ

**ତାଳଚେର,୮।୪/ଏନ୍‌ଏନ୍‌ଏସ୍‌:** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା'ହିଙ୍ଗୁଳାଙ୍କର ପ୍ରସିଦ୍ଧ ଶୀତୁଳା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରଚଣ୍ଡ ଖରା ସତ୍ତ୍ୱେ ମା' ହିଙ୍ଗୁଳାଙ୍କ ଏହି ଅନନ୍ୟ ଯାତ୍ରା ଦେଖିବା ପାଇଁ

**ଲକ୍ଷାଧିକ ଭକ୍ତଙ୍କ ସମାଗମ**

ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ମା' ହିଙ୍ଗୁଳା ଓ କୁଟେଇଶୁଣୀଙ୍କ ଚଳନ୍ତି ପ୍ରତିମା ଆଳମଦ୍ୱୟକୁ ଦିଅଁଘରୁ ବଡମଣ୍ଡପ(ମୁଖ୍ୟ ମନ୍ଦିର)କୁ ଅଣାଯାଇଥିଲା। ମୁଖ୍ୟ ଦେହୁରୀ କିଶୋର ଚନ୍ଦ୍ର ଦେହୁରୀ



ଷୋଡ଼ଶ ଉପଚାର ବିଧିରେ ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରି କରିଥିଲେ। ପୀଠ ପରିସରରେ ଥିବା ପାଞ୍ଚ ପୀଢ଼ ଯଥା ମା ହିଙ୍ଗୁଳା,ମା କରଡ଼େଇ, କୁଟେଇଶୁଣୀ, ଖୁମ୍ଭେଶ୍ୱରୀ ଓ କଳାପାଟଙ୍କର ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ କରାଯାଇଥିଲା। ସନ୍ଧ୍ୟାରେ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଳମକୁ ଉଭାସ୍ଥଳୀକୁ ଏକ ଭବ୍ୟ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ଅଗ୍ନିରୂପାଙ୍କର ପୂଜା କରିବା ସହ ଉଖୁଡା, ଗୁଡ଼, ଘିଅ, ମହୁ, ଛିଟ, ନୈବେଦ୍ୟ ଆଦି ଅର୍ପଣ କରାଯାଇଥିଲା। ଏହାପରେ ଶୀତୁଳା ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ତାଳଚେର ରାଜା ସପରିବାର ଉପସ୍ଥିତ ରହି ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରିବା ସହ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଏହାପରେ ଉଭାସ୍ଥଳୀରେ ଥିବା ଚାନ୍ଦୁଆ ଲାଗି କରାଯାଇଥିଲା। ଶେଷରେ ବଡ଼ମଣ୍ଡପକୁ ମା ହିଙ୍ଗୁଳାଙ୍କ ଆଳମକୁ ବିଜେ କରା ଯାଇ ଅଧରପଣା ନୀତି ସମ୍ପନ୍ନ କରାଯାଇଥିଲା।

# ବିଷ ପିଇ ଜୀବନ ହାରିଲେ ଯୁବକ

**ରାଜନଗର,୮।୪/ଏନ୍‌ଏନ୍‌ଏସ୍‌:** ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଗର୍ତ୍ତ ଗାଁର ଦିଲ୍ଲୀପ ମଣ୍ଡଳଙ୍କ ପୁଅ ଦୀପକ ମଣ୍ଡଳ(୨୫) ବିଷ ପିଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନାମିଳିଛି। ଦୀପକଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ଯଚବକଙ୍କୁ ମୃତ ଘୋଷଣା କରିଥିଲେ। ଦୀପକ କାହିଁକି ବିଷ ପିଇଲେ ଜଣାପଡିନାହିଁ। ପ୍ରକାଶ, ମୃତ ଦୀପକଙ୍କ ମା' ଓ ବଡ଼ଭଉଣୀ ୫ବର୍ଷ ପୂର୍ବ ବିଷପିଇ ଆତ୍ମହତ୍ୟା କରିଥିଲେ। ଏ ନେଇ ତାଳଚୁଆ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନାଧିକାରିଣୀ ସନ୍ଧ୍ୟାରାଣୀ ଜେନା ସୂଚନା ଦେଇଛନ୍ତି।

# ଛାତ୍ରଛାତ୍ରୀଙ୍କୁ 'ବର୍ଣ୍ଣବୋଧ' ବଣ୍ଟନ

**ଯାଜପୁର,୮।୪/ଏନ୍‌ଏନ୍‌ଏସ୍‌:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା 'ଓଡ଼ିଆ ପକ୍ଷ-୨୦୨୬' ଅବସରରେ ଗତକାଲି ଯାଜପୁର ଜିଲ୍ଲାରେ ୧୦ଟି ବ୍ଲକରେ ଓ ଜିଲ୍ଲାସ୍ତରରେ ଯାଜପୁର ଜିଲ୍ଲା ସ୍କୁଲ୍ ପରିସରରେ ଶିଶୁ କଥା ଦିବସ ତଥା 'ବର୍ଣ୍ଣବୋଧ ଦିବସ' ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ସମଗ୍ର ଶିକ୍ଷା ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୋମଳମତି ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷା ଅଧିକାରୀ ଦେବୀଲାଲ ମଲ୍ଲିକ, ମଣ୍ଡଳ ସାଧନ ସଂଯୋଜକ ନିର୍ମଳ ଚନ୍ଦ୍ର ଜେନା, ଜିଲ୍ଲା ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାସୁଦେବ ସେନାପତି, ଜିଲ୍ଲା ପ୍ରକଳ୍ପ ଏସସି/ଏସଟି ସଂଯୋଜିକା ଜ୍ୟୋସାମୟୀ ଧଳ ଓ ଜିଲ୍ଲା ସ୍କୁଲ ଯାଜପୁରର ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୦ଜଣ ବାଲ ବାଟିକା ଓ ୩୦ ଜଣ ପ୍ରଥମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିଶୁ ଲେଖା ଓ ବର୍ଣ୍ଣବୋଧ ବହି ବଣ୍ଟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ



ଅଭିଭାବକମାନେ ମଧ ଏହି ଉତ୍ସବରେ ଉପସ୍ଥିତ ରହି ବର୍ଣ୍ଣବୋଧ ବହିର ବହୁଳ ବ୍ୟବହାର ଓ ପ୍ରଚାର ପ୍ରସାର ଓ ସଚେତନତା ସୃଷ୍ଟି କରି ଓଡ଼ିଆ ଭାଷାପ୍ରତି ଜନ ସମୂହମାନଙ୍କର ଆଗ୍ରହ ବୃଦ୍ଧି ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ଶପଥ ଗ୍ରହଣ କରିଥିଲେ। ବଡ଼ଚଣା ବ୍ଲକ୍‌ର ପିଏମ୍‌ଶ୍ରୀ, ବଡ଼ଚଣା ସରକାରୀ ବିଦ୍ୟାଳୟ, ବରୀ ବ୍ଲକ୍‌ର ବରୀ ଜୁନିଅର ବେସିକ ବିଦ୍ୟାଳୟ, ବିଞ୍ଝାରପୁର ବ୍ଲକର ବରୁଣେଶ୍ୱର ପ୍ରାଥମିକ ବିଦ୍ୟାଳୟ, ଦାନଗଦି ବ୍ଲକର ବୁଢ଼ାରାଜା ସରକାରୀ ବିଦ୍ୟାପୀଠ, ଦଶରଥପୁର ବ୍ଲକର ସୁପ୍ରଭା ନୋଡାଲ ଉ.ପ୍ରା. ବିଦ୍ୟାଳୟ, ଧର୍ମଶାଳା ବ୍ଲକର ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟ, କୋରେଇ ବ୍ଲକର ବଡ଼ ବିରୁହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରସୁଲପୁର ବ୍ଲକର ସରକାରୀ ଉ.ପ୍ରା ବିଦ୍ୟାଳୟ, ବାରବାଟି ଓ ସୁକିନ୍ଦା ବ୍ଲକର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସଂପୃକ୍ତ ବ୍ଲକର ମଣ୍ଡଳ ଶିକ୍ଷା ଅଧିକାରୀମାନଙ୍କ ନେତୃତ୍ୱରେ ପାଳିତ ହୋଇଅଛି। ଏହି ସମସ୍ତ ବ୍ଲକ୍‌ମାନଙ୍କୁ ସର୍ବମୋଟ୍ ୩୦୦ ଶିଶୁ ଲେଖା ଓ ୩୦୦ ବର୍ଣ୍ଣବୋଧ ପୁସ୍ତକ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଯୋଗାଇ ଦିଆଯାଇଥିଲା।

# ଓଡ଼ିଶା ଜନତା କଂଗ୍ରେସର ମିଶ୍ରଣ ପର୍ବ

**ରାଜନଗର,୮।୪/ଏନ୍‌ଏନ୍‌ଏସ୍‌:** ରାଜନଗର ବ୍ଲକ୍ ସଦର ମହକୁମାସ୍ଥିତ କେସି ମଣ୍ଡପରେ ଓଡ଼ିଶା ଜନତା କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ଜିଲ୍ଲା ଉପସଭାପତି ଥିବା ଅଶୋକ କୁମାର ପ୍ରତିହାରୀ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ବୁଧବାର ଦିନ ଆନୁଷ୍ଠାନିକ ଭାବେ ଓଡ଼ିଶା ଜନତା କଂଗ୍ରେସରେ ତାଙ୍କ ସମର୍ଥକମାନଙ୍କ ସହ ଶ୍ରୀ ପ୍ରତିହାରୀ ସାମିଲ ହୋଇଥିଲେ। ଓଡିଶା ଜନତା କଂଗ୍ରେସର ପ୍ରତିଷ୍ଠାତା ଇଂ ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଅଶୋକ ନିଜ ସମର୍ଥକମାନଙ୍କ ସହ ସାମିଲ ହୋଇଥିଲେ। ମୋକିମ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଶ୍ରୀ ପ୍ରତିହାରୀ ୨୦୨୪ ବିଧାନସଭା ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳ ତ୍ୟାଗ କରି କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ଦଳ ତାଙ୍କ ରାଜନଗର ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ କରିଥିଲା। ପରବର୍ତ୍ତୀ ସମୟରେ କଂଗ୍ରେସ ଦଳ ତାଙ୍କୁ ଜିଲ୍ଲା ଉପସଭାପତି ଦାୟିତ୍ୱ ଦେଇଥିଲା। ମାତ୍ର ଦଳ ତାଙ୍କୁ କୌଣସି ସୁଯୋଗ ନଦେଇ ଅବହେଳା କଲା ବୋଲି ସେ ଅଭିଯୋଗ କରି କଂଗ୍ରେସ ଦଳ ପରିତ୍ୟାଗ କରିବା ସହ ଓଡିଶା ଜନତା କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଇଂ ମୋକିମ ତାଙ୍କ ପ୍ରତିକ୍ରିୟାରେ ଗଣମାଧ୍ୟମକୁ କହିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ




ବୈପ୍ଳବିକ ପରିବର୍ତ୍ତନ ପାଇଁ ଅବସ୍ଥା ଆସିଛି। ଆଜି ତାର ନମୂନା ଦେଖିବାକୁ ମିଳିଛି ବୋଲି କହିଥିଲେ। ତାଙ୍କ ସହିତ ପ୍ରାକ୍ତନ ସମିତି ସଭ୍ୟ ପ୍ରଭାତ ମହାନ୍ତି, ଦୀପକ ପରିଡା, ସୁଜିତ ସ୍ୱାଇଁ, ନିକୁଞ୍ଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ କର୍ମୀ କଂଗ୍ରେସ ଦଳ ପରିତ୍ୟାଗ କରି ଓଡିଶା ଜନତା କଂଗ୍ରେସ ଦଳରେ ସାମିଲ ହୋଇଥିଲେ।

**ମଶାଧୂପ ନ ଲଗାଇଲେ ଶୋଇ ପାରୁନାହାନ୍ତି ଲୋକେ !**

# ମଶାଙ୍କ ଉପଦ୍ରବରେ ଅତିଷ୍ଠ ସହରବାସୀ

**ତାଳଚେର,୮।୪/ଏନ୍‌ଏନ୍‌ଏସ୍‌:** ତାଳଚେର ସହରରେ ମଶାଙ୍କ ଉପଦ୍ରବ ଦିନକୁ ଦିନ ମାତ୍ରାଧିକ ବଢୁଥିବା ବେଳେ ଏଥିପ୍ରତି ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌରସଂସ୍ଥା ପକ୍ଷରୁ ପ୍ରତିକାରର ପଦକ୍ଷେପ ନଥିବା ଭଳି ମନେ ହେଉଛି। ଜନସ୍ୱାସ୍ଥ୍ୟ ବିଭାଗ ମଶାତେଲ, ବ୍ଲିଚିଙ୍ଗ, ମଶାଧୂଆଁ ଇତ୍ୟାଦି ଯୋଗାଇଥିବା ବେଳେ ଏଗୁଡ଼ିକ କିପରି ବ୍ୟବହାର କରାଯାଉଛି ତାହା ସାଧାରଣ ଜନତାଙ୍କ ଦୃଷ୍ଟିକୁ ଆସୁନାହିଁ ବୋଲି ଚର୍ଚ୍ଚା ଚାଲିଛି। ସନ୍ଧ୍ୟା ସମୟ ଆସିଗଲେ ମଶାଙ୍କ ଗୁଣୁଗୁଣୁ ଗୀତ ଗାଇବା ଆରମ୍ଭ ହୋଇଯାଉଛି। ସହରର ଯେଉଁ ସ୍ଥାନରେ ୫ମିନିଟ୍ ଠିଆ ହୋଇ ରହିଲେ ଚର୍ତୁପାର୍ଶ୍ୱରେ ମଶା ଘେରି ଦେଉଛନ୍ତି। ମଶାଙ୍କ ସଂଖ୍ୟା ଏତେ ମାତ୍ରାରେ ବଢ଼ିବାରେ ଲାଗିଲାଣି ଯେ ଲୋକଙ୍କୁ ଅସହ୍ୟ କରୁଛନ୍ତି। ଘରର ଖାଇବା ଚିନ୍ତା ନହେଲା ନାହିଁ, ଘରକୁ ଯିବା ପୂର୍ବରୁ ଲୋକଙ୍କର ଆଗେ ଦୋକାନରୁ ମଶାଧୂପ ନେବା କଥା ମନେପଡେ, କାହିଁକି ନା' ରାତିରେ ଶୋଇବା ଏକ ପ୍ରମୁଖ ସମସ୍ୟା ! ମଶା ଉପଦ୍ରବକୁ ରୋକି ହେଉ ନାହିଁ ଏହାକୁ ନେଇ ଡେ଼ଙ୍ଗୁ ଭୟ ଲୋକଙ୍କ ମନରେ ସୃଷ୍ଟି କରୁଛି। ପୌରାଞ୍ଚଳର ୨୧ଟି ୱାର୍ଡ଼ରେ ଥିବା ଡ୍ରେନ୍ ଓ ବିଭିନ୍ନ ଖାଲୁଆ ସ୍ଥାନରେ ପାଣି



ଜମି ରହି ମଶାଙ୍କ ବଂଶ ବୃଦ୍ଧି ପାଉଥିବା ବେଳେ ଡ୍ରେନ୍‌ଗୁଡ଼ିକ ନିୟମିତ ସଫା କରାଯାଉ ନାହିଁ ବୋଲି ଶୁଣିବାକୁ ମିଳେ। ମଶାବଂଶ ବୃଦ୍ଧିକୁ ରୋକିବାପାଇଁ ପୌରସଂସ୍ଥା ପକ୍ଷରୁ ମଶାତେଲ, ବ୍ଲିଚିଂ ପକାଇବା ସହ ସହରରେ ମଶାଧୂଆଁ ବୁଲାଇବା କଥା ଯାହା କାଁଭାଁ ବ୍ୟବହାର ହେଉଛି ବୋଲି ସହରବାସୀ ପ୍ରାୟ ସମୟରେ ଚର୍ଚ୍ଚା କରୁଛନ୍ତି। ବିଶେଷଜ୍ଞମାନେ ମତଦେଇଛନ୍ତି ଯେ, ମଶାମାନେ ପ୍ରାୟ ୩କିମି ରାସ୍ତା ଅତିକ୍ରମ କରି ତାଙ୍କ ବଂଶ ବିସ୍ତାର କରିପାରନ୍ତି। ସହରରେ ୩କିମି ମଧ୍ୟରେ ଏକାଧିକ ଥର ଡ୍ରେନ୍ ଓ ପାଣି ଜମୁଥିବା ସ୍ଥାନରେ ଔଷଧ ସିଞ୍ଚନ କରାଗଲେ ମଶାବଂଶ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରନ୍ତା। ଜନସ୍ୱାସ୍ଥ୍ୟ ବିଭାଗ ଓ ପୌରକର୍ମଚାରୀ କେବେ କେମିତି ଗୋଟିଏ ଲେଖାଏଁ ୱାର୍ଡ଼ରେ କାମଚଳା ଭାବେ ଔଷଧ ସିଞ୍ଚନ କରାଯାଉଛି। ଯାହା ଫଳରେ ମଶାମାନେ ସେହି ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ଛାଡ଼ି ପଳାଉଛନ୍ତି। ଔଷଧର ପ୍ରକୋପ ସାମାନ୍ୟ କମିବାପରେ ସେମାନେ ପୁନର୍ବାର ସେହି ସ୍ଥାନକୁ ଆସି ଅଣ୍ଡାଦେଇ ବଂଶ ବିସ୍ତାର କରିଥାନ୍ତି। ଏହା ଦ୍ୱାରା ସେମାନଙ୍କ ଦେହରେ ଔଷଧ ସହନଶକ୍ତି ବୃଦ୍ଧି ପାଇଥାଏ। ଭବିଷ୍ୟତରେ ସେମାନଙ୍କ ପାଇଁ ଏହି ଔଷଧ କାମ କରିବ ନାହିଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ପୌରସଂସ୍ଥା ଓ ଜନସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବରେ ଏହି କାର୍ଯ୍ୟକୁ ସୁଚାରୁପେ ତୁଳାଇଲେ ମଶାଙ୍କ ପ୍ରାର୍ଦୁଭାବ କମି ଯାଆନ୍ତା ବୋଲି ପୌରବାସୀ ମତପୋଷଣ କରୁଛନ୍ତି। ନଚେତ୍ ମଶାବଂଶ ଓ ଉତ୍ପାତ ବୃଦ୍ଧି ପାଇବା ସହ ମ୍ୟାଲେରିଆ ଓ ଡେ଼ଙ୍ଗୁ ପ୍ରଭୃତି ରୋଗରେ ଜନସାଧାରଣ ଶୀକାର ହୋଇପାରନ୍ତି ବୋଲି ମତପାଉଛି। ତେଣୁ ତୁରନ୍ତ ପୌରସଂସ୍ଥା ଉଚିତ୍ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

# ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା,୮।୪/ଏନ୍‌ଏନ୍‌ଏସ୍‌:** କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚର୍ତୁବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ରାଜଗୋପାଳ ମହାନ୍ତି, ପ୍ରଧାନଆଚାର୍ଯ୍ୟ ବିଭୁତି ରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ସୁନାମଧନ୍ୟ ଚିକିତ୍ସକ ତଥା ସମାଜସେବୀ ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ, କେନ୍ଦ୍ରାପଡ଼ା ବେସରକାରୀ ବିଦ୍ୟାଳୟ ସଂଘ ସଭାପତି ନିରଞ୍ଜନ ବେହେରା, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ନାୟକ, ଭାଗବତପୁର ପଞ୍ଚାୟତ ସମିତି ସଭ୍ୟ ପ୍ରମିଳା ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ ଡ.ମୁରଲୀଧର ରଥ, ସାହିତ୍ୟିକ ମଦନମୋହନ ବେହେରା, ଅଭିଜ୍ଞ ଶିକ୍ଷକ ନାରାୟଣ ସ୍ୱାଇଁ ପ୍ରମୁଖ




ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ଅରୁଣରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଦ୍ୱାରା ସାମୂହିକ ନୃତ୍ୟ ପରିବେଷଣ କରାଯିବା ସହ ଏକ ଗୀତିନାଟ୍ୟ 'ଅଭିଷାପ ନୁହେଁ ଆଶିର୍ବାଦ ପିତୃଭକ୍ତ ଶ୍ରବଣ କୁମାର' ପରିବେଷଣ କରାଯାଇଥିଲା। ଏହାସହ ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ସହିତ ସରକାରୀ ବୃତ୍ତି ପାଇଥିବା ୩ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ବହୁ ସଂଖ୍ୟାରେ ଦର୍ଶକ ଓ ଅଭିଭାବକଙ୍କ ସମେତ ଗୁରୁଜୀ ଓ ଗୁରୁମାମାନେ ଉପସ୍ଥିତ ଥିଲେ।

**ନିତି ଭାରତୀ** | ପ୍ରତ୍ୟେକ ନବଜାତ ଶିଶୁ ଏଇ ବାର୍ତ୍ତାଟିଏ ସାଙ୍ଗରେ ନେଇ ଆସିଥାଏ ଯେ ଈଶ୍ୱର ଏ ପର୍ଯ୍ୟନ୍ତ ସୁଦ୍ଧା ମଣିଷ ଉପରେ ନିରାଶା ବ୍ୟକ୍ତ କରି ନାହାନ୍ତି । - ରବୀନ୍ଦ୍ରନାଥ ଠାକୁର

NITIDIN
ନିତିଦିନ
ଗୁରୁବାର, ୯ ଏପ୍ରିଲ ୨୦୨୬

# ଓଡ଼ିଶା, ଓଡ଼ିଆ ଓ ପାଇକ ଆଖଡ଼ା



ଅନ୍ତର୍ଜିତା ନାୟକ

ଆଜି ଯେତେବେଳେ ସାରା ଜଗତ ଯୁଦ୍ଧମୟ ଓ ହିଂସା, କ୍ରୋଧ, ଆକ୍ରୋଶର ଶିକାର, ସେତେବେଳେ ପିଲାଦିନ କଥା ମନେ ପଡ଼ିଗଲେ, ମନେ ପଡ଼ିଯାଏ ବୋଉର ସେଇ ମହତ ବାଣୀ । କେବଳ ବାଣୀ ନୁହେଁ ତ ଆଦେଶ, ଶିକ୍ଷା ଓ ସଂସ୍କାର । ବୋଉ ସବୁବେଳେ କହୁଥିଲା, କାହାରିକି ମାରିବୁ ନାହିଁ, ଝଗଡ଼ା କରିବୁ ନାହିଁ, କାହାରିକୁ କ୍ଷତି ପହଞ୍ଚାଇବୁ ନାହିଁ । ଏହି ନିୟମଗୁଡ଼ିକ ଆମ ମନରେ ଏମିତି ଭାବରେ ରୋପିତ ହୋଇଥିଲା ଯେ ରୋଷ ଥିଲେ ମଧ ହାତ ଉଠିବାର ପ୍ରଶ୍ନ ଉଠୁ ନଥିଲା । କାହାରିକୁ ମାରିବା ବା ପିଟିବା ଆଗରୁ ଦଶ ଥର ଭାବିବାକୁ ପଡୁଥିଲା । ନିଜେ କାହାରିକୁ ମାରିବା ଆଗରୁ ବୋଉ ମାଡ଼ର ଡର ରହୁଥିଲା । ହେଲେ ସେତେବେଳେ ଅତି ରାଗି ଗଲେ କରୁଥିଲୁ କ'ଣ ? ଆମେ ଖତେଇ ହେଉଥିଲୁ । ଯାହା ଉପରେ ରାଗ ଥିଲା, ତାକୁ ଟିକିଏ ଅଧିକ ଚିଡ଼େଇବାକୁ କେତେବେଳେ ମୁହଁ ମୋଡ଼ି ଦେଉଥିଲୁ ତ କେତେବେଳେ ବଡ଼ ବଡ଼ ଆଖି କରି ତାକୁ ଅନାଉ ଥିଲୁ ତ ଆଉ କେତେବେଳେ ଜିଭ ବାହାର କରି ବିଭିନ୍ନ ଅତିରଞ୍ଜିତ ଅଙ୍ଗଭଙ୍ଗୀ କରି ତାକୁ ଖତେଇ ହେଉଥିଲୁ । ଆମର ଏହି ଖତେଇ ହେବାରୁ ଶତ୍ରୁ ରାଗି ଯାଉଥିଲା, ଚିଡ଼ି ଯାଉଥିଲା ଓ ଆଉ ବେଳେ ବେଳେ ଆମକୁ ମାଡ଼ ମଧ ଥୋଉଥିଲା । ଆଉ ଶତ୍ରୁ ମାରିଲେ ଆମେ ବା କ'ଣ ଛାଡୁଥିଲୁ ! ସେତେବେଳେ ଆଉ ବୋଉର ଭୟ ରହୁ ନଥିଲା । ଶତ୍ରୁ ଆଗ ଆକ୍ରମଣ କଲା ବୋଲି ନିଜର ରକ୍ଷା ଲାଗି ଆକ୍ରମଣ କଲୁ କହି ବୋଉ ମାଡ଼ରୁ ବଞ୍ଚି ଯାଉଥିଲୁ । ସାମାନ୍ୟ ଖତେଇ ହେବା ଯେ କେତେ କାମରେ ଆସୁଥିଲା, ତାହାର ସାକ୍ଷୀ ଆମ ପିଲାଦିନର ସ୍ମୃତି । ହେଲେ ବିଡ଼ମ୍ବନା ଏହା ଯେ ଆମ ବୟସ ବଢ଼ିବା ସାଙ୍ଗକୁ ଆମେ ଏହି ସ୍ୱାଭାବିକ ଅଭିବ୍ୟକ୍ତିର ଭାଷାକୁ ଧୀରେ ଧୀରେ ଭୁଲି ଗଲେଣି । ଆଜି ଆମର ସେଇ ପିଲାଦିନର ଖତେଇ ହେବା, ଡିଜିଟାଲ ପରଦାର ଇମୋଜିଙ୍କ ଶରଣାଗତ । ଯେଉଁଠାରେ କେବେ ମୁହଁର ଭାବ, ଆଖିର ତୀବ୍ରତା ଓ ଶରୀରର ଭଙ୍ଗୀ ଶତ୍ରୁ ଦମନର ଏକ ମାଧମ ଥିଲା, ଆଜି ତାହା ଡିଜିଟାଲ ଚିହ୍ନର ଆଶ୍ରୟରେ । ଏହା ଆମ ସମସ୍ତଙ୍କ ଧାରଣା ଯେ ଖତେଇ ହେବା ଏକ ଭଲ ଗୁଣ ନୁହେଁ । ଖତେଇ ହେବା କାଳେ ଅଭଦ୍ରାମି । କିନ୍ତୁ ସେଇ ଖତେଇ ହେବା ବା ମୁଖର ଅଙ୍ଗଭଙ୍ଗୀ ଯେ ଏକ ରଣକୌଶଳ ହୋଇପାରେ, କ'ଣ କେହି କେବେ ତାହାର ତର୍ଜମା କରିଛନ୍ତି କି ?

ମନୋବିଜ୍ଞାନର ବିଦ୍ୱାନମାନେ ଉଲ୍ଲେଖ କରିଛନ୍ତି ଯେ ମୌଖିକ ଅଭିବ୍ୟକ୍ତି- ମୁହଁର ଭାବ, ଶରୀରର ଭଙ୍ଗୀ ଓ ଅଙ୍ଗଭଙ୍ଗୀ- ମାନବ ଯୋଗାଯୋଗର ସବୁଠାରୁ ଗଭୀର ଓ ଶକ୍ତିଶାଳୀ ରୂପମାନଙ୍କ ମଧ୍ୟରୁ ଗୋଟିଏ । ଶବ୍ଦ କେବେ କେବେ ଯାହା କହିପାରେ ନାହିଁ, ମନୁଷ୍ୟର ମୁହଁ ଓ ଶରୀର ସେହି କଥାକୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ କହିଦିଏ । ଆଧୁନିକ ବ୍ୟବହାରିକ ବିଜ୍ଞାନ ଏହି ଭାଷାକୁ ପଦ୍ଧତିଗତ ଭାବରେ ବିଶ୍ଳେଷଣ କରିବାର ବହୁ ପୂର୍ବରୁ ଆମ ପରମ୍ପରା ଓ ସଂସ୍କୃତି ଏହାର ଗଭୀର ମାନସିକ ଓ ସାମାଜିକ ଗୁରୁତ୍ୱକୁ ପ୍ରକାଶ କରି ସାରିଥିଲେ । ଶାସ୍ତ୍ରୀୟ ନୃତ୍ୟ ଓ ସାମରିକ ଅଭ୍ୟାସ ମାଧ୍ୟମରେ ମାନବ ଶରୀର ଏମିତି ଏକ ଶକ୍ତିଶାଳୀ ପ୍ରଦର୍ଶନ କରି ଆସୁଛି, ଯାହା ଶବ୍ଦ ବିନା ମଧ ଆବେଗ, ସାହସ, ସଚେତନତା ଓ କର୍ତ୍ତୃତ୍ୱକୁ ସ୍ପଷ୍ଟ ଭାବେ ପ୍ରକାଶ କରେ, ଯେଉଁଠି ଓଡ଼ିଶାର ଅତୁଳନୀୟ ପରମ୍ପରା, ଅସାଧାରଣ ସଂସ୍କୃତି, ଅଦମ୍ୟ ସାହସ, ଅନନ୍ୟ କଳା କୌଶଳ ଓ ଅପୂର୍ବ ଇତିହାସକୁ ବଖାଣିଲେ ତାହା କେତେ ଯେ ଅସରନ୍ତି, ଅମୂଲ୍ୟ, ଅଦ୍ଭୁତ ପେଡ଼ି ଖୋଲି ଚାଲିବ, ଯାହାକୁ ସାଉଁଟିବା ଏହି ଆଲେଖ୍ୟର ପରିଧି ବାହାରେ । ସିନ୍ଧୁ ମଧ୍ୟରୁ ବିନ୍ଦୁଟିଏ ଉଠେଇଲା ଭଳି ଯଦି ଆମେ କେବଳ ଓଡ଼ିଶାର ସାମରିକ ଐତିହ୍ୟରେ ପାଇକ ଆଖଡ଼ାକୁ ଅନୁଧ୍ୟାନ କରିବା, ତେବେ ତାହା ଓଡ଼ିଶା ଐତିହ୍ୟର ଏକ ଜୀବନ୍ତ ଓ ଆକର୍ଷଣୀୟ ଉଦାହରଣ । ଖୋର୍ଦ୍ଧା ପାଇକ ଯୋଦ୍ଧାମାନଙ୍କ ସହ ଜଡ଼ିତ ଏହି ଐତିହାସିକ ପରମ୍ପରାରେ ଶରୀର ଓ ମୌଖିକ ଅଙ୍ଗଭଙ୍ଗୀର ଏକ ଶୃଙ୍ଖଳିତ ଓ ରଣନୀତିମୂଳକ ଆକାର ଦେଖିବାକୁ ମିଳେ । ପାଇକ ଆଖଡ଼ା ଶରୀର ଭାଷାର ଏକ ସାମରିକ ଶୈଳୀକୁ ପ୍ରତିନିଧିତ୍ୱ କରେ । ଏହି ପରମ୍ପରାରେ ମୁଖର ତୀବ୍ରତା, ଯୁଦ୍ଧର ରଣ ହୁଙ୍କାର ଓ ଶାରୀରିକ ଅଙ୍ଗଭଙ୍ଗୀ କେବଳ ସାଧାରଣ ଅଭିବ୍ୟକ୍ତି ନୁହେଁ; ସେଗୁଡ଼ିକ ଏକ ସଚେତନ ମନୋବୈଜ୍ଞାନିକ ରଣନୀତିର ଅଂଶ । ପାଇକ ଆଖଡ଼ା କେବଳ ଯୁଦ୍ଧକଳା ନୁହେଁ; ଏହା ଶକ୍ତି, ସଂସ୍କୃତି ଓ ମନୋବିଜ୍ଞାନର ଏକ ଅଦ୍ୱିତୀୟ ସମନ୍ୱୟ ।

ପାଇକମାନେ ଓଡ଼ିଶାର ପାରମ୍ପରିକ ଯୋଦ୍ଧା ସୈନ୍ୟବାହିନୀ, ବିଶେଷତଃ ଖୋର୍ଦ୍ଧା ସହିତ ଗଭୀର ଭାବରେ ସମ୍ପୃକ୍ତ । 'ପାଇକ' ଶବ୍ଦଟି ସେହି ତାଲିମପ୍ରାପ୍ତ ସୈନିକମାନଙ୍କୁ ସୂଚିତ କରେ ଯେଉଁମାନଙ୍କୁ ମାତୃଭୂମିର ସୁରକ୍ଷା କରିବା ଏବଂ ସଦା ସାମରିକ ପ୍ରସ୍ତୁତି ରଖିବାର ଦାୟିତ୍ୱ ଦିଆ ଯାଇଥିଲା । ସେମାନଙ୍କ ପ୍ରଶିକ୍ଷଣ କେବଳ ଯୁଦ୍ଧକୌଶଳରେ ସୀମିତ ନଥିଲା; ଏହା ଏକ ସମଗ୍ର ସାମରିକ ଅଭ୍ୟାସ ଥିଲା । ଖଣ୍ଡାଯୁଦ୍ଧ, ଢାଲ ଦ୍ୱାରା ପ୍ରତିରକ୍ଷା, ତୀରନ୍ଦାଜୀ, ଶାରୀରିକ ସହନଶୀଳତା, ଏବଂ ଯୁଦ୍ଧକ୍ଷେତ୍ରର ରଣନୀତି ଉପରେ ଦକ୍ଷତା, ସେମାନଙ୍କ ତାଲିମର ଅଂଶ । ପାଇକ ପରମ୍ପରାର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଉଛି, ଏହା ସାମରିକ ଶୃଙ୍ଖଳାକୁ ସାଂସ୍କୃତିକ ଅଭିବ୍ୟକ୍ତିରେ ଏକ ଅଦ୍ଭୁତ ଆକାର ଦିଏ । ଏହି ପ୍ରକ୍ରିୟାରୁ 'ପାଇକ ଆଖଡ଼ା' ଏକ ସାମରିକ କଳା ଭାବରେ ବିକଶିତ- ଯେଉଁଠାରେ ଛନ୍ଦବଦ୍ଧ ଗତିବିଧି, ସଙ୍ଗୀତ ଓ ନାଟକୀୟ ପ୍ରଦର୍ଶନୀ ମାଧ୍ୟମରେ ଯୁଦ୍ଧ କୌଶଳକୁ ପ୍ରଦର୍ଶନ କରାଯାଏ । ପ୍ରଦର୍ଶନର ପ୍ରତ୍ୟେକ ଗତିବିଧି ପଛରେ ଗୁପ୍ତ ଅର୍ଥ ରହିଥାଏ, ଯେପରି ଆଗକୁ ହଠାତ୍ ଲମ୍ଫ ଦେବା ଆକ୍ରମଣର ପ୍ରତୀକ । ଦେହକୁ ଘୁରାଇ ଢାଲ ଧରିବା ପ୍ରତିରକ୍ଷାର ସଙ୍କେତ । ବୃତ୍ତାକାର ଗଠନ, ଯୁଦ୍ଧକ୍ଷେତ୍ରର ସମୂହ ରଣନୀତିକୁ ପ୍ରତିନିଧିତ୍ୱ କରେ । ଦେଖିବାକୁ ଯଦିଓ ଏହା ଏକ ନୃତ୍ୟ ପ୍ରଦର୍ଶନ ପରି ଲାଗେ, ଅସଲରେ ଏହା କଳାତ୍ମକ ଆକାରରେ ସଂରକ୍ଷିତ ଏକ ସାମରିକ ପ୍ରଶିକ୍ଷଣ ପ୍ରଣାଳୀର ସୁନିୟୋଜିତ ଉପସ୍ଥାପନା । ସେଥିପାଇଁ ପାଇକ ଆଖଡ଼ାକୁ କେବଳ ନୃତ୍ୟ ବୋଲି କହିଲେ ତାହାର ପୂର୍ଣ୍ଣ ଅର୍ଥ ବ୍ୟକ୍ତ ହୁଏ ନାହିଁ; ଏହା ଅସଲରେ ଶତ୍ରୁ ବିରୁଦ୍ଧରେ ଏକ ସଜୀବ ସାମରିକ ଐତିହ୍ୟ । ପ୍ରଦର୍ଶନର ସବୁଠାରୁ ଚିତ୍ତାକର୍ଷକ ମୁହୂର୍ତ୍ତ ମଧ୍ୟରୁ ଗୋଟିଏ ହେଉଛି, 'ରଣ ହୁଙ୍କାର'- ଯାହା ନୃତ୍ୟ ସମୟରେ ଉଚ୍ଚାରିତ ଏକ ବଜ୍ରପାତ ସଦୃଶ ଯୁଦ୍ଧ ଚିତ୍କାର । ଏହି ହୁଙ୍କାର ପ୍ରଚଣ୍ଡ ମୁହଁର ଅଭିବ୍ୟକ୍ତି ଓ ଗତିଶୀଳ ଅଙ୍ଗଭଙ୍ଗୀ ସହିତ ମିଶି ଏକାଧିକ ପ୍ରତୀକାତ୍ମକ ଉଦ୍ଦେଶ୍ୟ ପୂରଣ କରେ । ଏହା ଶତ୍ରୁଙ୍କୁ ଭୟଭୀତ କରେ, ସାଥୀ ଯୋଦ୍ଧାମାନଙ୍କର ମନୋବଳକୁ ଉତ୍ତେଜିତ କରେ, ଏବଂ ପ୍ରତିରୋଧର ନିର୍ଭୀକ ମନୋଭାବକୁ ପ୍ରକାଶ କରେ । ଆଧୁନିକ ବ୍ୟବହାରିକ ବିଜ୍ଞାନ ଏପରି ଅଭିବ୍ୟକ୍ତିକୁ 'ଅଣ-ମୌଖିକ ପ୍ରାଧାନ୍ୟ ସଙ୍କେତ' (ନନ୍-ଭର୍ବାଲ ଡୋମିନାନ୍ସ ସିଗ୍ନାଲସ୍) ଭାବେ ବ୍ୟାଖ୍ୟା କରେ । ପାଇକ ଯୋଦ୍ଧାମାନେ ଏହି ମନୋବୈଜ୍ଞାନିକ ରଣନୀତିକୁ ଆଧୁନିକ ସିଦ୍ଧାନ୍ତ ଉଦ୍ଭବ ହେବାର ଶତାବ୍ଦୀ ଆଗରୁ ହିଁ ଆୟତ୍ତ କରିଥିଲେ । ଏହା ଦର୍ଶାଏ ଯେ ସାହସ କେବଳ ଅସ୍ତ୍ରଶସ୍ତ୍ରରେ ନୁହେଁ, ବରଂ ସ୍ୱର, ମୁଦ୍ରା ଓ ଉପସ୍ଥିତିର ଶକ୍ତିରେ ମଧ ପ୍ରକାଶିତ । ପାଇକ ଆଖଡ଼ା ପ୍ରଦର୍ଶନର ଆଉ ଗୋଟିଏ ଅତ୍ୟନ୍ତ ହୃଦୟସ୍ପର୍ଶୀ ଦିଗ ହେଉଛି, ଅଗ୍ନି କୌଶଳର ପ୍ରଦର୍ଶନ । କଳାକାରମାନେ ଜ୍ୱଳନ୍ତ ମଶାଲ, ଘୂର୍ଣ୍ଣିତ ଅଗ୍ନିଚକ୍ର ଓ ବିଭିନ୍ନ ଅଗ୍ନି ଅସ୍ତ୍ର ସହିତ ଅଦ୍ଭୁତ କୌଶଳ ପ୍ରଦର୍ଶନ କରନ୍ତି । ଅନ୍ଧକାର ରାତ୍ରିରେ ଜ୍ୱଳନ୍ତ ଅଗ୍ନିର ରେଖା ଓ ଯୋଦ୍ଧାଙ୍କ ଦୃଢ଼ ଭଙ୍ଗୀ ମିଶି ଏମିତି ଏକ ଦୃଶ୍ୟ ସୃଷ୍ଟି କରେ, ଯାହା ଦର୍ଶକଙ୍କୁ ଆଶ୍ଚର୍ଯ୍ୟ ଓ ଉତ୍ସାହରେ ଭରି ଦିଏ । ପାଇକ ଆଖଡ଼ା କେବଳ ଏକ କଳାତ୍ମକ ପ୍ରଦର୍ଶନ ନୁହେଁ; ଏହା ଓଡ଼ିଶାର ସାମରିକ ଐତିହ୍ୟ, ସାଂସ୍କୃତିକ ସ୍ମୃତି ଓ ସାହସିକ ଆତ୍ମାର ଏକ ସଜୀବ ପ୍ରତୀକ ।

ନିକଟରେ ଉତ୍କଳ ଦିବସ ଅବସରରେ ପାଇକ ଆଖଡ଼ାର ଏକ ଜୀବନ୍ତ ପ୍ରଦର୍ଶନ ଦେଖିବାର ବିରଳ ସୌଭାଗ୍ୟ ମିଳିଥିଲା । କଳାକାରମାନଙ୍କୁ ଅତ୍ୟନ୍ତ ନିକଟରୁ ଦେଖିବା- ରଣ ହୁଙ୍କାରର ଗର୍ଜନ, ତୀବ୍ର ମୁହଁର ଅଭିବ୍ୟକ୍ତି, ଖଣ୍ଡା ଓ ଢାଲର ଛନ୍ଦମୟ ସଂଘର୍ଷ, ଏବଂ ଶ୍ୱାସ ରୁଦ୍ଧକର ଅଗ୍ନି ପ୍ରଦର୍ଶନ, ଏମିତି ଏକ ଅନୁଭୂତି ଥିଲା, ଯାହା ଉଭୟ କଳାତ୍ମକ ଓ ଐତିହାସିକ ଭାବରେ ଗଭୀର ଭାବେ ଉଦ୍ଦୀପକ । ପ୍ରତ୍ୟେକ ଗତିବିଧିରେ ପାଇକ ବିଦ୍ରୋହର ସ୍ମୃତି ଓ ଯୋଦ୍ଧାମାନଙ୍କର ଅଦମ୍ୟ ସାହସର ପ୍ରତିଧ୍ୱନି ଅନୁଭବ ହେଉଥିଲା । ସେଇ ଶକ୍ତିଶାଳୀ ସାଂସ୍କୃତିକ ଅଭିବ୍ୟକ୍ତି ମଧ୍ୟରେ ଏକ ଶାନ୍ତ, କିନ୍ତୁ ଅସ୍ଥିର କରି ଦେଉଥିବା ପ୍ରତିକ୍ରିୟା ମଧ ଦୃଶ୍ୟମାନ ହେଉଥିଲା, ଯାହା ଓଡ଼ିଆ ହିସାବରେ ମୋ ଛାତିକୁ ରୁନ୍ଧି ଦେଇଥିଲା । ମାତ୍ର ଦୁଃଖର କଥା ହେଲା, ଏହି ସମାରୋହରେ ଉପସ୍ଥିତ କିଛି ନାମକରା ବ୍ୟକ୍ତିବିଶେଷ, ଯେଉଁମାନେ ପାଇକ ଆଖଡ଼ାର ଗୌରବମୟ ଇତିହାସ ଓ ତାହାର ଗଭୀର ବ୍ୟାକରଣ ସହିତ ଅପରିଚିତ, ଅଗ୍ରାହ୍ୟତାର ଭାବ ପ୍ରକାଶ କରୁଥିଲେ । ସେମାନଙ୍କ ପାଇଁ ଯୁଦ୍ଧର ହୁଙ୍କାର ଅନାବଶ୍ୟକ ଓ ବିରକ୍ତିକର ଥିଲା, ଅଙ୍ଗଭଙ୍ଗୀ ଅତିରଞ୍ଜିତ ମନେ ହେଉଥିଲା, ଏବଂ ଅଗ୍ନି ପ୍ରଦର୍ଶନ ମାତ୍ର ଏକ ନାଟକୀୟ ଦୃଶ୍ୟ ପରି ଅନୁଭବ ହେଉଥିଲା । ତାହା ସ୍ପଷ୍ଟ କରି ଦେଉଥିଲା ଯେ କିଛି ଦର୍ଶକଙ୍କର ସାଂସ୍କୃତିକ ନିରକ୍ଷରତା ହେତୁ ଓଡ଼ିଶାର ପ୍ରାଚୀନ ଓ ସମୃଦ୍ଧ ସମର କଳା ଭାବେ ବିଦ୍ୟମାନ ପାଇକ ଆଖଡ଼ା ଆକ୍ରମଣାତ୍ମକ ଲାଗୁଥିଲା, ହିଂସାତ୍ମକ ଲାଗୁଥିଲା, ବିପଜ୍ଜନକ ଲାଗୁଥିଲା ଓ ପ୍ରଦର୍ଶନକାରୀମାନେ କାଳେ ଆତଙ୍କବାଦୀ ଭଳି ଲାଗୁଥିଲେ । ବାସ୍ତବରେ ଯାହା ସାମରିକ ଶୃଙ୍ଖଳା, ସାହସ ଓ ଐତିହାସିକ ସ୍ମୃତିର ଏକ ସୁସଂରକ୍ଷିତ ଶବ୍ଦକୋଷ, ତାହା ଓଡ଼ିଶାକୁ ନ ଜାଣୁଥିବା, ଓଡ଼ିଆଙ୍କୁ ନ ବୁଝୁଥିବା ବ୍ୟକ୍ତିବିଶେଷଙ୍କୁ ଉପହାସ ବା ପ୍ରହସନ ଭଳି ଲାଗୁଥିଲା । ସେଇ ଅଜ୍ଞାନୀଙ୍କୁ ସମର କଳାକାରଙ୍କର ସେଇ ଖତେଇ ହୋଇ ଶତ୍ରୁକୁ ଉତ୍ତେଜିତ କରିବାର ଭାବ ଅଭଦ୍ରାମୀ ଭଳି ଲାଗୁଥିଲା । ସେମାନଙ୍କ ଅଜ୍ଞାନତା, ଓଡ଼ିଶା ପ୍ରତି ସେମାନଙ୍କର ହୀନମନ୍ୟତା ଭାବ, ଓଡ଼ିଶାର ଐତିହ୍ୟ ପ୍ରତି ସେମାନଙ୍କର ଅବୋଧତା ମୋତେ ବିଚଳିତ କରି ଦେଇଥିଲା ଏହି ଆଲେଖ୍ୟଟିକୁ ରଚନା କରିବା ପାଇଁ । ସାମାନ୍ୟ ବା ପ୍ରହସନ ଲାଗୁଥିବା ସେଇ ପାଇକ ଆଖଡ଼ା, ଯାହା ୧୮୧୭ ମସିହାର ପାଇକ ବିଦ୍ରୋହର ଐତିହ୍ୟ ସହ ଜଡ଼ିତ, ତାହା ଭାରତରେ ବ୍ରିଟିଶ ଔପନିବେଶିକ ଶାସନ ବିରୋଧରେ ଘଟିଥିବା ପ୍ରାରମ୍ଭିକ ସଶସ୍ତ୍ର ବିଦ୍ରୋହମାନଙ୍କ ମଧ୍ୟରୁ ଗୋଟିଏ । ଯେତେବେଳେ ଔପନିବେଶିକ ନୀତି ଓଡ଼ିଶାର ପାରମ୍ପରିକ ପ୍ରଶାସନିକ ଗଠନକୁ ଭାଙ୍ଗିଦେଲା ଓ ପାଇକମାନଙ୍କର ସାମରିକ-ସାମାଜିକ ଭୂମିକାକୁ ଅବମୂଲ୍ୟାୟନ କଲା, ସେତେବେଳେ ଏହି ଯୋଦ୍ଧା ସମ୍ପ୍ରଦାୟ ଦୃଢ଼ ପ୍ରତିରୋଧର ପଥ ଚୟନ କରିଥିଲେ । ପାଇକମାନେ ଉଲ୍ଲେଖନୀୟ ଚତୁରତା ଓ ଦୂରଦର୍ଶୀତାର ସହ ଏହି ପରିସ୍ଥିତିକୁ ସାମ୍ନା କରିଥିଲେ । ଯେତେବେଳେ ଯୁଦ୍ଧାଭ୍ୟାସକୁ ଖୋଲାମେଲା ଭାବରେ ଅଭ୍ୟାସ କରିବା ସମ୍ଭବ ନଥିଲା, ସେତେବେଳେ ପାଇକମାନେ ରଣ କୌଶଳକୁ ନୃତ୍ୟ ଓ ସାଂସ୍କୃତିକ ପ୍ରଦର୍ଶନର ଆବରଣରେ ବଞ୍ଚାଇ ରଖିଥିଲେ । ଯୁଦ୍ଧ ଗଠନଗୁଡ଼ିକ ଛନ୍ଦବଦ୍ଧ ଆନ୍ଦୋଳନରେ ପରିଣତ ହେଲା ଏବଂ ଯୁଦ୍ଧର ହୁଙ୍କାର ପ୍ରଦର୍ଶନର ନାଟକୀୟ ଅଭିବ୍ୟକ୍ତିରେ ମିଶିଗଲା । ଔପନିବେଶିକ କର୍ତ୍ତୃପକ୍ଷ ଯାହାକୁ ସାଧାରଣ ଲୋକ ମନୋରଞ୍ଜନ ବୋଲି ଭାବିଥିଲେ, ବାସ୍ତବରେ ତାହା ସାମରିକ ପ୍ରଶିକ୍ଷଣର ଏକ ସୁକୌଶଳ ଛଦ୍ମବେଶ ଥିଲା । ଏହି ଗଭୀର ଇତିହାସ ଓ ପ୍ରତୀକବାଦ ସତ୍ତ୍ୱେ କେତେକ ସମୟରେ ଦେଖାଯାଏ ଯେ ଓଡ଼ିଆ ପରମ୍ପରା ସହିତ ଅପରିଚିତ କିଛି ପର୍ଯ୍ୟବେକ୍ଷକ ପାଇକ ପ୍ରଦର୍ଶନକୁ ଭୁଲ୍ ଭାବେ ବ୍ୟାଖ୍ୟା କରନ୍ତି । ଯଦିଓ ସେମାନଙ୍କ ସୀମିତ ଜ୍ଞାନ ମଧ୍ୟରେ ସେମାନେ ସାମରିକ ପରମ୍ପରାର ଅନୁଶାସନ, ଶୌର୍ଯ୍ୟ ଓ ପ୍ରତୀକବାଦକୁ ବୁଝି ପାରନ୍ତି ନାହିଁ, ହେଲେ ପାଇକ ଆଖଡ଼ାର ମହତ୍ତ୍ୱ ଓ ଗୁରୁତ୍ୱ ଓଡ଼ିଶା ବା ଓଡ଼ିଆଙ୍କ ଲାଗି କ'ଣ, ତାହାର କୌଣସି ବ୍ୟାଖ୍ୟା ଲୋଡ଼ା ନାହିଁ । ଯାହାକୁ ଆମେ ବୁଝି ପାରୁନାହୁଁ, ତାହାକୁ ପରିହାସ କରିବା ସହଜ; କିନ୍ତୁ ଏକ ସାଂସ୍କୃତିକ ରୂପର ଅନ୍ତରାଳରେ ଲୁଚିଥିବା ଶତାବ୍ଦୀର ସାହସ ଓ ସ୍ମୃତିକୁ ଚିହ୍ନଟ କରିବା ସମସ୍ତଙ୍କ ପକ୍ଷରେ ମଧ ସହଜ ନୁହେଁ । ପାଇକ ଆଖଡ଼ା ଆମ ଐତିହାସିକ ସ୍ମୃତି ଓ ସାମୂହିକ ସାହସର ଏକ ଜୀବନ୍ତ ପ୍ରତିଧ୍ୱନି ।

ଭାରତୀୟ ନାଟ୍ୟଶାସ୍ତ୍ରରେ ଅଭିନୟର ଯେ ଚାରିଟି ମୁଖ୍ୟ ରୂପ- ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ- ସେଥିରେ ଆଙ୍ଗିକ ଅଭିନୟର ମହତ୍ତ୍ୱ ଅତ୍ୟନ୍ତ ବିଶେଷ । ମୁହଁର ଭାବ, ଆଖିର ଚାହାଣି, ହାତର ଇସାରା ଓ ଶରୀରର ଭଙ୍ଗୀ ମିଶି



ଏମିତି ଗୋଟିଏ ସମ୍ବାଦ ଗଢ଼େ, ଯାହା କେବଳ ଭାବକୁ ନୁହେଁ, ମନୁଷ୍ୟର ଆତ୍ମସ୍ଥିତିକୁ ମଧ ପ୍ରକାଶ କରେ । ଆମ ପିଲାଦିନର ସେଇ 'ଖତେଇ ହେବା', ଯାହାକୁ ଆମେ ଏକ ଦୁଷ୍ଟାମି ବା ଅଭଦ୍ରାମୀ ଭାବୁ, ତାହା ମୂଳତଃ ଏକ ଅଙ୍ଗ ଭାଷାର ପ୍ରକାଶ । ଏଥି ସହିତ ଯେଉଁ ଅଜ୍ଞାନୀମାନଙ୍କୁ ପାଇକ ଆଖଡ଼ା ଭଳି ସମୃଦ୍ଧ ଓଡ଼ିଆ କଳାରେ ସାମିଲ ମୁହଁର ଅଙ୍ଗୀଭଙ୍ଗୀ ଖତେଇ ହେଲା ପରି ଲାଗେ, ସେମାନଙ୍କୁ ଲୋଡ଼ା ମାନସିକତାର ବ୍ୟାପକତା । ଯେଉଁ ଅଜ୍ଞାନୀମାନଙ୍କୁ ସମର କଳା ମାରାତ୍ମକ ବା ହିଂସାତ୍ମକ ଲାଗେ, ସେମାନଙ୍କୁ ଲୋଡ଼ା ସାହସିକତା । ପାଇକ ଆଖଡ଼ା କେବଳ ଓଡ଼ିଶାର ସମୃଦ୍ଧ ଇତିହାସର ଭାଗ ନୁହେଁ, ବରଂ ଏକ ଅଦମ୍ୟ ପରିଚୟ ମଧ । ଖାଲିଟାରେ କିଏ କହିନାହିଁ ଯେ 'ଓଡ଼ିଶାବାସୀ ଭାରି ସାହସୀ ।' ସାହସିକତା ଆମ ରକ୍ତରେ ଅଛି, ଯାହାର ପ୍ରତୀକ ହେଉଛି ପାଇକ ବିଦ୍ରୋହ ଓ ଆମ ପାଇକ ଆଖଡ଼ା । ଖାଲି ପାଇକ ଆଖଡ଼ା କାହିଁକି, ଓଡ଼ିଶାର ଆଦିବାସୀ ଢେମ୍‌ସାଠାରୁ ଆରମ୍ଭ କରି ଗୋଟିପୁଅ ନୃତ୍ୟ, ରଣପା ନାଚ, ଛଉନୃତ୍ୟ, ଦଣ୍ଡନୃତ୍ୟ, ବାଲୁକଳା, ପଥର ଖୋଦେଇ, ରୂପା ତାରକସି, ଏମିତିକି ପ୍ରତ୍ୟେକ କଳାରେ ନିହିତ ଅଛି କେତେ ଗାଥା । ଜଣକର ଅଜ୍ଞାନତା ଯେ ଓଡ଼ିଆ ଶୌର୍ଯ୍ୟ, ପରାକ୍ରମ, ସାହସକୁ ମଳିନ କରି ପାରିବ, ତାହା ଅସମ୍ଭବ, ହେଲେ ସେଇ ଅଜ୍ଞାନତାକୁ ଜ୍ଞାନରେ ପରିଣତ କରିବାକୁ ଓ ଉଚିତ ଜ୍ଞାନ ଦେବାକୁ ଏହି ଆଲେଖ୍ୟ ଛୋଟ ଏକ ପ୍ରୟାସ ।

ମୋ: ୬୩୭୦୯୦୫୯୪୭

# ନିର୍ବାଚନ ଖେଳ


କେରଳ, ଆସାମ ଏବଂ ପୁଡୁଚେରୀର ଭୋଟରମାନେ ସମ୍ପୂର୍ଣ୍ଣ ଭାବରେ ତିନି ଗୋଟି ଭିନ୍ନ ଭିନ୍ନ ରାଜନୀତିକ ମାପଦଣ୍ଡରେ ଆଜି ଗୁରୁବାର, ଅର୍ଥାତ୍ ଏପ୍ରିଲ ୯ ତାରିଖ ଦିନ ସେମାନଙ୍କର ନୂଆ ବିଧାନସଭା ସଦସ୍ୟମାନଙ୍କୁ ନିର୍ବାଚିତ କରିବାକୁ ଯାଉଛନ୍ତି । ଏଥିପାଇଁ ପ୍ରଚାର କାର୍ଯ୍ୟ ମଙ୍ଗଳବାର ଶେଷ ହୋଇ ସାରିଛି । ଗୋଟିଏ ମାତ୍ର ପର୍ଯ୍ୟାୟରେ ମତଦାତାମାନେ କେରଳର ୧୪୦, ଆସାମର ୧୨୬ ଏବଂ ପୁଡୁଚେରୀର ୩୦ଟି ଆସନ ପାଇଁ ମତଦାନ କରିବେ । କେରଳରେ ଇଣ୍ଡିଆ ମେଣ୍ଟର ଦଳମାନେ ପ୍ରମୁଖ ଖେଳାଳି ହୋଇଥିବା ବେଳେ ଆସାମରେ ବିଜେପି-ନେତୃତ୍ୱାଧୀନ ସାମ୍ମୁଖ୍ୟ ଏବଂ ଇଣ୍ଡିଆ ମେଣ୍ଟ ପରସ୍ପର ସହିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ଜାତୀୟ ଶୈଳୀର ବିପରୀତରେ ନିଜର ରାଜନୀତିକ ଗତିଶୀଳତା ରହିଛି । ଏହିସବୁ ନିର୍ବାଚନର ଫଳାଫଳ ମେ' ୪ ତାରିଖରେ ଘୋଷଣା ହେବ । କେରଳରେ ସିପିଆଇ(ଏମ୍)-ନେତୃତ୍ୱାଧୀନ ବାମପନ୍ଥୀ ଗଣତାନ୍ତ୍ରିକ ସାମ୍ମୁଖ୍ୟ ସରକାର-ବିରୋଧୀ ହାୱା ତଥା କଂଗ୍ରେସ-ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ ବିରୁଦ୍ଧରେ ସଂଗ୍ରାମ କରୁଛି । ମଜାର କଥା ହେଉଛି, ଦୁଇଗୋଟିଯାକ ସାମ୍ମୁଖ୍ୟର ସମସ୍ତ ସଦସ୍ୟ ଜାତୀୟ ସ୍ତରରେ ମିଳିତ ବିରୋଧୀ ମଞ୍ଚର ଅଂଶ, କିନ୍ତୁ ଏହି ରାଜ୍ୟରେ ସେମାନେ ସେମାନଙ୍କର ସମସ୍ତ କଳ, ବଳ, କୌଶଳ ଖଟାଇ ପରସ୍ପର ବିରୁଦ୍ଧରେ ଜୋର୍‌ଦାର ଲଢ଼େଇ କରୁଛନ୍ତି । ଏହି ରାଜ୍ୟର ରାଜନୀତିରେ ବିଜେପି ଏ ପର୍ଯ୍ୟନ୍ତ ନିଜକୁ ଜଣେ ପ୍ରମୁଖ ଖେଳାଳି ଭାବରେ ସାବ୍ୟସ୍ତ କରିବାରେ ବିଫଳ ହୋଇଛି । ଏଲ୍‌ଡିଏଫ୍ ସରକାର ରାଜ୍ୟର ଇତିହାସରେ ଏ ଯାବତ୍ ଘଟି ନଥିବା ଘଟଣାକୁ ପରାଭୂତ କରି ଲଗାତର ତୃତୀୟ ଥର ପାଇଁ ଶାସନ କ୍ଷମତାକୁ ଆସିବା ନିମନ୍ତେ ଉଦ୍ୟମ କରୁଛି, କିନ୍ତୁ ଜନକଲ୍ୟାଣ ଏବଂ ବିକାଶମୂଳକ ପ୍ରକଳ୍ପଗୁଡ଼ିକ କ୍ଷେତ୍ରରେ ଏକ ଦୁର୍ବଳ ରିପୋର୍ଟ କାର୍ଡ ଧାରଣ କରୁଛି ।

କମ୍ରେଡ୍‌ମାନେ ଆଶା କରୁଛନ୍ତି ଯେ ଅଭିନବ ପାଣ୍ଠି ଯୋଗାଣ ମଡେଲଗୁଡ଼ିକ ଜରିଆରେ ସରକାର କାର୍ଯ୍ୟାନ୍ୱୟନ କରିଥିବା ବୃହତ୍ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଏହା ଯେପରି ବଡ଼ ଧରଣର ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି, ସେସବୁ ଚଳିତ ନିର୍ବାଚନରେ ବିଜୟ ହାସଲ କରିବା ପାଇଁ ସେମାନଙ୍କୁ ସାହାଯ୍ୟ କରିବ । ଏଲ୍‌ଡିଏଫ୍ ଦାବି କରୁଛି ଯେ 'ଲାଇଫ୍' (ଆଜୀବିକା ଅନ୍ତର୍ଭୁକ୍ତିକରଣ ଏବଂ ଆର୍ଥିକ ସଶକ୍ତିକରଣ) ମିଶନ୍, ଯାହା ପାଞ୍ଚ ଲକ୍ଷରୁ ଅଧିକ ସଂଖ୍ୟକ ପକ୍କା ଘର ନିର୍ମାଣ କରି ସାରିଛି ଏବଂ ଉତ୍କଟ ଦାରିଦ୍ର୍ୟ ନିରାକରଣ ପ୍ରକଳ୍ପ, ଯାହା ୬୦ ହଜାରରୁ ଅଧିକ ସଂଖ୍ୟକ ଅତି ଗରିବ ପରିବାରଙ୍କ ପାଇଁ ଏକ ସ୍ୱଚ୍ଛନ୍ଦ ଜୀବନଯାପନ କରିବାକୁ ସୁନିଶ୍ଚିତ କରିଛି, ତାହା କେରଳକୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକ କ୍ଷେତ୍ରରେ ଏକ ନମୁନା ରାଜ୍ୟରେ ପରିଣତ କରିଛି । ତେବେ ୟୁଡିଏଫ୍ ଆଶା କରୁଛି ଲୋକମାନେ ପ୍ରକାଶ କରୁ ନଥିବା ଶାସନ କ୍ଷେତ୍ରରେ ପରିବର୍ତ୍ତନର ଇଚ୍ଛା ଏବଂ ଭୋଟରମାନଙ୍କୁ ଏହା ପ୍ରଦାନ କରୁଥିବା ପାଞ୍ଚ ଗୋଟି ଗ୍ୟାରେଣ୍ଟି ବଳରେ ବିଜୟ ହାସଲ କରିବ । ଏକଥା ସତ୍ୟ ଯେ ମାଗଣା ଉପହାର ପ୍ରଦାନ କଂଗ୍ରେସକୁ ଅନେକଗୁଡ଼ିଏ ରାଜ୍ୟରେ ପ୍ରଚୁର ଭୋଟ୍ ପାଇବାରେ ସାହାଯ୍ୟ କରିଛି; ତେବେ କେରଳ ସେହି ବାଜି କାମ କରିବ କି ନାହିଁ, ତାହା ଦେଖିବାକୁ ବାକି ରହିଛି ।

ଆସାମରେ ପ୍ରଚାର ଅଭିଯାନର ମଙ୍ଗ ସମ୍ଭାଳି ଥିଲେ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା, ଯିଏକି ଦ୍ୱିତୀୟ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାକୁ ଏବଂ ବିଜେପି- ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ତୃତୀୟ ଥର ପାଇଁ କ୍ଷମତାସୀନ କରିବାକୁ ଉଦ୍ୟମ କରୁଛନ୍ତି । ଏହି ରାଜ୍ୟରେ ଶାସକ ଦଳ ଦୁଇ ଗୋଟି ମୁଖ୍ୟ ପ୍ରସଙ୍ଗ- ବିକାଶମୂଳକ ପ୍ରକଳ୍ପ ସମୂହ ଏବଂ ଚରମପନ୍ଥୀ ହିନ୍ଦୁତ୍ୱକୁ ଆୟୁଧ କରିଛି । ବିଜେପି ଦାବି କରୁଛି ଯେ ରାଜ୍ୟର ଇତିହାସରେ କେବେ ଦେଖା ନଥିବା ବଡ଼ ଧରଣର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଏହା କାର୍ଯ୍ୟକାରୀ କରିଛି, ଯେଉଁଗୁଡ଼ିକ ଏହାକୁ ବିପୁଳ ପରିମାଣର ଘରୋଇ ପୁଞ୍ଜିନିବେଶକୁ ଆମନ୍ତ୍ରଣ କରିବାରେ ସାହାଯ୍ୟ କରିଛି । ଆଉ ଏଥି ସହିତ ଦଳ ରାଜ୍ୟରେ ମୁସଲମାନମାନଙ୍କ ବିରୁଦ୍ଧରେ ଏକ ଭୟଙ୍କର ହିନ୍ଦୁତ୍ୱର ରୂପକୁ ଉନ୍ମୋଚିତ କରିଛି । ମୁଖ୍ୟମନ୍ତ୍ରୀ ନିଜେ ଏହାର ନେତୃତ୍ୱ ନେଉଛନ୍ତି ଏବଂ ଏହି ରାଷ୍ଟ୍ର ପ୍ରତିଷ୍ଠା ହୋଇଥିବା ସିଦ୍ଧାନ୍ତଗୁଡ଼ିକୁ ହେୟଜ୍ଞାନ କରୁଥିବା ଅତ୍ୟଧିକ ପରିମାଣରେ ଆପତ୍ତିଜନକ ମନ୍ତବ୍ୟମାନ ପ୍ରଦାନ କରିବାରେ ତିଳେହେଲେ କୁଣ୍ଠିତ ହୋଇ ନାହାନ୍ତି । ତାଙ୍କ ଦଳ ମଧ ଏହା ସପକ୍ଷରେ ରହିଛି, କାରଣ ଏହା ହିଁ ସେମାନଙ୍କ ପାଇଁ ଭୋଟ୍ ଅର୍ଜନ କରୁଥିବା ପର୍ଯ୍ୟନ୍ତ ଏକ ପନ୍ଥା ହୋଇ ରହିବ । ଏହି ରାଜ୍ୟରେ ଏକ ଦୁର୍ବଳ ଶକ୍ତି ହୋଇଥିବା କଂଗ୍ରେସ ଏହାର ଲୋକସଭା ସଦସ୍ୟ ଗୌରବ ଗୋଗୋଇଙ୍କ ନେତୃତ୍ୱରେ କ୍ଷମତାକୁ ଆସିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛି । ପ୍ରଚାର କାର୍ଯ୍ୟକ୍ରମର ଶେଷ ବେଳକୁ ଏଠାରେ ଉଭୟ ଦଳଙ୍କ ପକ୍ଷରୁ ତୀବ୍ର ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖିବାକୁ ମିଳିଥିଲା- ଶ୍ରୀଯୁକ୍ତ ଗୋଗୋଇଙ୍କର ପାକିସ୍ତାନ ସହିତ ସମ୍ପର୍କ ରହିଥିବା ନେଇ ଶ୍ରୀଯୁକ୍ତ ଶର୍ମା ଅଭିଯୋଗ ଉଠାଇ ଥିବା ବେଳେ କଂଗ୍ରେସ ଶ୍ରୀଯୁକ୍ତ ଶର୍ମାଙ୍କ ପତ୍ନୀଙ୍କର ତିନି ଗୋଟି ପାସ୍‌ପୋର୍ଟ- ୟୁଏଇ, ଆଣ୍ଟିଗୁଆ ଏବଂ ବାର୍ବୁଡା- ରହିବା ସହିତ ଶ୍ରୀଯୁକ୍ତ ଶର୍ମା ଦମ୍ପତିଙ୍କର ବିଦେଶରେ ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି ଥିବା ସମ୍ପର୍କରେ ଅଭିଯୋଗ ଉଠାଇଛି । ଏହା ପ୍ରକାଶ କରିଛି ଯେ ପରାଜିତ ହେଲେ ଉଭୟ ହୁଏତ ବିଦେଶ ପଳାୟନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ଉଭୟ ଦଳ ଯଦି ଅଧା ସଂଖ୍ୟକ ଆସନରେ ବିଜୟ ଲାଭ କରନ୍ତି, ତା'ହେଲେ ତା'ପରେ ସେମାନଙ୍କର ମେଣ୍ଟ ଅଂଶୀଦାରମାନେଏକ ପ୍ରମୁଖ ଭୂମିକା ନିର୍ବାହ କରିବା ଆଶା କରାଯାଉଛି ।

ପୁଡୁଚେରୀ ନିର୍ବାଚନ କଂଗ୍ରେସକୁ ଏହାର ପଡ଼ୋଶୀ ତାମିଲନାଡୁରେ ଅଂଶୀଦାର ରହିଥିବା ଡିଏମ୍‌କେ ବିରୁଦ୍ଧରେ ଏକ ସୁଯୋଗ ପ୍ରଦାନ କରିବାର ଆଶ୍ୱାସନା ପ୍ରଦାନ କରୁଛି । ବାଡ଼ର ଆର ପଟେ ରହିଛି ଶାସକ ଏନ୍‌ଆର୍ କଂଗ୍ରେସ, ଯାହା ମଧ ଏହାର ମେଣ୍ଟ ଅଂଶୀଦାର ଏଆଇଏଡିଏମ୍‌କେ ଏବଂ ବିଜେପି ପାଇଁ କିଛି ସମୟ ଧରି କୌଶଳ ଅବଲମ୍ବନର ଖେଳ ଖେଳିବାକୁ ଉଦ୍ୟମ କରିଥିଲା, କିନ୍ତୁ ଶେଷରେ ଧାରାରେ ପଡ଼ିଗଲା । ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଏହି ନିର୍ବାଚନଗୁଡ଼ିକୁ ଏକ ମଜାଦାର ବ୍ୟାପାରରେ ପରିଣତ କରିଛି ।

# ଶିକ୍ଷା ଓ ସଂସ୍କାର



ସଚ୍ଚିଦାନନ୍ଦ ଦାଶ

ପ୍ରତ୍ୟେକ ମଣିଷର ଶିକ୍ଷା ହେଉଛି ମୌଳିକ ଆବଶ୍ୟକତା । ଶିକ୍ଷା ସଭ୍ୟତା ଓ ସଂସ୍କୃତିର ଏକ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ । ଅର୍ଥାତ୍ ସମାଜରେ ସଭ୍ୟ ଓ ସଂସ୍କୃତିସମ୍ପନ୍ନ ହେବା ପାଇଁ ଶିକ୍ଷାର ଆବଶ୍ୟକତା ରହିଛି । ଶିକ୍ଷା ବିକାଶର ଆଲୋକକୁ ପ୍ରଜ୍ୱଳିତ କରିଥାଏ । ବିନା ଶିକ୍ଷାରେ ଦେଶର ପ୍ରଗତି ଅସମ୍ଭବ । ମନୁଷ୍ୟ ଶୈଶବ ଅବସ୍ଥାରେ ପାରିବାରିକ ଶିକ୍ଷାଲାଭ କରିଥାଏ ଏବଂ ପରେ ଆନୁଷ୍ଠାନିକ ଶିକ୍ଷାଲାଭ କରିଥାଏ । ପାରିବାରିକ ଶିକ୍ଷା ବିଶେଷ ଭାବରେ ସଂସ୍କାରକୁ ବୁଝାଏ । ଏଇଠି ପ୍ରଶ୍ନ ଆସେ- ସଂସ୍କାର କ'ଣ ? ସଂସ୍କାର ଜୀବନର ନୈତିକ ମୂଲ୍ୟବୋଧକୁ ବୁଝାଏ । ଶୈଶବରୁ କିଶୋର ଅବସ୍ଥା ପର୍ଯ୍ୟନ୍ତ ମଣିଷ ସଂସ୍କାର ବା ନୈତିକତାର ଜ୍ଞାନ ପରିବାରର ସଦସ୍ୟ, ବିଶେଷତଃ ମା' ଓ ବାପାଙ୍କଠାରୁ ଶିଖିଥାଏ । ତେଣୁ ସଂସ୍କାର ଶିକ୍ଷାର ଏକ ଅଂଶବିଶେଷ କହିଲେ ଅତ୍ୟୁକ୍ତି ହେବନାହିଁ । ଅନୁଷ୍ଠାନମାନଙ୍କରେ ମଧ ପିଲାଟି ସଂସ୍କାର ଶିଖିଥାଏ, ନୈତିକ ଶିକ୍ଷା ପାଠ୍ୟକ୍ରମରୁ । ଶିକ୍ଷା ପ୍ରଶସ୍ତ ହେଲା ବେଳେ ସଂସ୍କାର ଶିକ୍ଷାର ଏକ ସଂକୀର୍ଣ୍ଣ ଉପାଦାନ । କିଛି ମହାମନୀଷୀଙ୍କ ମତରେ, ଜୀବନରେ କେବଳ ଶିକ୍ଷା ନୁହେଁ, ଶିକ୍ଷା ସହ ସଂସ୍କାର ଲୋଡ଼ା । ଶିକ୍ଷା ନଥାଇ ସଂସ୍କାର ଥିଲେ ମଣିଷ ଜୀବନରେ ସବୁକିଛି ପାରି ହୋଇଯିବ । ମାତ୍ର ସଂସ୍କାର ବିନା ଶିକ୍ଷାର ମହତ୍ତ୍ୱ କିଛି ନଥାଏ । ସଂସ୍କାର ବିନା ଶିକ୍ଷା ମୂଲ୍ୟହୀନ ହୋଇପଡ଼େ ।

ଆସନ୍ତୁ ଶିକ୍ଷା କ'ଣ ଓ ସଂସ୍କାର କ'ଣ ଟିକେ ବୁଝିବା । ଶିକ୍ଷା ମଣିଷ ଜୀବନରେ ଏକ ଅଂଶ, ଯାହାକୁ ମଣିଷ ପୁସ୍ତକ ପଠନ, ପଢ଼ିବାର ନୂତନ କୌଶଳର ସୃଷ୍ଟି ଏବଂ ଶ୍ରେଣୀଗୃହର ପାଠପଢ଼ା ଦ୍ୱାରା ଅର୍ଜନ କରିଥାଏ । ସେହି ଶିକ୍ଷାକୁ ଉପଲବ୍ଧି କରି ବାସ୍ତବ କ୍ଷେତ୍ରରେ ମଣିଷ ତା'ର ଜୀବିକା ନିର୍ବାହ କରିବା ସଙ୍ଗେ ସଙ୍ଗେ ଦେଶ ବା ଜାତିର ବିକାଶରେ ନିଜକୁ ନିୟୋଜିତ କରିଥାଏ । ମାତ୍ର ଜଣେ ମଣିଷ ସଂସ୍କାରିତ କହିଲେ ତା'ର ସକାରାତ୍ମକ ମାନବୀୟ ଗୁଣକୁ ବୁଝାଏ, ଯଥା- ସ୍ନେହ, ଶ୍ରଦ୍ଧା, ସାଧୁତା, ନିରପେକ୍ଷତା, କର୍ମଠତା, ମାନବିକତା ଇତ୍ୟାଦି ଗୁଣ ସମୂହ । 'ଖାଲି ଶିକ୍ଷା ନୁହେଁ, ମନୁଷ୍ୟ ପାଇଁ ସଂସ୍କାର ମଧ ଲୋଡ଼ା'- ଉକ୍ତିଟିକୁ ନେଇ ଏହା ଅସ୍ୱୀକାର କରାଯାଇ ନ ପାରେ ଯେ ସାରା ଦେଶରେ ଲାଞ୍ଚଜନିତ ଘଟଣାମାନ ଶକ୍ତି, ପବ୍ଲିକ୍ ୱାର୍କସ୍, ରେଲୱେ ଇତ୍ୟାଦି ବିଭାଗରେ ଅନେକ ଦୁର୍ନୀତି ଆମ ଦେଶରେ ଘଟି ଚାଲିଛି, ଯାହାର ମୂଳ କାରଣ ହେଉଛି ଆମମାନଙ୍କଠାରେ ସଂସ୍କାରର ଅଭାବ । ଅମଲାତନ୍ତ୍ରର ବାବୁମାନଙ୍କ ପାଖରେ ସଚ୍ଚୋଟତା, ସାଧୁତା ଓ ନିଷ୍ଠାପରତାର ଅଭାବ ଚରି ଯାଇଛି । ସେମାନଙ୍କ ପାଖରେ ଭରି ରହିଛି ଅର୍ଥଲୋଭ, ବେନିୟମତା ଓ କ୍ଷମତାର ଅପବ୍ୟବହାର । ଠିକ୍ ସେହିପରି ଶିକ୍ଷାର ମୂଲ୍ୟ ମଧ ଅଧୋଗତି ଆଡ଼କୁ ମୁହାଁଇଛି । ଆମ ଯୁବ ପିଢ଼ି ପୁସ୍ତକଭିତ୍ତିକ ଜ୍ଞାନ ଅର୍ଜନ କରି ବାସ୍ତବ କ୍ଷେତ୍ରରେ ପ୍ରୟୋଗାତ୍ମକ ଜ୍ଞାନକୁ ଆପଣେଇ ପାରୁ ନାହାନ୍ତି । ଆମ ଯନ୍ତ୍ରୀମାନେ ତାଙ୍କର ଅର୍ଜିତ ଜ୍ଞାନକୁ ଠିକ୍ ବାଟରେ ନୂତନ କୌଶଳର ସହାୟତା ନେଇ ବ୍ୟବହାର କରିବାରେ ଏତେଟା ସକ୍ଷମ ହୋଇପାରୁ ନାହାନ୍ତି । ଆମ ପ୍ରଫେସନାଲଙ୍କଠାରେ ନୂତନ କୌଶଳ ଆବିଷ୍କାର କରିବାର କ୍ଷମତା କମ୍ ଥିବାର ପରିଲକ୍ଷିତ ହେଉଛି ।

ଏଥର ଆସିବା ଶିକ୍ଷା ଓ ସଂସ୍କାରର ଏକ ଦର୍ଶନଭିତ୍ତିକ ଅନୁଶୀଳନକୁ । ମଣିଷର ମସ୍ତିଷ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ମସ୍ତିଷ୍କ ମଧ୍ୟରେ ଚେତନାର ସ୍ତର ରହିଛି, ଯାହା ପ୍ରତ୍ୟେକ ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିଥାଏ । ଚେତନାର ନିର୍ଦ୍ଦେଶରେ ମଣିଷ ପଢ଼ିବା, ଖାଇବା, ଶୁଣିବା, କହିବା କର୍ମ ଇତ୍ୟାଦି ସମ୍ପାଦନ କରିଥାଏ । ଶ୍ରୀ ଅରବିନ୍ଦଙ୍କ ଦର୍ଶନ ତତ୍ତ୍ୱ ଅନୁସାରେ, ଚେତନା ମଣିଷର ମୌଳିକ ସତ୍ୟତା, ଯାହାର ସୃଷ୍ଟି କେବଳ ଏ ମଣିଷର ଅସ୍ତିତ୍ୱ ପାଇଁ । ଚେତନା ଦୁଇଟି



ଉପାଦାନର ଅଂଶବିଶେଷ । ସେ ଦୁଇଟି ହେଲା ବିବେକ ଓ ବୁଦ୍ଧି । ପ୍ରଥମେ ବିବେକ କଥା ବିଚାରକୁ ନେବା । ବିବେକ ମନର ଲଗାମ ସଦୃଶ । ଘୋଡ଼ାକୁ ଯେପରି ଲଗାମ୍ ନିୟନ୍ତ୍ରଣ କରିଥାଏ, ଠିକ୍ ସେହିପରି ବିବେକ ମନକୁ ନିୟନ୍ତ୍ରଣରେ ରଖିଥାଏ । ବିବେକ ମନର ଦୁଇଟି ପଥକୁ ନିୟନ୍ତ୍ରଣ କରିଥାଏ, ଗୋଟିଏ ବିଚାର ଶକ୍ତି ଏବଂ ଅନ୍ୟଟି ସ୍ୱୀକାର ଶକ୍ତି । ଯେ କୌଣସି କଥା ବା ଘଟଣାବଳୀ ବିଚାର ଶକ୍ତି ଦେଇ ବିବେକର ସଂସ୍ପର୍ଶରେ ଆସି ସ୍ୱୀକାର ହୋଇଥାଏ ବା ହୋଇ ନଥାଏ । ପରବର୍ତ୍ତୀ ପାହାଚରେ ସ୍ୱୀକାର ଶକ୍ତିଟି ସଂସ୍କାର ଆକାରରେ ମସ୍ତିଷ୍କରେ ପରିପ୍ରକାଶ ହୋଇଥାଏ । ସଂସ୍କାର ବିବେକର ବିଚାର ଶକ୍ତି ଅନୁସାରେ ସକାରାତ୍ମକ ବା ନକାରାତ୍ମକ ହୋଇଥାଏ । ଏଥର ବୁଦ୍ଧି କଥାକୁ ବିଚାରକୁ ନେବା । ମଣିଷ ମନରେ ଖଚିତ ବୁଦ୍ଧି ସେହିପରି ଦୁଇଟି ପଥ ଦେଇ ଗଠିତ । ଗୋଟିଏ ମନନ ହେଲେ ଅନ୍ୟଟି ଚିନ୍ତନ । ମନନ ଶକ୍ତି ମଣିଷର ସ୍ମୃତି ଶକ୍ତି ଏବଂ ଯେ କୌଣସି ବିଷୟରେ ଅନୁଧ୍ୟାନ କରିବାରେ ସହାୟକ ହୋଇଥାଏ । ମାତ୍ର ଚିନ୍ତନ ଶକ୍ତି ମଣିଷ ମସ୍ତିଷ୍କର ଚିନ୍ତା ଶକ୍ତି, ସୃଜନ ଶକ୍ତି ଇତ୍ୟାଦି ସୃଷ୍ଟି କରିବାରେ ସହାୟକ ହୋଇଥାଏ ।

ମନନ ଶକ୍ତି ଓ ଚିନ୍ତନ ଶକ୍ତିର ସମ୍ମିଶ୍ରଣରେ ଶିକ୍ଷା ଅର୍ଜନ କରିବାର ପ୍ରବୃତ୍ତି ମସ୍ତିଷ୍କରୁ ଜାଗ୍ରତ ହୋଇଥାଏ । ମଣିଷ ମନ ଓ ବିବେକର ଗୁଣାତ୍ମକ ବିଶେଷତ୍ୱ ନେଇ ସଂସ୍କାରର ପ୍ରବୃତ୍ତି ମନରେ ଜାଗ୍ରତ ହୋଇଥାଏ । ଠିକ୍ ସେହିପରି ବୁଦ୍ଧିର ଗୁଣାତ୍ମକ ବିଶେଷତ୍ୱକୁ ନେଇ ଶିକ୍ଷାଲାଭ କରିବାର ଇଚ୍ଛାଶକ୍ତି ଜନ୍ମିଥାଏ । ମୋଟ ଉପରେ ବିବେକ ସଂସ୍କାରକୁ ନିୟନ୍ତ୍ରଣ କଲା ବେଳେ ବୁଦ୍ଧି ଶିକ୍ଷାକୁ ନିୟନ୍ତ୍ରଣ କରିଥାଏ । ଶେଷରେ ଏତିକି କୁହାଯାଇପାରେ ଯେ ଆମେ ଶିକ୍ଷା ଓ ସଂସ୍କାରର ମାହାତ୍ମ୍ୟକୁ ଠିକ୍ ଭାବରେ ଉପଯୋଗ କରିବା ଏବଂ ସୁସ୍ଥ ମନ ମସ୍ତିଷ୍କରେ କର୍ତ୍ତବ୍ୟ କରି ଚାଲିବା ।

ସିଡିଏ, କଟକ
ମୋ: ୭୦୦୮୬୫୦୬୯୩

# ଆଜି ନଗଦ, କାଲି ବାକି

ଆଗାମୀ କାଲିକୁ ଆମେ ଆଶା ବାନ୍ଧୁ । କାଲିକୁ ଦେଖିବା କି ନାହିଁ, ତାହା ପରମାତ୍ମାଙ୍କ ହାତର କଥା । ଭବିଷ୍ୟତ ଯୋଜନାକୁ ପ୍ରସ୍ତୁତ କରନ୍ତି ସେ । ତେବେ ଯେତିକି ଦିନ ଜିଉଁଛେ, ଅନ୍ତତଃ ଟିକିଏ ଭଲରେ ଜିଇଁବାକୁ ଚେଷ୍ଟା କରିବା ଉଚିତ୍ । ସେଥିପାଇଁ କୁହାଯାଏ, ଅତୀତକୁ ଆଉ ସଜାଡ଼ି ହେବନି । ଯାହା ଘଟି ଯାଇଛି, ସେଥିରୁ କିଛି ଶିକ୍ଷା ସଂଗ୍ରହ କରିବା ସିନା, ତାକୁ ଗୋଳେଇ ଘାଣ୍ଟି, ଦୋହରାଇ କିଛି ଲାଭ ନାହିଁ । ଭବିଷ୍ୟତ ତ ଅନିଶ୍ଚିତ । ତାକୁ କିଏ ବା ଦେଖିଛି ? ଆଉ ବର୍ତ୍ତମାନ ହେଉଛି ଆମର । ଆଜି ହିଁ ଆମ ପାଇଁ ଶ୍ରେୟ । ଶ୍ରେଷ୍ଠ ସମ୍ପତ୍ତି । ତାକୁ ନେଇ ଜିଇଁ ଶିଖିବା । ଆଜି ହିଁ ଆଗାମୀ କାଲିକୁ ଗଢ଼ିଥାଏ । ବର୍ତ୍ତମାନର ଗୋଟିଏ ପାଦ ଦୃଢ଼ ହେଲେ ଆଗକୁ ଆଉ ଗୋଟିଏ ପାଦ ବଢ଼ାଇ ପାରିବା । ବର୍ତ୍ତମାନର ପାଦ ଖସିଗଲେ ଆଗକୁ କ'ଣ ପାଦ ବଢ଼ାଇ ପାରିବା ? ସେଥିପାଇଁ ବୋଧହୁଏ ଅନେକ ଦୋକାନରେ ଲେଖା ଥାଏ- 'ଆଜି ନଗଦ, କାଲି ବାକି ।' ଅର୍ଥାତ୍ ବ୍ୟବସାୟୀଙ୍କୁ ବୋଧହୁଏ ସେ ପାଠଟି ଭଲ ଭାବରେ ମାଲୁମ୍ ଥାଏ । ଯେଉଁ ଗ୍ରାହକ କାଲିକୁ ଦେବି କହି ଚାଲିଯାଏ, ତା'ଠାରୁ ଆଉ ଧନ ଆଦାୟ କରିବା ସହଜ ନୁହେଁ । ହୁଏତ ତା'ର କିଛି ଅସୁବିଧା ହୋଇଯାଇପାରେ ବା ସେ ପୁଣି ଥରେ ତା' ଦୋକାନକୁ ଆସି ନପାରେ !

ଆମକୁ ମିଳିଥିବା ସୁନ୍ଦର ଜୀବନଟି ମଧ ନଗଦରେ ଚଳେ । ଏଥିରେ ବାକିର ପ୍ରଶ୍ନ ଉଠେନାହିଁ । କିନ୍ତୁ ବିଡ଼ମ୍ବନା ହେଉଛି, ଆମେ ଅନେକ ସମୟରେ ବାକିରେ ଚଳିବାକୁ ଇଚ୍ଛା କରୁ । ଭଲ କାମ, ସତ୍ ଚିନ୍ତନ, ସୁବିଚାରକୁ ଆଜି ଗୁରୁତ୍ୱ ନଦେଇ କାଲିକୁ ରଖିଦେଉ । ଆଉ ଆଜି ହିଁ ଅଦରକାରୀ ଜିନିଷ ସବୁ ସଂଗ୍ରହ କରିନେଉ । ଫଳରେ ଜୀବନ ଯାତ୍ରାରେ କେବଳ ଦୁଃଖ ହିଁ ପାଇଥାଉ । ଏହାର ଏକ ଉଦାହରଣ ।

ବାପା ଦୁଇ ପୁଅକୁ ପାଞ୍ଚଶହ ଲେଖାଏଁ ଟଙ୍କା ଓ ଅଲଗା ଅଲଗା ଚିଠା ଦେଇ କହିଲେ- 'ଏ ପାଞ୍ଚଶହ ଲେଖାଏଁ ଟଙ୍କା ଓ ଚିଠା ନିଅ । ବଜାରରୁ ସଉଦା ଆଣିବ ।' ଦୁଇ ପୁଅ ଭିନ୍ନ ଭିନ୍ନ ଦୋକାନକୁ ଗଲେ । ସଉଦା ସଂଗ୍ରହ କଲେ । କିନ୍ତୁ ସଉଦାର ମୂଲ୍ୟ ପାଞ୍ଚଶହ ଟଙ୍କାଠାରୁ ବେଶି ହେଉଛି । ଦୋକାନୀ ବାକି ବି ଦେଉନାହିଁ । ଗୋଟିଏ ପୁଅ ସେହି ପାଞ୍ଚଶହ ଟଙ୍କାରେ ଅତି ଆବଶ୍ୟକ ଜିନିଷ ନେଇ ଆସିଲା । ଅନ୍ୟ ପୁଅଟି କେବଳ ଚିଠା ଅନୁସାରେ ସଉଦା ଆଣିଲା । ଅତି ଆବଶ୍ୟକ ବା କମ୍ ଆବଶ୍ୟକ ଜିନିଷ କ'ଣ ସେ ବୁଝିଲା ନାହିଁ । ଫଳରେ ବଡ଼ପୁଅକୁ ଆଉ ଥରେ ଦୋକାନକୁ ଯିବାକୁ ପଡ଼ିଲା ନାହିଁ । ସାନପୁଅ ପୁଣି ଟଙ୍କା ନେଇ ଦୋକାନକୁ ଗଲା ।

ଠିକ୍ ସେମିତି ଆମ ପାଇଁ ଅତି ଆବଶ୍ୟକ କର୍ମ କ'ଣ, ତାହା ଆଜି କରିବା । ଦୟା, ସ୍ନେହ, ପ୍ରେମ, କରୁଣା ଭଳି ଅତି ଆବଶ୍ୟକୀୟ ସଉଦା ଆଜି ହିଁ ନଗଦ ଜୀବନରେ କିଣିନେବା । ଘୃଣା, ହିଂସା, କପଟତା ଭଳି ସଉଦା କାଲିକୁ ରଖିଲେ ଚଳିବ ।

ପବାରବିନ୍ଦ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN

## ଆଦର୍ଶ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**କଣ୍ଟପଡ଼ା,୮।୪/ଏନ୍ଏନ୍ଏସ୍:** ସରକାରୀ ପ୍ରାଥମିକ ବିଦ୍ୟାଳୟଏରଞ୍ଚର ସହକାରୀ ଶିକ୍ଷକ ଭାବରେ ଶିକ୍ଷାଦାନ କରୁଥିବା କଣ୍ଟପଡ଼ା ବ୍ଲକ ଅନ୍ତର୍ଗତ ଆଡ଼ଶପୁର ଗ୍ରାମର ସୁରେନ୍ଦ୍ରନାଥ ଦାସ ଓ ଗୋଲାପ ଦାସଙ୍କ ସୁପୁତ୍ର ଆଦର୍ଶ ଶିକ୍ଷକ ସୁଶାନ୍ତ କୁମାର ଦାସଙ୍କୁ ଆଜି ଏରଞ୍ଚ ସରକାରୀ ବିଦ୍ୟାଳୟ ପରିସରରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଭାବପୂର୍ଣ୍ଣ ଅଶ୍ରୁଳ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ନିଆଳୀ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ମୟୀ ମିଶ୍ର, ମୁଖ୍ୟବକ୍ତା ଅନନ୍ତ ନାରାୟଣ ସିଂ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ, ବିଶିଷ୍ଟଅତିଥି ସୌଦାମିନୀ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା, ଅନ୍ୟତମ ଅତିଥି ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟୀ ଶିକ୍ଷକ ଶ୍ରୀ ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

# ଅନୁଗୁଳ-ନୟାଗଡ଼ ରେଳପଥ ନିର୍ମାଣ ଆରମ୍ଭ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

**ନୟାଗଡ଼,୮।୪/ଏନ୍ଏନ୍ଏସ୍:** ଅନୁଗୁଳ-ନୟାଗଡ଼ ଟାଉନ ଭାୟା ନରସିଂହପୁର, କଣ୍ଟିଲୋ, ଖଣ୍ଡପଡା ରେଳପଥ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ପାଇଁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଆଜି ପ୍ରଦାନ କରାଯାଇଛି। ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆବାହକ ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ ତାଳଚେର-ଗୋପାଳପୁର ରେଳପଥର ଏକ ଅଂଶ ସ୍ୱରୂପ ଅନୁଗୁଳ ଠାରୁ ଏକ ରେଳପଥ ଭାୟା ନରସିଂହପୁର, କଣ୍ଟିଲୋ ଏବଂ ଖଣ୍ଡପଡା ଦେଇ ନୟାଗଡ଼ ଟାଉନକୁ ସଂଯୋଗ ହେବ। ଏହାପରେ ଖୋର୍ଦ୍ଧା ଟାଉନ-କାଇପଦର ମଧ୍ୟରେ ଏକ ସଂଯୋଗକାରୀ ସିଧା ରେଳପଥ (କର୍ଡ଼ ଲାଇନ) ଦ୍ୱାରା ସଂଯୋଗ ହେଲେ ସିଧାସଳଖ ତାଳଚେରରୁ ଗୋପାଳପୁର ମଧ୍ୟରେ ରେଳ ସଂଯୋଗ ହୋଇପାରିବ। ୧୨୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ପ୍ରସ୍ତାବିତ ଏହି ରେଳପଥର ଚୂଡ଼ାନ୍ତ ଲୋକେସନ ସର୍ଭେ ଏବଂ ଡିପିଆର କାର୍ଯ୍ୟ ରେଳବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ହୋଇସାରିଛି। ଗତବର୍ଷ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଣ୍ଟିଲୋ ନୀଳମାଧବ ମନ୍ଦିର ଦର୍ଶନ ପାଇଁ ଆସିଥିବା ବେଳେ ଏହି ରେଳପଥ ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ କରାଯିବ ବୋଲି ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତିମଧ୍ୟରେ ପ୍ରାୟ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା ରେଳ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ନେଇ କ୍ରିୟାନୁଷ୍ଠାନ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ତୁରନ୍ତ ବଜେଟରେ ଅର୍ଥ ମଞ୍ଜୁର କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାପାଳ ମଧୁମିତା ରଥଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଆବାହକଙ୍କ ସମେତ ନାଗରିକ ମଞ୍ଚ ପକ୍ଷରୁ ସମ୍ପାଦକ ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଶତପଥୀ, ପ୍ରଦୀପ ସାହୁ ଏବଂ ପ୍ରଦୀପ୍ତ କୁମାର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରାଥମିକ ଚିକିତ୍ସା ଉପଚାର ସଚେତନତା ଶିବିର

**ପୁରୀ,୮।୪/ଏନ୍ଏନ୍ଏସ୍:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂପର୍କ ତରଫରୁ ଓଡ଼ିଆ ପକ୍ଷର ଅଷ୍ଟମ ଦିବସ ପାଳନ ଅବସରରେ ପୁରୀର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଆଜି ପ୍ରାଥମିକ ଚିକିତ୍ସା ଉପଚାର ସଚେତନତା ଶିବିର ଆୟୋଜିତ ହୋଇଛି। ସକାଳ ୯ଟାରୁ ଆୟୋଜିତ ଏହି ଶିବିର ସେଣ୍ଟ ଜନ୍ ଆମ୍ବୁଲାନ୍ସ, ପୁରୀ, ସେବା ସମିତି ଏବଂ ସଂପର୍କର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ସଂପର୍କର ପ୍ରୟାସକୁ ପ୍ରଂଶସା କରିଥିଲେ। ସମ୍ପର୍କର ସାଧାରଣ ସମ୍ପାଦକ ସୋମେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେଣ୍ଟ ଜନ୍ ଆମ୍ବୁଲାନ୍ସର ପ୍ରଶିକ୍ଷକ ଗଣେଶ ଚନ୍ଦ୍ର ବାରିକ ଯୋଗଦେଇ ପ୍ରାଥମିକ ଚିକିତ୍ସା ଉପଚାର ସଂପର୍କରେ ପ୍ରଶିକ୍ଷଣ ଓ ସଚେତନ କରାଇଥିଲେ। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ, ଆୟୁର୍ବେଦିକ୍ କଲେଜର ଅଧ୍ୟକ୍ଷ ଡାକ୍ତର ବିପିନ ବିହାରୀ ଖୁଣ୍ଟିଆ, ଡେପୁଟି କଲେକ୍ଟର ଅନୁଶ୍ରାୟ ଗନ୍ତାୟତ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଆହତଙ୍କୁ ସୁରକ୍ଷିତ ଭାବେ ଆମ୍ବୁଲାନ୍ସ କିମ୍ବା ଦ୍ରୁତଗାମୀ ଯାନ ମାଧ୍ୟମରେ ଡାକ୍ତରଖାନାକୁ ପହଞ୍ଚାଇବା ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ଦିଆଯାଇଥିବା ବେଳେ ବିପର୍ଯ୍ୟୟ ସମୟରେ ପ୍ରାଥମିକ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମଧ୍ୟ ଜଣାଇ ଦିଆଯାଇଥିଲା। ଶୁଭପ୍ରସାଦ ଶର୍ମା, ରାକେଶ ବାରିକ, ବିଶ୍ୱଜିତ୍ ମିଶ୍ର, ଅଭିଷେକ ରଥ, ସରୋଜ ଦାସ, ଅଭିଜିତ୍ ପଣ୍ଡା, ଓମ୍‌ପ୍ରକାଶ ସିବୁ ପ୍ରଧାନ, ରାମଚନ୍ଦ୍ର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର




**ଚିଲିକା,୮।୪/ଏନ୍ଏନ୍ଏସ୍:** ନାଚୁଣୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଓଡ଼ିଆ ପକ୍ଷ ପାଳନ ଅବସରରେ ମହାବିଦ୍ୟାଳୟ ଓ ସମ୍ବାଦ ଆମ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ସୁନୀଲ କୁମାର ପଟ୍ଟନାୟକ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଆମ ଓଡ଼ିଶା ସଂଯୋଜକ ପ୍ରଦୋଷ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରୁ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମେଡିକାଲ ଅଫିସର ଡାକ୍ତର କବିତା ଦାସ, କାଉନସେଲର ଲକ୍ଷ୍ମୀପ୍ରିୟା ପ୍ରଧାନ, ଲାବ୍ ଟେକନିସିଆନ ଯଥା ଝୁନୁଲତା ସାହୁ, ବିଶ୍ୱ ରଞ୍ଜନ ମହାପାତ୍ର, ଶ୍ରୁତିପ୍ରିୟା ପ୍ରଧାନ ପ୍ରମୁଖ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଗୋଲଖ ବିହାରୀ ବାରିକ, ଏନ୍‌ସିସି ଅଧିକାରିଣୀ ଅଧ୍ୟାପିକା ମିଲି ବେହେରା, ଯୁବ ରେଡକ୍ରସ୍ କାଉନସେଲର ଅଧ୍ୟାପକ ଚନ୍ଦନ ପ୍ରସାଦ ଜେନା, ବିଭାଗୀୟ ଅଧିକାରୀ ଅଧ୍ୟାପକ ସନ୍ତୋଷ କୁମାର ଶତପଥୀ, ଏନ୍‌ଏସ୍‌ଏସ୍ ଅଧିକାରୀ ଜଗନ୍ନାଥ ଆଚାର୍ଯ୍ୟ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଅଧିକାରୀ ରୋଭର ରେଞ୍ଜର ଡଃ ପ୍ରଦୀପ୍ତ କୁମାର ରଥ, ମୁଖ୍ୟ କିରାଣି ପ୍ରମୋଦ କୁମାର ସୁବୁଦ୍ଧିଙ୍କ ସହିତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ। ସମ୍ବାଦର ଚିଲିକା ପ୍ରତିନିଧି ଦୀପକ୍ ଦାଶ ଓ ସାମ୍ବାଦିକ କମଳ କୁମାର ଜାଲ୍ଲୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



**ଦଶପଲ୍ଲା,୮।୪/ଏନ୍ଏନ୍ଏସ୍:** ଦଶପଲ୍ଲା ବ୍ଲକ ସଭାଗୃହ ପରିସରରେ ମନରେଗା ବା ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀ ଶିବିର ରେ ଉପଜିଲ୍ଲାପାଳ ଲଗ୍ନଜିତ ରାଉତ, ଜିଲ୍ଲା ମନରେଗା ନିରୀକ୍ଷକ ବିଜୟ କୁମାର ବଳିଆରସିଂ, ମନରେଗା ବ୍ଲକ ନିରୀକ୍ଷକ ସୁନୀଲ ପରିଡା ପ୍ରମୁଖ ଯୋଗଦେଇ ଏହି ଶୁଣାଣି କରିଥିଲେ। ଗତ ନଭେମ୍ବର ଓ ଡିସେମ୍ବର ମାସରେ ଦଶପଲ୍ଲା ବ୍ଲକର ସମସ୍ତ ପଞ୍ଚାୟତରେ ମନରେଗା ଯୋଜନା ର ସାମାଜିକ ସମୀକ୍ଷା ଶେଷ ହୋଇଥିବା ବେଳେ ସେଠାରେ ଜଣାପଡ଼ିଥିବା ବିଭିନ୍ନ ଅନିୟମିତତା ଏବଂ ବିଭାଗୀୟ ଅଧିକାରୀ ମାନଙ୍କୁ ସମସ୍ତ ଅସମାପ୍ତ କାର୍ଯ୍ୟକୁ ସମାପ୍ତ କରିବା ପାଇଁ ସମୟ ଦିଆଯିବା ପରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ମାତ୍ର ବନବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଉଦ୍ୟାନ ବିଭାଗ ପକ୍ଷରୁ କୌଣସି ଅସମାପ୍ତ କାଗଜାତ ସମ୍ପୂର୍ଣ୍ଣ କରାଯାଇ ନଥିବା ବେଳେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇ ନଥିବା ଜଣାପଡିଥିଲା। ଏପରିକି ଶିବିରରେ ଉପସ୍ଥିତ ଅଧିକାରୀମାନେ ସଠିକ ଉତ୍ତର ଦେଇ ନପାରିବାରୁ ଉପଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିବା ସହ ଜରିମାନାରେ ଦଣ୍ଡିତ କରିଥିଲେ। ଶିବିରରେ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ୍ ଅଧିକାରୀମାନେ ଅନୁପସ୍ଥିତ ରହୁଥିବା ସିମିଳିସାହି ପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ପଟନାୟକ ପ୍ରକାଶ କରିଥିବା ବେଳେ ଜନସାଧାରଣଙ୍କ ଅନୁପସ୍ଥିତି ଉଦ୍‌ବେଗ ପ୍ରକାଶ ପାଇଥିଲା। ଅନ୍ୟପାର୍ଶ୍ୱରେ ଦଶପଲ୍ଲା ବ୍ଲକ୍‌ରେ ମବାରେଗା ଯୋଜନାରେ ହୋଇଥିବା ବିଭିନ୍ନ କାର୍ଯ୍ୟ ଉପରେ ରିପୋର୍ଟ ପ୍ରଦାନ କରାଯାଇଥିଲା। ସମୁଦାୟ ୧୭୮୫୩ ଟି ଜବକାର୍ଡ ପ୍ରଦାନ କରାଯାଇଥିବା ବେଳେ ଏଥିମଧ୍ୟରେ ୩୨୬୪ ଜଣ ଅନୁସୂଚିତ ଜାତି, ୪୩୮୫ ଜଣ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ବର୍ଗ ପକ୍ଷରୁ ୧୦୨୦୪ ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଛି।

## ରେଳ ଷ୍ଟେସନରୁ ୪ମାସର ଶିଶୁପୁତ୍ର ଚୋରି

**ଭୁଷଣ୍ଡପୁର,୮।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳଷ୍ଟେସନ ପରିସରରୁ ୪ମାସର ଶିଶୁପୁତ୍ର ଚୋରି। ସ୍ୱାମୀ, ସ୍ତ୍ରୀ ଓ ଶିଶୁପୁତ୍ର ପ୍ଲାଟଫର୍ମରେ ବିଶ୍ରାମ ନେଉଥିବା ସମୟରେ ମା' କୋଳରୁ ଶିଶୁପୁତ୍ର ଚୋରି ହୋଇଛି ବୋଲି ନିରାକାରପୁର ରେଳବାଇ ପୁଲିସରେ ଅଭିଯୋଗ କରାଯାଇଛି। ସୂଚନାରୁ ଜଣାପଡ଼ିଛି ଯେ, ନୟାଗଡ଼ ଜିଲ୍ଲା ରଣପୁର ଥାନା କଳାମାଟିଆ ଗ୍ରାମର ପ୍ରଶାନ୍ତ ପ୍ରଧାନ ତାଙ୍କ ସ୍ତ୍ରୀ ଚିନୁଲତା ପରିଡ଼ା ଓ ତାଙ୍କର ୪ମାସର ଶିଶୁପୁତ୍ର ଟ୍ରେନ୍ ଯୋଗେ ତାମିଲନାଡୁ ଯିବାର ଥିଲା। ସେମାନେ ପ୍ରଥମେ କାଲୁପଡାଘାଟ ଷ୍ଟେସନରେ ପହଞ୍ଚି ଥିଲେ ପରେ ସେଠାରୁ ଡିଏମୟୁ ଟ୍ରେନ ଯୋଗେ ନିରାକାରପୁର ଷ୍ଟେସନ ଆସିଥିଲେ। ସକାଳ ହୋଇଥିଲେ ଟ୍ରେନ୍ ଯୋଗେ ତାମିଲନାଡୁ ଯାଇଥାନ୍ତେ। ପ୍ରଶାନ୍ତ ସ୍ତ୍ରୀ ଚିନୁଲତା ଓ ତାଙ୍କ ଶିଶୁପୁତ୍ର ନିରାକାରପୁର ଷ୍ଟେସନର ୩ନମ୍ବର ପ୍ଲାଟ୍‌ଫର୍ମରେ ବିଶ୍ରାମ ନେଉଥିବାବେଳେ ଉଭୟ ପିତାମାତାଙ୍କୁ ନିଦ ଆସି ଯାଇଥିଲା। ସେହି ସୁଯୋଗରେ ମା' କୋଳରୁ ଶିଶୁପୁତ୍ରକୁ କୌଣସି ଦୁର୍ବୃତ୍ତ ଉଠାଇ ନେଇଯାଇଥିଲେ। ଉଭୟ ପିତାମାତା ଅନେକ ଖୋଜାଖୋଜି କରିବା ପରେ ଶିଶୁ ପୁତ୍ରକୁ ନ ପାଇ ନିରାକାରପୁର ଆର୍‌ପିଏଫ୍ ପୁଲିସର ସହାୟତା ମାଗିଥିଲେ। ହେଲେ ତାଙ୍କୁ ଆର୍‌ପିଏଫ୍ ପୁଲିସ କୌଣସି ସହଯୋଗ ନ କରି ଓଲଟା ଗାଳିଗୁଲଜ କରି ପ୍ଲାଟ୍‌ଫର୍ମରୁ ବାହାରି ଯିବାକୁ ଧମକ ଦେଇଥିଲେ। ପରେ ସେମାନେ ବିଳମ୍ବିତ ରାତିରେ ନିରାକାରପୁର ଥାନାରେ ପହଞ୍ଚିବା ପରେ ସେମାନେ ନିରାକାରପୁର ରେଳବାଇ ଥାନା ଅଞ୍ଚଳରେ ଘଟଣା ଘଟିଛି ସେଠାରେ ଅଭିଯୋଗ କର ବୋଲି ଥାନାରେ କହିଥିଲେ। ସକାଳେ ଘଟଣା ପ୍ରଘଟ ହେଲା ପରେ ସ୍ଥାନୀୟ ଲୋକଙ୍କ ଚାପରେ ରେଳବାଇ ଜିଆର୍‌ପି ପୁଲିସରେ ଉଭୟ ଦମ୍ପତି ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ଆଧାରରେ ରେଳବାଇ ଜିଆର୍‌ପି ପୁଲିସ ତଦନ୍ତ ଜାରି ରଖିଛି। ଶିଶୁପୁତ୍ରକୁ ଖୋଜି ଆଣିବାକୁ ପିତାମାତା ଗୁହାରି କରିଛନ୍ତି।

## ଓଲଟିଲା ପିକ୍‌ଅପ୍: ୨ ଆହତ

**ଟାଙ୍ଗୀ,୮।୪/ଏନ୍ଏନ୍ଏସ୍:** ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଦା ପଞ୍ଚାୟତ ବିରୂପା ନଦୀ ବନ୍ଧରୁ ବିଲ ଭିତରକୁ ଏକ ପିକପ୍ ଗାଡ଼ି ଓଲଟି ପଡ଼ିବାରୁ ଦୁଇ ଜଣ ଆହତ ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ପିକ୍‌ଅପ୍‌ଟିର ଚାଳକ ପ୍ରଚୁର ମଦ୍ୟପାନ କରି ଦ୍ରୁତଗତିରେ ବିରୂପା ନଦୀ ବନ୍ଧରେ ଯାଉଥିବା ସମୟରେ ଉକ୍ତ ପଞ୍ଚାୟତ ଅଷ୍ଟପ୍ରହରୀ ଗ୍ରାମ ନିକଟରେ ଚଳଚ୍ଚିତ୍ର ଷ୍ଟାଇଲ୍‌ରେ ଏକ ଗଛରେ ପିଟି ହୋଇ ନଦୀ ବନ୍ଧରୁ ବିଲ ଭିତରକୁ ଓଲଟି ପଡ଼ିଥିଲା। ଫଳରେ ଚାଳକ ଓ ଅନ୍ୟଜଣେ ସହଯୋଗୀ ଆହତ ହୋଇଥିବା ଜଣାପଡ଼ିଛି।

## ରାମଲୀଳାର ତ୍ରୟୋଦଶ ସନ୍ଧ୍ୟାରେ ଲକ୍ଷ୍ମଣ ଶକ୍ତିଭେଦ, ରାବଣ-ମହୀରାବଣ ବଧ

**ମୁଣ୍ଡମୁହାଣ,୮।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ମୁଣ୍ଡମୁହାଣ ଗ୍ରାମର ୮୧ତମ ଐତିହାସିକ ରାମ ନାଟକ ଯାତ୍ରା ଶେଷ ପର୍ଯ୍ୟାୟମୁହାଁ ହୋଇ। ଯାତ୍ରାର ତ୍ରୟୋଦଶ ସନ୍ଧ୍ୟାରେ ମହୀରାବଣବଧ, ଲକ୍ଷ୍ମଣ ଶକ୍ତି ଭେଦ, ରାବଣ ବଧ ଅନୁଷ୍ଠିତ ହୋଇଥିଲା। ରାମାୟଣ କଥାବସ୍ତୁ ଅନୁସାରେ କୁମ୍ଭକର୍ଣ୍ଣ ବଦ୍ଧ ପରେ ରାବଣ ମର୍ମାହତ ହୋଇପଡ଼େ, ଏହାପରେ ଉତ୍‌କ୍ଷିପ୍ତ ଇନ୍ଦ୍ରଜିତଙ୍କ ସହ ଲକ୍ଷ୍ମଣଙ୍କ ଘମାଘୋଟ ଯୁଦ୍ଧ ହୁଏ ଓ ଶେଷରେ ଇନ୍ଦ୍ରଜିତ ବଧ ହୁଏ ଓ ଇନ୍ଦ୍ରଜିତ ବଧପରେ ମର୍ମାହତ ରାବଣ ଯୁଦ୍ଧ କରିବାକୁ ଆସେ। ରାମ ରାବଣ ଯୁଦ୍ଧରେ ରାବଣ ଏକଘନୀ ଅସ୍ତ୍ର ପ୍ରୟୋଗରେ ଲକ୍ଷ୍ମଣଙ୍କ ଶକ୍ତି ଭେଦ ହୁଏ। ଶେଷରେ ପ୍ରଭୁ ଶ୍ରୀରାମଙ୍କ ବ୍ରହ୍ମ ଅସ୍ତ୍ରରେ ରାବଣର ବଧ ହୁଏ। ନାଟକରେ ବିଭିନ୍ନ ଭୂମିକାରେ, ଭରତ ବାରିକ (ରାମ), ଗଗନ ସ୍ୱାଇଁ (ଲକ୍ଷ୍ମଣ), ମୂରଲୀ ପ୍ରଧାନ (ସୀତା), ଅନିଲ୍ ପରିଡ଼ା (ଭରତ), ଶଙ୍କର୍ଷଣ ମଙ୍ଗରାଜ (ହନୁମାନ), ଅରୁଣ ସ୍ୱାଇଁ (ମହୀରାବଣ), ସନ୍ତୋଷ ପ୍ରଧାନ (ରାବଣ), ସଞ୍ଜୟ ପରିଡ଼ା (ମନ୍ଦୋଦରୀ) ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ବ୍ୟବସାୟୀ ସଂଘର ବାର୍ଷିକ ଅଧିବେଶନ ବୈଠକ



**ପିପିଲି,୮।୪/ଏନ୍ଏନ୍ଏସ୍:** ପିପିଲିର ଐତିହ୍ୟ ହାଟ ତଥା ମହାଲକ୍ଷ୍ମୀ ବ୍ୟବସାୟ ସଂଘର ବାର୍ଷିକ ଅଧିବେଶନ ବୈଠକ ନିକଟସ୍ଥ ଲକ୍ଷ୍ମୀ ଫାର୍ମ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦିଜବର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା ଯୋଗଦେଇ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ୪ଶହରୁ ଊର୍ଦ୍ଧ୍ୱ ସଦସ୍ୟ ବିଶିଷ୍ଟ ଏହି ସଂଘରେ ସର୍ବଦା ଜୀବନଜୀବିକା ନିର୍ବାହ ସହ ଶୃଙ୍ଖଳିତ ରହିବା ଜରୁରୀ ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ଏନଏସି ଅଧ୍ୟକ୍ଷ ସେକ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ଆଇନ ପରାମର୍ଶଦାତା ତଥା ବରିଷ୍ଠ ଆଇନଜୀବୀ ରମାକାନ୍ତ ସାହୁ, କାଉନସିଲର ଚନ୍ଦନ ସେଠୀ, କବିରାଜ ବରାଳ, ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ସାହୁ, ଉପସଭାପତି ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପିପିଲି ହାଟର ବାର୍ଷିକ ସାଂଗଠନିକ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପିପିଲି ଐତିହ୍ୟ ସାପ୍ତାହିକ ହାଟର ପୁନରୁଦ୍ଧାର ସହ ନବୀକରଣ, ପାନୀୟଜଳ ସହ ବର୍ଷାଜଳ ନିଷ୍କାସନ, ଭେଣ୍ଡିଂ ଜୋନ୍ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ଶେକ୍ ରାଜା, ସଭ୍ୟ ସନ୍ତୋଷ ମହାରଣାଙ୍କ ସହ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ଚଳଚ୍ଚିତ୍ର ପ୍ରଯୋଜକ ରବି ସ୍ୱାଇଁଙ୍କ ବିୟୋଗରେ ଶୋକ



**ପିପିଲି,୮।୪/ଏନ୍ଏନ୍ଏସ୍:** ପ୍ରସିଦ୍ଧ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ପିପିଲି ଅଞ୍ଚଳର ଜଣାଶୁଣା ଶିଳ୍ପପତି ଏବଂ ସମାଜସେବୀ ରବି ସ୍ୱାଇଁଙ୍କ ଆଜି ଭୋର୍ ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କର ବୟସ ୭୫ବର୍ଷ ହୋଇଥିଲା। ଦୀର୍ଘ ଦିନ ହେବ ସେ ଲିଭର ସୋରିଆସିସ୍ ରୋଗରେ ପୀଡିତ ଥିଲେ ଏବଂ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ପରେ ସିନେ ଜଗତରେ ଅପୂରଣୀୟ କ୍ଷତି ଘଟିଛି ବୋଲି କୁହାଯାଇଛି। ରବି ସ୍ୱାଇଁଙ୍କ ଜୀବନର ପ୍ରଥମ ସିନେ ଜଗତରେ ସୁନାମ ଅର୍ଜନ କରିଥିବା ରାଜୁ ମିଶ୍ରଙ୍କ ନିର୍ଦ୍ଦେଶିତ 'ଜୋର୍ ଯାର୍ ମୁଲକ୍ ତାର୍' ବେଶ୍ ଆକର୍ଷଣୀୟ ରହିଥିଲା। ପରେ ବସନ୍ତ ସାହୁଙ୍କ ନିର୍ଦ୍ଦେଶିତ 'କି ହେବ ଶୁଆ ପୋଷିଲେ', ଅବତାର ସିଂହଙ୍କ ନିର୍ଦ୍ଦେଶିତ 'ପଞ୍ଜୁରୀ ଭିତରେ ଶାରୀ' ଏବଂ 'ଉଦଣ୍ଡୀ ସୀତା' ସମେତ ଅନେକ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ସେ ନିର୍ମାଣ କରିଥିଲେ। ସେ ପିପିଲିରେ କ୍ଷେତ୍ରମୋହନ ମେମୋରିଆଲ୍ ଟ୍ରଷ୍ଟ, ଓମ୍ ଶାନ୍ତି କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି, କ୍ଷେତ୍ରମୋହନ ଆଇଟିସି ଏବଂ ଦୈତାରୀ ଆଇଟିସିର ମୁଖ୍ୟ ପ୍ରତିଷ୍ଠାତା ଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ପିପିଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଶିଷ୍ଟ ନେତା ଏବଂ ଶୁଭେଚ୍ଛୁ ମାନେ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାକୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, କଂଗ୍ରେସ ନେତା ନିଶିକାନ୍ତ ମିଶ୍ର ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ପ୍ରମୁଖ ଶୋକପ୍ରକାଶ କରିଛନ୍ତି। ତାଙ୍କ ମରଶରୀରକୁ ପିପିଲି ବଜାର ସମସ୍ତ ବ୍ୟକ୍ତିଙ୍କ ଶେଷଦର୍ଶନ ନିମନ୍ତେ ବଜାର ପରିକ୍ରମା କରାଯାଇଥିଲା।

## ଅସହ୍ୟ ହେଉଛି ବିଦ୍ୟୁତ୍‌କାଟ୍ ଯନ୍ତ୍ରଣା

**ଓଡ଼ଗାଁ,୮।୪/ଏନ୍ଏନ୍ଏସ୍:** ଓଡ଼ଗାଁ ଅଞ୍ଚଳରେ ଦିନକୁଦିନ ଅସମ୍ଭାଳ ହେଲାଣି ବିଦ୍ୟୁତ୍ ଯନ୍ତ୍ରଣା। ଦିନରେ ବାରମ୍ବାର ବିଦ୍ୟୁତ୍ କାଟହେଉଛି। ରାତିରେ କଟିଲେ ଆଉ ଆସିବାର ସମ୍ଭାବନା ନାହିଁ। ଏ ନେଇ ଯୋଗାଯୋଗ କଲେ ଗ୍ରିଡ୍ ଉପରେ ଦୋଷ ଦେଇ ଚୁପ୍ ବସୁଛନ୍ତି କର୍ମଚାରୀ। ଓଡ଼ଗାଁ ଓ ଶରଣକୁଳ ଅଞ୍ଚଳକୁ ନୟାଗଡ଼ ରାଜପାଟଣା ଗ୍ରିଡ୍‌ରୁ ୩୩କେଭି ବିଦ୍ୟୁତ୍ ଯୋଗାଣ କରାଯାଇଛି। ପିଟିଏସ୍‌ରୁ ବିଟଳଗାଡ଼ିଆ ଦେଇ ଚାଷଜମି ଓ ଜଙ୍ଗଲ ମଧ୍ୟଦେଇ ଏହି ସଂଯୋଗ ଦିଆଯାଇଛି। ବାରମ୍ବାର ତାର ଛିଡ଼ିବା ଦ୍ୱାରା ଶରଣକୁଳ ଓ ଓଡ଼ଗାଁ ଅଞ୍ଚଳ ଅନ୍ଧାର ହୋଇଯାଏ। କିନ୍ତୁ କାମ ସଂପୂର୍ଣ୍ଣ ହୋଇ ନଥିବାରୁ ଉପଭୋକ୍ତା ଏବେବି ଅନ୍ଧାରରେ ଛଟପଟ ହେଉଛନ୍ତି। ସୋମବାର ସକାଳ ୮ଟାରୁ ବିଦ୍ୟୁତ୍ କଟି ଅପରାହ୍ଣ ୩ଟାରେ ଆସିଥିଲା। ହେଲେ ବର୍ଷାହେବାରୁ କଟିଯାଇ ପୁଣି ସନ୍ଧ୍ୟା ୭ଟାରେ ଆସିଥିଲା। ସେହିପରି ମଙ୍ଗଳବାର ଅପରାହ୍ଣ ୪ଟାରେ କଟିଥିବାବେଳେ ରାତି ୧୧ରେ ଆସିଥିଲା। ବୁଧବାର ଦିବା ୨ଟାରୁ ବିଦ୍ୟୁତ୍ କାଟି ସନ୍ଧ୍ୟା ୭ଟାରେ ଆସିଥିବା ଜଣାପଡ଼ିଛି। ବିଦ୍ୟୁତ୍ କାଟ୍ ହେଲେ ଏସଡିଓ କିମ୍ବା ନିର୍ବାହୀ ଅଧିକାରୀଙ୍କ ପାଖରେ ସୂଚନା ନଥିବା ଅଭିଯୋଗ ହେଉଛି। ତୁରନ୍ତ ସମସ୍ୟାକୁ ସୁଧାରିବା ସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବାକୁ ଦାବି ହୋଇଛି।

## ନାହିଁ ଡ୍ରେନେଜ୍ ବ୍ୟବସ୍ଥା, ସାମାନ୍ୟ ବର୍ଷାରେ ମୁଖ୍ୟରାସ୍ତା ବେହାଲ୍



**କଣ୍ଟିଲୋ,୮।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ରାଜଧାନୀ ଠାରୁ ଖୋର୍ଦ୍ଧା, ବାଘମାରି, କଳାପଥର, ଫତେଗଡ, କଣ୍ଟିଲୋ, ଗଣିଆ, ମହକୁମା ଦେଇ ମହାବୀର କ୍ଷେତ୍ର ଦଶପଲ୍ଲାରେ ମିଶିଥିବା ୪୮ନଂ ରାଜ୍ୟ ରାଜପଥ ଉପରେ ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମ ପଞ୍ଚାୟତ ଅବସ୍ଥିତ। ଏହି ବଡ଼ବାଣପୁର ପଞ୍ଚାୟତ କାର୍ଯ୍ୟାଳୟ ଛକଠାରୁ ପଶ୍ଚିମ ଦିଗକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ପାଣି ନିଷ୍କାସନ ପାଇଁ କୌଣସି ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷାରେ ରାସ୍ତାରେ ୩ରୁ ୪ ଫୁଟ୍ ଉଚ୍ଚତାର ଅପରିଷ୍କାର ନାଳ ନର୍ଦ୍ଦମା ଓ ପୂତିଗନ୍ଧମୟ ପାଣି ଜମି ଅବସ୍ଥା ବେହାଲ୍ କରିଦେଉଛି। ସୂଚନାରୁ ପ୍ରକାଶ ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ କଣ୍ଟିଲୋ ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର ଏହି ବଡ଼ବାଣପୁରଠାରୁ ମାତ୍ର ଅଢ଼େଇ କିଲୋମିଟର ଦୂର ହୋଇଥିବାରୁ ଶ୍ରୀଜିଉଙ୍କ ଦର୍ଶନ, କଂସା ପିତ୍ତଳ ବାସନ କ୍ରୟ ବିକ୍ରୟ କରିବା, ପିକ୍‌ନିକ୍ ଓ ମହାନଦୀର ନୌକାବିହାରର ମଜା ଉଠାଇବା ପାଇଁ ପ୍ରତ୍ୟେକ ଦିନ ବାହାର ରାଜ୍ୟରୁ ହଜାର ହଜାର ପର୍ଯ୍ୟଟକ ଏହି ରାସ୍ତାରେ ଯାତାୟାତ କରିବା ସହିତ ହଜାର ହଜାର ଭାରୀ ଯାନ, ଯାତ୍ରୀବାହୀ ବସ୍ ଓ ଛାତ୍ରଛାତ୍ରୀ ସ୍କୁଲ କଲେଜ୍ ଯାଉଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନଜିର ଅଛି। ଲୋକେ ଆଲୋଚନା କରନ୍ତି ଏହି ସମୟେ ଏହି ଜଳପୂର୍ଣ୍ଣ ସ୍ଥାନ ପାରି ହେବାକୁ ଏକ 'ଡଙ୍ଗା' ନିହାତି ଆବଶ୍ୟକ।

ଏହାର ପ୍ରତିକାର ପାଇଁ ଏ ସମ୍ପର୍କେ ବହୁବାର ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହିତ ଗ୍ରାମବାସୀ ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଥିସହ ବହୁ ବାର୍ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲେ ହେଁ, ଖଣ୍ଡପଡ଼ା ପୂର୍ତ୍ତବିଭାଗ କୌଣସି ପଦକ୍ଷେପ ଗ୍ରହଣ ନକରି ଚୁପ୍ ରହିଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଣୁ ସର୍ବସାଧାରଣଙ୍କୁ ସେବା ଯୋଗାଇବା ପାଇଁ ଯଥାଶୀଘ୍ର ପାଣି ଜମି ରହୁଥିବା ସ୍ଥାନର ଉଭୟ ପାର୍ଶ୍ୱରେ ପାଣି ନିଷ୍କାସନ ପାଇଁ ଡ୍ରେନେଜ୍ ନିର୍ମାଣ କରିବାକୁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ୩୦ ୟୁନିଟ୍ ରକ୍ତ ସଂଗ୍ରହ



**ପୁରୀ,୮।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନର ୮ମ ଦିବସରେ ଆଜି ପୁରୀ ଜିଲ୍ଲା ପ୍ରଶାସନ ରେଡକ୍ରସ ଶାଖା ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଶିବିରକୁ ଉଦଘାଟନ କରିବା ସହ ରକ୍ତଦାନ ଏକ ମହତଦାନ ବୋଲି କହିଥିଲେ। ଶିବିରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା, ସୂଚନା ଓ ଲୋକସମ୍ପର୍କରେ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ରକ୍ତ ଭଣ୍ଡାର ଅଧିକାରୀ ଦୀପକ କୁମାର ସାହୁ, ସାମାଜିକ ଅନୁଷ୍ଠାନ ସମର୍ପଣର ସମ୍ପାଦିକା ଜୟନ୍ତୀ ମହାପାତ୍ର, ସମ୍ପର୍କର ସମ୍ପାଦକ ସୌମେନ୍ଦ୍ର ଦାସ, ସୁକାନ୍ତ କୁମାର ଦାଶ, ଶ୍ୟାମପ୍ରକାଶ ସେନାପତି, ବାଇଧର ମହାପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସୁରଜମଲ୍ଲ ସାହା, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ଏହି ଅବସରରେ ସେଣ୍ଟ୍ ଜନ୍ ଆମ୍ବୁଲାନ୍ସର ମାଷ୍ଟର୍ ଟ୍ରେନର୍ ଗଣେଶ ବାରିକ ପ୍ରାଥମିକ ଚିକିତ୍ସା ସଚେତନତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ସର୍ବଜିତ୍ ଜେନା, ଶୁଭମ୍ ଦୋରା, ମନମୋହନ ସାହୁ, ବିଶ୍ୱନାଥ ନାୟକ, ସୌରଭ ପାତ୍ର, ପ୍ରିୟାଂଶୁ, ଦୁର୍ଯ୍ୟୋଧନ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସେବା ଟ୍ରଷ୍ଟ ପକ୍ଷରୁ ଓଡ଼ିଆପକ୍ଷ

**କୁଆଁପାଳ,୮।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକର ଗୋପାଳପୁର ପଞ୍ଚାୟତର ଗୋପାଳପୁର ଠାରେ ଥିବା ସାମାଜିକ ଅନୁଷ୍ଠାନ ସଂଜୀବନୀ ସେବା ସଂଗଠନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ଓ ଶିଶୁଲେଖା ଉତ୍ସବ ଗୋପାଳପୁର ଅଙ୍ଗନବାଡି କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁମାନଙ୍କୁ ଭକ୍ତକବି ମଧୁସୂଦନ ରାଓଙ୍କ ପ୍ରଣୀତ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯିବା ସହ ଓଡ଼ିଆ ଲିଖନ ଓ ପଠନ ବୃଦ୍ଧି ପାଇଁ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।

ଅନୁଷ୍ଠାନର ସଂପାଦକ ବିକ୍ରମ କେଶରୀ ନାଥ, ସଂହସଂପାଦକ ଜୟପ୍ରକାଶ ବେହେରା, ଅଙ୍ଗନବାଡ଼ି କର୍ମୀ ମିନର୍ଭା ସ୍ୱାଇଁ, ମିନତି ଦାସଙ୍କ ସମେତ ବହୁ ଅଭିଭାବକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଂଜୀବନୀ ସେବା ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ରିମାଣ୍ଡ୍‌ରେ ଯିବ କୁଖ୍ୟାତ ଅପରାଧି ରାଜା

**କଟକ,୮।୪/ଏନ୍‌ଏନ୍‌ଏସ୍:** କୁଖ୍ୟାତ ଅପରାଧି ରାଜା ସାହାଣୀକୁ କର୍ଣ୍ଣାଟକ ପୁଲିସକୁ ୭ ଦିନିଆ ରିମାଣ୍ଡ୍‌ରେ ନେବାକୁ କଟକ ଜେଏମ୍‌ସି କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ରିମାଣ୍ଡ୍ ପାଇଁ କର୍ଣ୍ଣାଟକ ପୁଲିସ୍ ଆବେଦନ କରିଥିଲା। କୋଡ଼ିଏ କୋଟି ଟଙ୍କାର ସୁନାଗହଣା ମାମଲାରେ ରାଜାକୁ ପଚରା ଉଚରା କରାଯିବ। ଆସନ୍ତା ୯ରୁ ୧୫ ତାରିଖ ଯାଏ ରାଜାକୁ ରିମାଣ୍ଡ୍‌ରେ ନେବାକୁ କର୍ଣ୍ଣାଟକ ପୁଲିସକୁ ଅନୁମତି ମିଳିଛି। ପୁଲିସ ସୂଚନା ମୁତାବକ, ଦୀର୍ଘ ୬ ମାସ ପରେ ପୁଣି ଚୌଦ୍ୱାର ଜେଲ୍‌ରେ କୁଖ୍ୟାତ ଅପରାଧି ରାଜାକୁ ୩ ନଂ. ଓ୍ୱାର୍ଡ଼ର ୨ ନମ୍ବର ସେଲ୍‌ରେ ରଖାଯାଇଛି। ରାଜାର ଗତିବିଧି ଉପରେ ନଜର ରଖିବା ପାଇଁ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି।

# ମହାନଗର କୈବର୍ତ୍ତ ସଭା ପକ୍ଷରୁ ରୋଷେଇ ପ୍ରତିଯୋଗିତା



**କଟକ,୮।୪/ଏନ୍‌ଏନ୍‌ଏସ୍:** କଟକ ମହାନଗର କୈବର୍ତ୍ତ ସଭା ଆନୁକୂଲ୍ୟରେ ସଭାପତି କୁଶ ସାହୁଙ୍କ ସଭାପତିତ୍ୱରେ ଆଜି ଗୃହିଣୀମାନଙ୍କ ଦ୍ୱାରା ଖାନନଗରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ରୋଷେଇ ପ୍ରତିଯୋଗିତାରେ ୧୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ମାଛ ଉପରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ବିଚାରପତି ଭାବେ ଲକ୍ଷ୍ମୀକାନ୍ତ ବେହେରା ଏବଂ ସୂର୍ଯ୍ୟମଣୀ ବେହେରା ଯୋଗଦେଇ ପ୍ରତିଯୋଗୀଙ୍କ ବିଭିନ୍ନ ବ୍ୟଞ୍ଜନର ସ୍ୱାଦ ପରଖିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୨ ତାରିଖରେ ହେବାକୁ ଥିବା କୈବର୍ତ୍ତ ମହୋତ୍ସବରେ ପୁରସ୍କୃତ କରାଯିବ। ଆଜିର ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଅବିନାଶ କୁମାର ବେହେରା, ସମ୍ପାଦକ ଭୈରବ ଚନ୍ଦ୍ର ବେହେରା, ସଂଗଠନ ସମ୍ପାଦକ ସୌମ୍ୟରଞ୍ଜନ ବେହେରା, କୋଷାଧ୍ୟକ୍ଷ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିବାବେଳେ ସନ୍ତୋଷ କୁମାର ସାହୁ, ଜିତେନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା, ସୂର୍ଯ୍ୟମଣୀ ବେହେରା, ବେଣୁଧର ବେହେରା, ଧନେଶ୍ୱର ବେହେରା, କରୁଣାକର ବେହେରା, ଜଗନ୍ନାଥ ପ୍ରସାଦ ବେହେରା, ତ୍ରିଲୋଚନ ବେହେରା ପ୍ରମୁଖ ସହାୟତା ଯୋଗାଇ ଦେଇଥିଲେ।

## ଭେଣ୍ଡିଂଜୋନ୍ ଓ ଫୁଡ୍‌କୋର୍ଟ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



**କଟକ,୮।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ରାଣୀହାଟଠାରେ ସିଏମ୍‌ସି ପକ୍ଷରୁ ନିର୍ମାଣ କରାଯାଉଥିବା ଭେଣ୍ଡିଂ ଜୋନ୍ ଓ ଫୁଡ୍ କୋର୍ଟ କାର୍ଯ୍ୟର ସମୀକ୍ଷା ବୁଧବାର ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ କରିଛନ୍ତି। ଏହି ସମୀକ୍ଷା ସମୟରେ ସିଏମ୍‌ସି କମିଶନର୍ କିରଣଦୀପ କୌର୍‌ଙ୍କ ସମେତ ଅନ୍ୟାନ୍ୟ ସିଏମ୍‌ସି ଅଧିକାରୀମାନେ ଉପସ୍ଥିତ ଥିଲେ। ତୁରନ୍ତ ଏହି କାର୍ଯ୍ୟ ସମାପ୍ତ କରି ସ୍ୱଚ୍ଛତାର ସହ ପ୍ରକୃତ ହିତାଧିକାରୀଙ୍କୁ ଭେଣ୍ଡିଂ ଜୋନ୍ ଆବଂଟନ କରାଯିବ ବୋଲି ବିଧାୟକ ଶ୍ରୀ ବିଶ୍ୱାଳ ପ୍ରତିଶ୍ରୁତି ଦେଇଛନ୍ତି।

# ଅନିଲ ପାଢ଼ୀଙ୍କ ଜୟନ୍ତୀରେ 'ସାରାଂଶ ସାହିତ୍ୟ' ପକ୍ଷରୁ ପୁସ୍ତକ ଓ ମ୍ୟୁଜିକ୍ ଭିଡିଓ ଲୋକାର୍ପିତ



**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ସାରାଂଶ ସାହିତ୍ୟିକ ଅନୁଷ୍ଠାନ ପକ୍ଷରୁ ପ୍ରତିଷ୍ଠାତା ଅନିଲ କୁମାର ପାଢ଼ୀଙ୍କ ଜନ୍ମଦିନ ଅବସରରେ ସ୍ଥାନୀୟ ମେ' ଫେୟାର ହୋଟେଲ ପ୍ରେକ୍ଷାଳୟରେ ଏକ ଭବ୍ୟ ପୁସ୍ତକ ଓ ମ୍ୟୁଜିକ ଭିଡିଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନିଲ କୁମାର ପାଢ଼ୀଙ୍କ ରଚିତ ପୁସ୍ତକ 'ନିଦ ବୁଦ୍ଧ ଯାହା ଚାହିଁନଥିଲେ' ଓ 'ନଖ ଗଛ' ସମେତ ଡ. ମମତାମୟୀ ଚୌଧୁରୀଙ୍କ ରଚିତ 'ଚିନ୍ତା ଓ ଚିନ୍ତନର ରାଜକିଶୋର', 'ମୁଁ ଯୁଦ୍ଧ ଚାହେଁ' ଓ 'ସିନ୍ଦୁକ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏଥିସହ 'ସାରାଂଶ ସାହିତ୍ୟ' ମ୍ୟୁଜିକ ଭିଡିଓ ମଧ୍ୟ ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଦ୍ୟୋଗପତି ମିତ୍ରଦତ୍ତ ମହାପାତ୍ର, ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଓମ୍ ପ୍ରକାଶ ମହାନ୍ତି, ଡଃ ଦୀପା ମିଶ୍ର, ଅନୁଷ୍ଠାନର ସଂସ୍ଥାପକ ଅନିଲ କୁମାର ପାଢ଼ୀ ଓ ନିର୍ଦ୍ଦେଶିକା ଡଃ ମମତାମୟୀ ଚୌଧୁରୀ ଉପସ୍ଥିତ ଥିଲେ। ସାହିତ୍ୟ ଓ ସଙ୍ଗୀତର ଏହି ମିଳନ ଓଡ଼ିଆ ସଂସ୍କୃତି ଜଗତରେ ଏକ ସ୍ମରଣୀୟ ଅଧ୍ୟାୟ ହୋଇ ରହିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସାହିତ୍ୟ ଓ ପ୍ରକାଶନ କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ବନୋଜ ତ୍ରିପାଠୀ, ସରୋଜ ବଳ, ଅଶୋକ ମହାନ୍ତି, ସୁଭେନ୍ଦୁ ଶେଖର ରଥ, ଶିବାଶିଷ କର, ପବିତ୍ର ବ୍ରହ୍ମପୁତ୍ର ନାୟକ ଓ ଡଃ ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସଙ୍ଗୀତ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଗୁରୁ ନିମାକାନ୍ତ ରାଉତରାୟ, ମହେନ୍ଦ୍ର ଆଚାର୍ଯ୍ୟ, ସୁସ୍ମିତା ଦାସ, ଓମ୍ ପ୍ରକାଶ ମହାନ୍ତି, ଯଜ୍ଞ ଦାଶ ଓ ଗୁରୁ ବିଜୟ ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସାହିତ୍ୟପ୍ରେମୀ, କବି ଓ ଶିଳ୍ପୀ ଯୋଗ ଦେଇଥିବା ବେଳେ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଏସ୍‌ସିବି ମେଡିକାଲ୍‌ରେ ତଦନ୍ତ ସାରି ଫେରିଲେ କେନ୍ଦ୍ରୀୟ ଟିମ୍



**କଟକ,୭।୪/ଏନ୍‌ଏନ୍‌ଏସ୍:** ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ୍ ଓ ହସ୍ପିଟାଲ୍ (ଏସସିବି) ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାର ୬ ଜଣିଆ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ଆଜି ଅପରାହ୍ଣରେ ଏସ୍‌ସିବି ଗସ୍ତକରି ମେଡିକାଲ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଅଗ୍ନିଶମ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ପୋଡିଯାଇଥିବା ଆଇସିୟୁ ବୁଲି ଦେଖିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ତଦନ୍ତ ଟିମ୍ ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାର ଆବଶ୍ୟକୀୟ ତଦନ୍ତ କରିବେ ବୋଲି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁସ୍ମିତା ବେହେରା ଏସ୍‌ସିବି ମେଡିକାଲ୍ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଇଥିଲେ। ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ କମାଣ୍ଡାଣ୍ଟ୍ ଆଦିତ୍ୟ କୁମାରଙ୍କ ନେତୃତ୍ୱରେ ଆସିଥିବା ଏହି ସ୍ୱତନ୍ତ୍ର ଟିମ୍‌ରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଅରବିନ୍ଦ କୁମାର, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସିଏମ୍‌ଓ ଡାକ୍ତର ଯୋଗେଶ, କେନ୍ଦ୍ର ସରକାରଙ୍କ ଅଗ୍ନିଶମ ସଂସ୍ଥାର ଉପଦେଷ୍ଟା ପ୍ରଶାନ୍ତ ଲୋଙ୍କାର, ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ୍ ନଗେନ୍ଦ୍ର ଶର୍ମା, ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବିଭାଗର ସାଧାରଣ ପରିଚାଳକ ସୁନୀଲ କୁମାର ସାହୁ ସାମିଲ ଅଛନ୍ତି। ଏହି ତଦନ୍ତକାରୀ କମିଟି ଆଜି ଅପରାହ୍ଣରେ ପହଞ୍ଚିବା ପରେ ପ୍ରିନ୍ସିପାଲ୍‌ଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବା ପରେ ଘଟଣାସ୍ଥଳକୁ ଯାଇ

### ଟ୍ରମା କେୟାର ଆଇସ୍ୟୁସିରେ ଅଗ୍ନିକାଣ୍ଡ ଘଟଣା

ଅଗ୍ନିକାଣ୍ଡର କାରଣ ଅନୁଧ୍ୟାନ କରିଥିଲେ। ଏହା ବ୍ୟତୀତ ଜିଇଡି ଏବଂ ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀମାନଙ୍କ ରିପୋର୍ଟ ସଂଗ୍ରହ କରିବେ ବୋଲି ସୂଚନା ମିଳିଛି। ଆଜି ତଦନ୍ତ ପାଇଁ କେନ୍ଦ୍ରୀୟ ଟିମ୍ ଆସୁଥିବାର ଜାଣିବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସମେତ ଜିଇଡି, ଅଗ୍ନିଶମ ସେବା ସଂସ୍ଥା ଅଧିକାରୀଙ୍କ ମନରେ ଏକ ପ୍ରକାର ଛନକା ପଶିଛି। ସୂଚନାଯୋଗ୍ୟ ଘଟଣାର ପ୍ରାଥମିକ ତଦନ୍ତ ପରେ ରାଜ୍ୟ ସରକାର ଅଗ୍ନିଶମ ବିଭାଗର ଦୁଇଜଣ ଅଫିସର, ଜିଇଡିର ଏସ୍‌ଡିଓଙ୍କୁ ନିଲମ୍ବିତ କରିବା ସହ କଲେଜ ଅଧ୍ୟକ୍ଷ, ଅଧୀକ୍ଷକ ଓ ଟ୍ରମା ସେଣ୍ଟର୍ ଇନ୍‌ଚାର୍ଜଙ୍କୁ ଦାୟିତ୍ୱରୁ ହଟାଇ ଦେଇଥିଲେ। ତେବେ କେନ୍ଦ୍ରୀୟ ଟିମ୍‌ର ତଦନ୍ତକୁ ନେଇ ମେଡିକାଲ୍ ଓ ପ୍ରଶାସନର କୌଣସି ଅଧିକାରୀ ଗଣମାଧ୍ୟମ ଆଗରେ ମୁହଁ ନଖୋଲି ବିଭିନ୍ନ ପ୍ରଶ୍ନକୁ ଏଡାଇ ଦେଇଥିଲେ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୬ ତାରିଖରେ କଟକ ଏସସିବି ମେଡ଼ିକାଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଆଶୁଚିକିତ୍ସା ବିଭାଗର ଟ୍ରମା କେୟାର୍ ଆଇସିୟୁରେ ଅଗ୍ନିକାଣ୍ଡ ଘଟି ୧୩ଜଣ ରୋଗୀଙ୍କର ମୃତ୍ୟୁ ଘଟିଥିଲା।

# କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ରାମଲୀଳା ମହୋତ୍ସବ



**କଟକ,୮।୪/ଏନ୍‌ଏନ୍‌ଏସ୍:** ଆଧ୍ୟାତ୍ମିକ ଅନୁଷ୍ଠାନ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ବାର୍ଷିକ ଉତ୍ସବ ଓ ରାମଲୀଳା ମହୋତ୍ସବର ପ୍ରଥମ ରଜନୀରେ ପାଇକ ସାହି ଜୟ ମଙ୍ଗଳା ପ୍ରଚାର ସମିତିର କଳାକାରମାନଙ୍କ ଦ୍ୱାରା ମହାନ ପୌରାଣିକ ଶ୍ରୀରାମଲୀଳା 'ଦରଦୀ ଦୁଃଖହାରୀ ଶ୍ରୀରଘୁମଣି' ମଞ୍ଚସ୍ଥ ହୋଇଛି। ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବକୁ ଗୋପାଳଜୀଉ ମଠର ମହନ୍ତ ସୁଜନ ମହାରାଜ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥି ଭାବରେ ଡାକ୍ତର ରବି ରଂଜନ ସାହୁ, କ୍ଷେତ୍ରମୋହନ ଧଳ, ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବିଜେପି ରାଜ୍ୟ ସଂପାଦିକା ସ୍ମୃତି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ ମାର୍ଗରେ ସମାଜକୁ ଶୃଙ୍ଖଳିତ କରିହେବ ବୋଲି କହିଥିଲେ। ଲୀଳାଧ୍ୟକ୍ଷ ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ତତ୍ତ୍ୱାବଧାନରେ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ପୁଷ୍ପକାନ୍ତି ମହାନ୍ତି, ସାଧାରଣ ସଂପାଦକ ଦିଲ୍ଲୀପ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଲୋକସଂପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା, ଉପସଭାପତି ନଳିନ କୁମାର ସେନାପତି, ମାଧବ ମିଶ୍ର, କିଶୋର ମହାନ୍ତି, ସୂର୍ଯ୍ୟମଣି ବେହେରା, ଶାନ୍ତିଲତା ସେଠୀ, ସରସ୍ୱତୀ ବେହେରା, କୁନି ନାୟକ, ପ୍ରଭାକର ଦାସ, ନମିତା ବେହେରା, ଜଗନ୍ନାଥ ବେହେରା, ଲକ୍ଷ୍ମୀନାରାୟଣ ମଲ୍ଲିକ, କାଳନ୍ଦୀ ନାରାୟଣ ମଲ୍ଲିକ, ସଂପଦ କୁମାର ମଲ୍ଲିକ, ଶିବଚରଣ ସିହ୍ନା, ବାସୁଦେବ ମଲ୍ଲିକ, ସୁବାସ ଚନ୍ଦ୍ର ମୁଖି, ପ୍ରାଣକୃଷ୍ଣ ସ୍ୱାଇଁ, ରବି ଅଗ୍ରୱାଲ, ଜିତୁ ବାରିକ, ସୋମନାଥ ଦାସ, ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ। ଶତାଧିକ ଦର୍ଶକ ମାରୁତି ମଣ୍ଡପରେ ଶ୍ରୀରାମଲୀଳା ଉପଭୋଗ କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମତଦାତା ସହାୟତା କେନ୍ଦ୍ର ଉଦ୍‌ଘାଟିତ




**କଟକ,୮।୪/ଏନ୍‌ଏନ୍‌ଏସ୍:** ମତଦାତାମାନଙ୍କୁ ନିର୍ବାଚନ ସଂପର୍କିତ ସମସ୍ତ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ମତଦାତା ସହାୟତା କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଏହି ସହାୟତା କେନ୍ଦ୍ର ମାଧ୍ୟମରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମ୍ବନ୍ଧିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମତଦାତାମାନଙ୍କୁ ମିଳିପାରିବ। ମତଦାତାମାନେ ନିଜର ନାମ ଭୋଟର୍ ତାଲିକାରେ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ତତ୍ ସମ୍ବନ୍ଧୀୟ ସମସ୍ତ ସେବା ସହଜରେ ପାଇପାରିବେ। ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ଇସିଆଇ ନେଟ୍ ଭଳି ଅନ୍‌ଲାଇନ୍ ମାଧ୍ୟମର ସହାୟତା ନେବାର ବ୍ୟବସ୍ଥା ମଧ୍ୟ ରହିଛି। ସହାୟତା କେନ୍ଦ୍ରରେ ପ୍ରଦର୍ଶିତ ସୂଚନାପଟ ମାଧ୍ୟମରେ ମତଦାତାମାନଙ୍କୁ ସଚେତନ କରାଯାଉଛି। 'ବୁକ ଏ କଲ୍ ଓ୍ୱିଥ୍ ବିଏଲ୍‌ଓ' ଭଳି ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଏହା ମାଧ୍ୟମରେ ମତଦାତାମାନେ ସିଧାସଳଖ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇପାରିବେ। ଏହି କେନ୍ଦ୍ରରେ ପ୍ରଶିକ୍ଷିତ କର୍ମଚାରୀମାନେ ଉପସ୍ଥିତ ରହି ମତଦାତାମାନଙ୍କୁ ସମସ୍ତ ପ୍ରକାର ତଥ୍ୟ ପ୍ରଦାନ କରୁଛନ୍ତି। ମତଦାତାମାନେ ନିଜର ତଥ୍ୟ ସଠିକ୍ ଭାବେ ପ୍ରଦାନ କରି ଏହି ମ୍ୟାପିଂ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଦ୍ୱାରା ସେମାନଙ୍କୁ ସଚେତନ କରାଯାଉଛି। ଏହି ଏସ୍‌ଆଇଆର୍ ମ୍ୟାପିଂ ଅଭିଯାନ ମାଧ୍ୟମରେ ମତଦାତା ତାଲିକାକୁ ତ୍ରୁଟିହୀନ କରିବା ସହିତ ଆସନ୍ତା ନିର୍ବାଚନରେ ମତଦାନ ପ୍ରକ୍ରିୟାକୁ ସୁବିଧାଜନକ କରିବା ଜିଲ୍ଲା ପ୍ରଶାସନର ଲକ୍ଷ୍ୟ।

# ସିଜିମାଳି ଆଦିବାସୀମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା

**କଟକ,୮।୪/ଏନ୍‌ଏନ୍‌ଏସ୍:** ରାୟଗଡା ଜିଲ୍ଲାର ସିଜିମାଳିରେ ବେଦାନ୍ତ କମ୍ପାନୀ ପାଇଁ ରାସ୍ତା ନିର୍ମାଣକୁ ବିରୋଧ କରୁଥିବା ଆଦିବାସୀମାନଙ୍କୁ ଗିରଫ କରିବା ପାଇଁ ଗତ ୭ତାରିଖ ଭୋର୍ ସକାଳୁ କଂଟାପଡା ଗ୍ରାମ ଉପରେ ବିଶାଳ ପୁଲିସ ବାହିନୀ ଘର ଘର ସର୍ଚ୍ଚ ଅପରେସନ୍, ବ୍ଲାଙ୍କ୍ ଫାୟରିଂ, ଲୁହବୁହା ବାଷ୍ପ ପ୍ରୟୋଗ ଓ ଲାଠି ପ୍ରହାର କରି ଗ୍ରାମବାସୀମାନଙ୍କୁ ଆହତ କରିବା ଘଟଣାକୁ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏକ ପ୍ରେସ୍ ବିବୃତିରେ ଦଳର ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଜଣାଇଛନ୍ତି କି ସ୍ଥାନୀୟ ଅଧିବାସୀମାନଙ୍କ ସ୍ୱାର୍ଥକୁ ଅଣଦେଖା କରି ରାୟଗଡାର ସିଜିମାଳି ପାହାଡରୁ ବେଦାନ୍ତ କମ୍ପାନୀକୁ ବକ୍ସାଇଟ୍ ଉତ୍ତୋଳନ ପାଇଁ ସରକାର ଅନୁମତି ଦେବା ଘଟଣା ବିରୁଦ୍ଧରେ ସେଠାକାର ଆଦିବାସୀ ଅଧ୍ୟୁଷିତ ଗ୍ରାମବାସୀମାନେ ଦୀର୍ଘଦିନ ହେବ ଆନ୍ଦୋଳନ ଚଳାଇଆସିଛନ୍ତି। ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ସେମାନଙ୍କ ଦାବି ସମ୍ପର୍କରେ କୌଣସି କାର୍ଯ୍ୟକାରୀ ପଦକ୍ଷେପ ନେବା ବଦଳରେ ସରକାର ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ନାନା ପ୍ରକାର ଦମନ ମୂଳକ ପଦକ୍ଷେପ ନେଇ ଚାଲିଛନ୍ତି। ପୁଲିସ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ରଖିବା, ଡ୍ରୋନ୍ ଦ୍ୱାରା ସମଗ୍ର ଅଞ୍ଚଳ ଉପରେ ନଜର ରଖିବା ଓ ବିଭିନ୍ନ ମିଛ ତଥା ମନଗଢା ମାମଲାରେ ବହୁ ବ୍ୟକ୍ତି ଓ ଆନ୍ଦୋଳନର ନେତାଙ୍କୁ ଗିରଫ କରି ଜେଲ ପଠାଇବା ଭଳି ବିଭିନ୍ନ ଦମନମୂଳକ ପଦକ୍ଷେପ ଚଳାଇଛି। ଏହି ଆକ୍ରମଣରେ ବହୁ ବ୍ୟକ୍ତି ଏପରି କି ବହୁ ସାଧାରଣ ମହିଳା ଆହତ ହୋଇଥିଲେ। ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିସ୍ଥିତି ବିରାଜମାନ କରୁଛି। ତେଣୁ ଯଥାଶୀଘ୍ର ସେ ଅଂଚଳରୁ ପୁଲିସ ପ୍ରତ୍ୟାହାର କରି ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବାକୁ ଦଳ ଦାବି କରିଛି।

### ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍

# ଫାଇନାଲ୍‌ରେ ପାରାମାଉଣ୍ଟ୍ ସ୍ପୋର୍ଟିଂ




**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ପାରାମାଉଣ୍ଟ୍ ସ୍ପୋର୍ଟିଂ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ହାଇଟେକ୍ ମେଡିକାଲ୍ କଲେଜ ପଡ଼ିଆରେ ଖେଳାଯାଇଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି)କୁ ୧୩୦ ରନ୍‌ରେ ହରାଇ ଦେଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପାରାମାଉଣ୍ଟ୍ ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭର୍‌ରେ ୫ ଓ୍ୱିକେଟ୍ ହରାଇ ୨୨୫ ରନ୍ କରିଥିଲା। ଟିମ୍ ପକ୍ଷରୁ ସ୍ୱାଗତ ମିଶ୍ର ୭୪ ବଲ୍‌ରୁ ଅପରାଜିତ ୧୧୬ ରନ୍ ଏବଂ ସାଇଦିତ୍ୟ ମହାନ୍ତି ୪୨ ରନ୍ କରିଥିଲେ। ଜବାବରେ ଆଇଆଇସି ଟିମ୍

୧୯ ଓଭର୍‌ରେ ମାତ୍ର ୯୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ଜୟନ୍ତ ମହାନ୍ତି ସର୍ବାଧିକ ୩୨ ରନ୍ କରିଥିଲେ। ପ୍ରତିପକ୍ଷର ଶୁଭମ୍ ପରିଡ଼ା ୪ଟି ଓ ଏମ୍‌ଡି ସାଜବ ଆଲମ୍ ୩ଟି ଓ୍ୱିକେଟ୍ ନେଇଥିଲେ। ସ୍ୱାଗତ ମିଶ୍ରଙ୍କୁ ଦୁଇ ମ୍ୟାଚ୍ ପରିଚାଳକ ପ୍ରଦୀପ ଜେନା ଏବଂ ପ୍ରମୋଦ ନାରାୟଣ ଦାସ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ । ଏହି ଅବସରରେ ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ସହସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା, ସଭ୍ୟ ଚଣ୍ଡୀ ପ୍ରସନ୍ନ ମହାପାତ୍ର, ସୂର୍ଯ୍ୟ ତ୍ରିପାଠୀ ଏବଂ ଟୁର୍ଣ୍ଣାମେଣ୍ଟ୍ ଆବାହକ ଗିରୀଶ ମହାପାତ୍ର ଉପସ୍ଥିତ ଥିଲେ।

## କିଟ୍‌ରେ ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍ ଆରମ୍ଭ




**ଭୁବନେଶ୍ୱର,୮।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରରେ ବୁଧବାର ଠାରୁ ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ନାଲ୍‌କୋ ପକ୍ଷରୁ ଏହି ମର୍ଯ୍ୟାଦାଜନକ ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟ୍ ଆୟୋଜିତ ହେଉଛି। ନୂଆଦିଲ୍ଲୀର ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର୍ କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡ ସମନ୍ୱୟରେ ଆୟୋଜିତ ଏହି ଚାରିଦିନିଆ ଟୁର୍ଣ୍ଣାମେଣ୍ଟ୍ ପ୍ରଥମ ଥର ପାଇଁ କିଟ୍ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଛି। ଟୁର୍ଣ୍ଣାମେଣ୍ଟ୍‌ରେ କୋଲ୍ ଇଣ୍ଡିଆ ଲିମିଟେଡ୍, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍, ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍, ଅଏଲ୍ ଇଣ୍ଡିଆ ଲିମିଟେଡ୍, ଫୁଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, କମ୍ପ୍‌ଟ୍ରୋଲର୍ ଏବଂ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ, ଲାଇଫ୍ ଇନ୍‌ସ୍ୟୁରାନ୍ସ କର୍ପୋରେସନ୍, ଏମ୍ପ୍ଲୋଇଜ୍ ଷ୍ଟେଟ୍ ଇନ୍‌ସ୍ୟୁରାନ୍ସ କର୍ପୋରେସନ୍ ସମେତ ୧୪ଟି ପବ୍ଲିକ୍ ସେକ୍ଟର ଟିମ୍‌ର ୨୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି।

## ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

**କଟକ,୮।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ପକ୍ଷ ପାଳନ ଅବସରରେ କଟକ ଜିଲ୍ଲାର ବିଭିନ୍ନ ସ୍ଥାନ ସମେତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆଜି ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଏକ ମହତ୍ ଦାନ ଏବଂ ଯୁବସମାଜ ଏହି ପବିତ୍ର କାର୍ଯ୍ୟରେ ସକ୍ରିୟ ଭାବେ ଯୋଗ ଦେବାକୁ କହି ଶ୍ରୀ ଦଳ ବେହେରା ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୬୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏପରି ସେବାମୂଳକ ପଦକ୍ଷେପ ଓଡ଼ିଆ ପକ୍ଷର ଉଦ୍ଦେଶ୍ୟକୁ ସୁଦୃଢ଼ କରିବା ସହ ଆଗାମୀ ଦିନରେ ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମତପ୍ରକାଶ ପାଇଥିଲା।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା, ଡାକ୍ତର ପଦ ପୂରଣ ଦାବିରେ ଧାରଣା



**କଟକ,୮।୪/ଏନ୍‌ଏନ୍‌ଏସ୍:** ବଡ ମେଡିକାଲ ଓ ରାଜ୍ୟର ସମସ୍ତ ଡାକ୍ତରଖାନା ଗୁଡିକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଡାକ୍ତରଖାନା ଗୁଡିକରେ ୬୦ ଭାଗ ଡାକ୍ତର ନାହାନ୍ତି। ଏହି ଗୁରୁତର ସମସ୍ୟାଗୁଡିକର ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ ଦାବିରେ ବିଭିନ୍ନ ନାଗରିକ ଅନୁଷ୍ଠାନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ନାଗରିକ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି ଧାରଣାରେ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ବିଶ୍ୱାବସୁ ଦାସ, ଇଂ କ୍ଷୀରୋଦ ମହାପାତ୍ର, ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ, ପ୍ରତାପ ଦାସ ବିଶ୍ୱଜିତ ଘୋଷ, ଡଲି ଦାଶ, ଅନିମା ରାୟ, ବିରଞ୍ଚିନାରାୟଣ ନାୟକ, ନିର୍ମଳ କୁମାର ସାମଲ, ଅକ୍ଷୟ ରାଉଳ, ରଞ୍ଜନ କୁମାର ଲେଙ୍କା, ବି ମିଶ୍ର, ଇନ୍ଦୁଭୂଷଣ ବେହେରା, ରୁଦ୍ରେଶ ଦାଶ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅପରପକ୍ଷେ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଉଚିତ ଥିଲା। ଯଦି ସେ ଇସ୍ତଫା ନିଜ ତରଫରୁ ଦେଉ ନାହାନ୍ତି ତାହାହେଲେ ମନ୍ତ୍ରିମଣ୍ଡଳରୁ ତାଙ୍କୁ ବରଖାସ୍ତ କରିବାକୁ ଦାବି କରାଯାଇଛି।

# ମେଟ୍ରୋ ପ୍ରକଳ୍ପ ବାତିଲ୍ ବିରୋଧରେ ପ୍ରତିବାଦ ସଭା



**କଟକ,୮।୪/ଏନ୍‌ଏନ୍‌ଏସ୍:** ସଂପ୍ରତି କେନ୍ଦ୍ର ସରକାର ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ଅଣଦେଖା କରିଛନ୍ତି। ବଜେଟ୍‌ରେ ଓଡ଼ିଶାର ମେଟ୍ରୋ ପ୍ରକଳ୍ପ ନିମନ୍ତେ ବ୍ୟୟ ବରାଦ କରିନାହାନ୍ତି। ଏହା ସହ ସ୍ଥଗିତ ଥିବା କହିଭୁବନେଶ୍ୱର-କଟକ ମେଟ୍ରୋ ପ୍ରକଳ୍ପକୁ ବାତିଲ କରିଛନ୍ତି। ଏହାର ପ୍ରତିବାଦରେ ଆଜି କଟକ ମହାନଗର ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବକ୍ସିବଜାର ଗୋଲେଇଛକ ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂହଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡ଼ି ପକ୍ଷରୁ କୁହାଯାଇଛି, ବିଜୁ ଜନତା ଦଳ ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ଜାନୁଆରୀ ୧ ତାରିଖରେ ଭୁବନେଶ୍ୱର ବିମାନ ବନ୍ଦରଠାରୁ କଟକ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ପ୍ରାୟ ୨୬ କିଲୋମିଟର ଏବଂ ବିସ୍ତାରିତ କଟକ ବସ୍‌ଷ୍ଟାଣ୍ଡ ଏବଂ ଏସ୍‌ସିବି ମେଡିକାଲ୍ ପର୍ଯ୍ୟନ୍ତ ମେଟ୍ରୋ ଚଳାଚଳ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମେଟ୍ରୋ ପ୍ରକଳ୍ପଟି ୪ ବର୍ଷ ମଧ୍ୟରେ ପ୍ରାୟ ୬୨୫୫ କୋଟି ରାଜ୍ୟର ନିଜସ୍ୱ ପାଣ୍ଠିରୁ ବ୍ୟୟ ବରାଦ କରାଯାଇଥିଲା। କଟକ-ଭୁବନେଶ୍ୱର ଜନସାଧାରଣଙ୍କ ଗମନାଗମନ ସୁବିଧା ନିମନ୍ତେ ପ୍ରାୟ ପ୍ରତି ୧୦ ମିନିଟ୍‌ରେ ଏକ ମେଟ୍ରୋ ଟ୍ରେନ୍ ଚଳାଚଳ କରାଯିବାର ବ୍ୟବସ୍ଥା ପାଇଁ ସ୍ଥିର କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରାୟ ୩୯୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ପ୍ରାୟ ଦେଢ଼ବର୍ଷ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିଲା। ବର୍ତ୍ତମାନର ରାଜ୍ୟ ସରକାର ଏହି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ବାତିଲ୍ କରିଛନ୍ତି। ଏହାଛଡ଼ା କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶା ମେଟ୍ରୋ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଅନୁଦାନ ରାଶିର ବ୍ୟବସ୍ଥା କରିନାହାନ୍ତି। କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିବା ଦାବିରେ କଟକ ମହାନଗର ବିଜେଡ଼ି ପକ୍ଷରୁ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂହ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଂଟିଆ, ଏ ଶ୍ରୀଦେବୀ, ରମଜାନ୍ ଖାଁ, ଏକ୍ରମ୍ ହୁସେନ୍, ମହମ୍ମଦ ସକିଲ୍, ମିତାଲି ଭଞ୍ଜ, ବନଲତା ପ୍ରଧାନ, ଇତିଶ୍ରୀ ଦାସ, ସଂଗୀତା ଦାସ, ନମିତା ବାରିକ, ଚନ୍ଦନ ଜେନା ପ୍ରମୁଖ ପ୍ରତିବାଦ ସଭାରେ ଯୋଗଦେଇ ଉଦବୋଧନ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ

### ଓଡ଼ିଶା ଅନୁଭବ କରୁଛି...

ଉଦ୍‌ଘାଟନ କରିଛନ୍ତି। ଯାହାଦ୍ୱାରା, ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଆଉ ୪୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି ଏବଂ ୫୯ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ଆମକୁ ଯେଉଁ ସାମଗ୍ରୀ ବିଦେଶରୁ ଆମଦାନୀ କରିବାକୁ ପଡୁଥିଲା, ସେଗୁଡ଼ିକ ଏବେ ଆମ ଖୋର୍ଦ୍ଧା ମାଟିରେ ତିଆରି ହେବ। ଏହି ସଫଳତା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାରେ ନିର୍ମିତ ସାମଗ୍ରୀ ବିଶ୍ୱ ବଜାରକୁ ଯିବ ଏବଂ ଆମ ଶିଳ୍ପ ବ୍ୟବସ୍ଥାକୁ ଆହୁରି ସ୍ୱାବଲମ୍ବୀ କରି ଗଢ଼ିତୋଳିବାରେ ସହାୟକ ହେବ। ଏହି ଶିଳ୍ପପ୍ରକଳ୍ପ ଗୁଡ଼ିକ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଚଳିତ ବଜେଟରେ ଭିତ୍ତିଭୂମି ପାଇଁ ୭୨ ହଜାର କୋଟିରୁ ଅଧିକ ଟଙ୍କାର ପ୍ରାବଧାନ କରାଯାଇଛି ଯାହା ବର୍ତ୍ତମାନ ଆମ ରାଜ୍ୟ ଜିଡିପିର ପ୍ରାୟ ୬.୫ ପ୍ରତିଶତ। ଏହା ଦ୍ୱାରା ଭିତ୍ତିଭୂମି ନିର୍ମାଣ ତ୍ୱରାନ୍ୱିତ ହେବା ସହିତ ନୂତନ ରୋଜଗାର ସୃଷ୍ଟି ହେଉଛି ବୋଲି ସେ କହିଥିଲେ। ଓଡ଼ିଶାରେ ଗତ ୨୦ ମାସ ଧରି ଶିଳ୍ପ କ୍ଷେତ୍ରରେ ଏକ ନୂତନ ଦିଗ ଦେଖାଯାଇଛି ଏବଂ ବିଶେଷ କରି ୨୦୨୫ ଜାନୁଆରୀରୁ ରାଜ୍ୟରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। ୨୦୩୬ ପାଇଁ ଆଉ ୧୦ ବର୍ଷ ରହିଛି ଏବଂ ଏହି ୧୦ ବର୍ଷ ହେଉଛି ସମସ୍ତଙ୍କ ପାଇଁ 'ସଂକଳ୍ପର ଦଶକ'। ଓଡ଼ିଆ ଅସ୍ମିତା ସହିତ ଅର୍ଥନୈତିକ ଉନ୍ନତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଆମର ଅର୍ଥନୀତି ଯେତେବେଳେ ଶକ୍ତିଶାଳୀ ହେବ ଏବଂ ଭିତ୍ତିଭୂମି ବିଶ୍ୱସ୍ତରୀୟ ହେବ, ସେତେବେଳେ ଓଡ଼ିଶାର ଅର୍ଥନୀତି ସମଗ୍ର ବିଶ୍ୱର ଅର୍ଥନୀତି ସହିତ ସଂଯୁକ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶର ବିଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶିଳ୍ପପତିମାନଙ୍କ ସହ ଏକ ସ୍ୱତନ୍ତ୍ର ରାଉଣ୍ଡଟେବୁଲ୍ ବୈଠକରେ ଯୋଗଦେଇ ରାଜ୍ୟରେ ଆରମ୍ଭ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟରେ ଶିଳ୍ପ ଉନ୍ନତି ପାଇଁ ଓଡିଶା ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜମି, ବିଦ୍ୟୁତ୍, ପାଣି ଓ ଯୋଗାଯୋଗ ପରି ସମସ୍ତ ଆବଶ୍ୟକୀୟ ସୁବିଧା ପୂର୍ବରୁ ଆମ ସରକାର ଯୋଗାଇ ଆସୁଛନ୍ତି ଏବଂ ଆଗକୁ ମଧ୍ୟ ଯୋଗାଇବ। ଏହା ସହିତ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ସମସ୍ତ ଅନୁମୋଦନ ସମୟତା ମଧ୍ୟ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ କୌଣସି ସମସ୍ୟା ହେଲେ ଶିଳ୍ପପତିମାନେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ସମ୍ପର୍କ କରି ସମାଧାନ ପାଇପାରିବେ ବୋଲି ଶିଳ୍ପପତି ମାନଙ୍କୁ ଆଶ୍ୱାସନା ଦେଇଥିଲେ। ସାଧାରଣ ସଭା ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଦ୍ୱାରା ଆୟୋଜିତ ପ୍ରକଳ୍ପଗୁଡ଼ିକର ପ୍ରଦର୍ଶନୀ ବୁଲି ଦେଖିବା ସହିତ କମ୍ପାନୀର କର୍ମଚାରୀ ମାନଙ୍କ ସହିତ କଥା ହୋଇଥିଲେ। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଆଜିର ଏହି ଭିତ୍ତିଭୂମି ଏବଂ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଏକ ବିବିଧ, ସ୍ଥିର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଇକୋସିଷ୍ଟମ ଗଠନ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। କଥାରେ କହିବା ଏବଂ ପ୍ରତିଶ୍ରୁତିକୁ ଯଥାର୍ଥତାରେ ପ୍ରତିଫଳନ କରିବା, ଦୁଇଟି ଭିନ୍ନ ଭିନ୍ନ କାର୍ଯ୍ୟ। ଆଉ ଆମ ସରକାର ସବୁ କଥାକୁ କାମରେ କରି ଦେଖାଉଛି ବୋଲି ସେ କହିଥିଲେ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ୧୯ ମାସରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ସମସ୍ତ କାର୍ଯ୍ୟ, ଆମ ସରକାରଙ୍କ ଦୃଢ଼ ଶାସନ ଏବଂ ଶିଳ୍ପ ପାଇଁ ଓଡ଼ିଶାର ପ୍ରତିଷ୍ଠାକୁ ପ୍ରମାଣିତ କରୁଛି ବୋଲି କହିଥିଲେ। ଏହି ଅବସରରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଆଦାନୀ ପୋର୍ଟସ୍ ଏଣ୍ଡ୍ ଏସ୍‌ଇଜେଡର ମ୍ୟାନେଜିଙ୍ଗ୍ ଡାଇରେକ୍ଟର କରନ୍ ଆଦାନୀ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ଏହା ସହିତ ଆଜି ଶିଳାନ୍ୟାସ ଓ ଉଦଘାଟନ ହୋଇଥିବା ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

### ଅପରିବର୍ତ୍ତିତ ରହିଲା...

ମାଲହୋତ୍ରାଙ୍କ କହିବାନୁସାରେ ଯଦି ଭବିଷ୍ୟତରେ ଅଶୋଧିତ ତୈଳ ମୂଲ୍ୟ ଉଚ୍ଚ ରହେ, ତେବେ ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇପାରେ। ଏହି କାରଣରୁ ଅଧିକାଂଶ ଏମପିସି ସଦସ୍ୟ ଏହି ସମୟରେ ରେପୋ ହାର ହ୍ରାସ ପାଇଁ ରାଜି ହୋଇନଥିଲେ। ସଂକ୍ଷେପରେ କହିଲେ, ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ଏବଂ ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ପାଇଁ ଆର୍‌ବିଆଇ ଏକ 'ୱେଟ୍ ଆଣ୍ଡ ୱାଚ୍' ନୀତି ଆପଣାଇଛି। ବିଶ୍ୱ ସ୍ତରରେ ଲାଗି ରହିଥିବା ଅସ୍ଥିରତା ଏବଂ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ଆରବିଆଇ କମିଟି ଏହି ସତର୍କତାମୂଳକ ଆକଳନ କରିଛି। ତେବେ ରେପୋ ରେଟ୍ ଅପରିବର୍ତ୍ତିତ ରହିଥିବାରୁ ବ୍ୟାଙ୍କ ଋଣ ଯଥା ହୋମ୍ ଲୋନ୍ କିମ୍ବା କାର୍ ଲୋନ୍‌ର ଇଏମ୍‌ଆଇ ପରିମାଣ ବଢ଼ିବାର ଆଶଙ୍କା ନାହିଁ, ଯାହା ଗ୍ରାହକମାନଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର। ପ୍ରକାଶ, ଏମ୍‌ପିସି ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ହାର ୬.୯% ରହିବ ବୋଲି ଅନୁମାନ କରାଯାଇଛି। ୬.୯% ଅଭିବୃଦ୍ଧିର ଅର୍ଥ ହେଉଛି ଭାରତୀୟ ଅର୍ଥନୀତି ଏବେ ମଧ୍ୟ ବିଶ୍ୱର ଅନ୍ୟ ପ୍ରମୁଖ ଅର୍ଥନୀତିଗୁଡ଼ିକ ତୁଳନାରେ ଦ୍ରୁତ ଗତିରେ ବଢୁଛି।

### ୧୩୬୩ ଜେଆର୍ଏ...

ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜସ୍ୱ ପ୍ରଶାସନର କ୍ଷମତା ବୃଦ୍ଧି ସହ ଜନସେବା ପ୍ରଦାନକୁ ଅଧିକ ସୁଦୂରପ୍ରସାରୀ କରିପାରିବ ବୋଲି ରାଜସ୍ୱ ସଚିବ ଆଶା ପ୍ରକାଶ କରିଛନ୍ତି।

### ଭିଜିଲାନ୍ସ ଜାଲରେ...

ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଶ୍ରୀ ମହାନ୍ତିଙ୍କ ଭୁବନେଶ୍ୱର ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ ଲେନ-୮ରେ ପ୍ଲଟ୍ ନଂ. ୨୧୦-ବି ସ୍ଥିତ ୩୦୦୦ ବର୍ଗଫୁଟରେ ଥିବା ୩ ମହଲା କୋଠା ଠାବ ହୋଇଛି। ଏଥିସହ ଢେଙ୍କାନାଳ ଜିଲ୍ଲା ଭାପୁର ବିମ୍ଫୋଳ ଅଞ୍ଚଳରେ ଗୋଟିଏ ଦୁଇ ମହଲା କୋଠା ସମେତ ଫାର୍ମ ହାଉସ ମଧ୍ୟ ଠାବ ହୋଇଛି। ଏଥିସହ ରାଜେଶଙ୍କ ମୋଟ୍ ୮ଟି ପ୍ଲଟ୍ ଥିବା ଜଣାପଡ଼ିଛି। ଏହା ମଧ୍ୟରୁ ଭୁବନେଶ୍ୱରରେ ଗୋଟିଏ ପ୍ଲଟ୍ ଓ ବିମ୍ଫୋଳ ଅଞ୍ଚଳରେ ୪ ପ୍ଲଟ୍ ରହିଛି । ତେବେ ଘର ଓ ପ୍ଲଟର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ୍ ହିସାବ କରୁଛି। ସେହିପରି ରାଜେଶଙ୍କ ଘରୁ ନଗଦ ୬ ଲକ୍ଷ ୨୩ ହଜାର ଟଙ୍କା ମିଳିଛି। ଏଥିସହ ସେ ୧ କୋଟି ୭୦ ଲକ୍ଷର ଜମାରାଶି ରଖିଥିବା ଜଣାପଡ଼ିଛି। ଏହାଛଡ଼ ୩୫୦ ଗ୍ରାମ ଓଜନର ସୁନାଗହଣା ମିଳିଛି। ବଡ଼ କଥା ହେଉଛି, ରାଜେଶଙ୍କ ଘରୁ ୧୩.୪୭ ଲକ୍ଷ ଟଙ୍କାର ବିମାନ ଟିକେଟ୍ ଠାବ କରାଯାଇଛି। ତେଣୁ ବିଭିନ୍ନ ଦେଶକୁ ରାଜେଶ ବୁଲିବାକୁ ଯାଇଥିବା ଏଥିରୁ ପ୍ରମାଣ ମିଳିଛି। ସେହିପରି ତାଙ୍କ ପାଖରୁ ୨ଟା ଚାରିଚକିଆ ଜାନ ଓ ୨ଟି ଦୁଇ ଚକିଆ ଯାନ ଠାବ କରାଯାଇଛି। ରାଜେଶଙ୍କୁ ଭିଜିଲାନ୍ସ ଟିମ୍ ଅଧିକ ପଚରାଉଚରା କରୁଛି। ତାଙ୍କ ପାଖରୁ ଆହୁରି ଅଧିକ ସମ୍ପତ୍ତି ଠାବ ହେବାର ଆଶଙ୍କା କରାଯାଉଛି। ଭିଜିଲାନ୍ସ ଟିମ୍ ପକ୍ଷରୁ ଯାଞ୍ଚ ଜାରି ରହିଥିବା ସୂଚନା ଦିଆଯାଇଛି।

### ଇନ୍ଧନ ସରିଲା...

ଏକ ମେ' ଡେ କଲ୍ ଦେଇଥିଲେ। ନିକଟସ୍ଥ ଏକ ପଡ଼ିଆରେ ବିମାନଟିକୁ ଓହ୍ଲାଇବା ନେଇ ମଧ୍ୟ ପାଇଲଟ ରାଉରକେଲା ଏଟିସିକୁ ସୂଚନା ଦେଇଥିଲେ। ରିପୋର୍ଟରେ କୁହାଯାଇଛି ଯେ ପାଇଲଟ ଦ୍ୱୟ ପ୍ରଥମେ ଏକ ଶୁଖିଲା ନଦୀ ଉପରେ ଲ୍ୟାଣ୍ଡିଂ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଆବଶ୍ୟକ ଉଚ୍ଚତା ନଥିବାରୁ ଏକ ଖୋଲା ପଡ଼ିଆରେ ଅବତରଣ କରିବାକୁ ପାଇଲଟ ଦ୍ୱୟ ନିଷ୍ପତ୍ତି ନେଇଥିଲେ। ସେମାନେ ବିମାନକୁ ଏମର୍ଜେନ୍ସୀ ଲ୍ୟାଣ୍ଡିଂ କରୁଥିବା ବେଳେ ଏହା ଏକ ଗଛର ଶିଖରରେ ପିଟି ହୋଇଥିଲା। ଗଛ ପାଖ ଦେଇ ବିଦ୍ୟୁତ୍ ତାର ଯାଇଥିଲା। ବିମାନ ଯେପରି ବିଦ୍ୟୁତ୍ ତାରରେ ପିଟି ନହେବ ସେଥିପାଇଁ ପାଇଲଟ ଦ୍ୱୟ ସତର୍କ ରହିଥିଲେ। ଆଉ ତା' ଭିତରେ ବିମାନଟି ତଳେ ପଡ଼ିଯାଇଥିଲା। ବିମାନଟି ୪ ଜଣ ଯାତ୍ରୀଙ୍କୁ ଧରି ଭୁବନେଶ୍ୱରରୁ ରାଉରକେଲା ଯାଉଥିଲା। ରାଉଲକେଲା ଆଉ ଅଳ୍ପ ବାଟ ଥିବା ବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟିବାର ୭ ଦିନ ପରେ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### 'ସମୟ ଲାଗୁ ପଛେ...

ଦର୍ଶନ ସରିଲା ପରେ ବାହାର ରତ୍ନଭଣ୍ଡାର ଅନୁଧ୍ୟାନ କରିଥିଲୁ। ସରକାରଙ୍କ ଦ୍ୱାରା ଗଠିତ କମିଟି, ଅଧିକାରୀ ଏବଂ ସେବାୟତ ଏଥିରେ ଉପସ୍ଥିତ ଥିଲେ। ଏସ୍‌ଓପି ଅନୁସାରେ ଗଣତିମଣତି ଆରମ୍ଭ ହୋଇଛି। ପ୍ରତ୍ୟେକ ମୂଲ୍ୟବାନ ଜିନିଷ ୩ଡି ମ୍ୟାପିଂ କରାଯାଉଛି। ଏହା ଦ୍ୱାରା ପୂର୍ଣ୍ଣ ଛବି ମିଳିପାରିବ। ମହାପ୍ରଭୁଙ୍କର ଅଳଙ୍କାର ଭ୍ୟାଲୁଏସ ପାଇଁ ଯୋଜନା ନାହିଁ। ମହାପ୍ରଭୁଙ୍କ ଗହଣାର ବିସ୍ତୃତ ବିବରଣୀ ରଖାଯାଉଛି, ଯାହାଦ୍ୱାରା ଭବିଷ୍ୟତରେ କୌଣସି ଅସୁବିଧା ହେବ ନାହିଁ। ବାହାର ରତ୍ନଭଣ୍ଡାର ଗଣତିମଣତି ପରେ ଭିତର ରତ୍ନଭଣ୍ଡାରର ଗଣତିମଣତି ହେବ। ଆଜି ମହାପ୍ରଭୁଙ୍କ ଦର୍ଶନରେ କୌଣସି ଅସୁବିଧା ନାହିଁ। ମହାପ୍ରଭୁଙ୍କ କୃପାରୁ ସବୁକିଛି ଠିକ୍‌ଠାକ ଚାଲିଛି। ଗଣତିମଣତିର ସମୟ ସୀମା ନାହିଁ। ଶ୍ରଦ୍ଧାଳୁମାନେ ଭଲଭାବରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ଇଚ୍ଛା ଅନୁସାରେ ଏହି କାମ ସଂପାଦିତ ହେବ। ପର୍ବଦିନଗୁଡ଼ିକରେ ଗଣତିମଣତି ହୋଇପାରିବ ନାହିଁ। ଯେଉଁଦିନ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ରହିବ, ସେଦିନ ଗଣତିମଣତି ସ୍ଥଗିତ ରଖାଯିବ। ସମୟ ଲାଗୁ ପଛେ ମହାପ୍ରଭୁଙ୍କ କାମ ଭଲରେ ହେଉ ବୋଲି ଗଜପତି ମହାରାଜ କହିଛନ୍ତି।

# ସିଜିମାଳିରେ ଥମୁନି ଅଶାନ୍ତି: ଶାଗବାରି ଓ କଣ୍ଟାମାଳରେ ୧୬୩ ଧାରା ଜାରି

## ଗିରଫଦାରୀକୁ ନେଇ ରଣକ୍ଷେତ୍ର ପାଲଟିଲା ଗ୍ରାମ





**ରାୟଗଡ଼ା,୮।୪/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ସୁଙ୍ଗେର ପଞ୍ଚାୟତ ସ୍ଥିତ ସିଜିମାଳି ପାହାଡ଼ର ବକ୍ସାଇଟ ଖଣି ଖନନ ପାଇଁ ବେଦାନ୍ତ କମ୍ପାନୀକୁ ଅନୁମତି ମିଳିବା ପରେ ସମଗ୍ର ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ସୀମାନ୍ତରେ ଥିବା ଏହି ପାହାଡ଼ରେ ପ୍ରାୟ ୫୦୦ ମିଲିୟନ ଟନ ବକ୍ସାଇଟ ଗଚ୍ଛିତ ରହିଥିବା ବେଳେ ସରକାର ଏହାକୁ ବେଦାନ୍ତ କମ୍ପାନୀ ହାତକୁ ଟେକିଦେଇଛନ୍ତି। ବେଦାନ୍ତ ପକ୍ଷରୁ ଖଣି ଖନନ ପାଇଁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ନିଜର ଭିଟାମାଟିର ସୁରକ୍ଷା ପାଇଁ ସ୍ଥାନୀୟ ଆଦିବାସୀମାନେ ଏହାକୁ ପ୍ରବଳ ବିରୋଧ କରୁଛନ୍ତି। ବେଦାନ୍ତ କମ୍ପାନୀ ବିରୋଧରେ 'ଗୋ ବ୍ୟାକ୍' ନାରା ଦେବା ସହ ସିଜିମାଳିରୁ ବକ୍ସାଇଟ ଖନନ କରିବାକୁ ଦେବୁ ନାହିଁ ବୋଲି ଆଦିବାସୀମାନେ ଅଡ଼ି ବସିଛନ୍ତି। ଖଣି ଖନନ ପାଇଁ ଜିଲ୍ଲା ପ୍ରଶାସନର ସହଯୋଗରେ କମ୍ପାନୀ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଥିବା ବେଳେ କାଶୀପୁର ବ୍ଲକର କଣ୍ଟାମାଳ ଗ୍ରାମରେ ଆନ୍ଦୋଳନକାରୀ ଓ ପୁଲିସ ମୁହାଁମୁହିଁ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ପାହାନ୍ତିଆରେ ପୁଲିସ ପକ୍ଷରୁ ବ୍ଲାଙ୍କ ଫାୟାରିଂ କରାଯିବା ପରେ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଅଞ୍ଚଳବାସୀ ନିଜର ଆତ୍ମରକ୍ଷା ପାଇଁ ଆକ୍ରମଣାତ୍ମକ ହୋଇଥିବା ବେଳେ ପୁଲିସର ପାଲଟା ଆକ୍ରମଣରେ ଏକ ଭୟଙ୍କର ତୁମୁଳକାଣ୍ଡ ଘଟିଛି। ଏହି ସଂଘର୍ଷରେ ୫୮ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିବା ବେଳେ ଆନ୍ଦୋଳନକାରୀଙ୍କ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅନୀ ମାଝୀ, ନାରିଙ୍ଗ ଦେଇ ମାଝୀ, ଲାଲି ମାଝୀ, କୁମୁଟି ମାଝୀ, ବାମଣି ମାଝୀ, ବୁରସା ମାଝୀ, ନିଙ୍ଗି ମାଝୀ, ଅଗାଧୁ ନାଏକ ଏବଂ ରାମଚନ୍ଦ୍ର ନାଏକଙ୍କ ସମେତ ଅନେକ ଗ୍ରାମବାସୀ ରହିଥିବା ସମାଜସେବୀ ପ୍ରଫୁଲ ସାମନ୍ତରା ସୂଚନା ଦେଇଛନ୍ତି। ଏନେଇ ଏସପି ସ୍ୱାତୀ ଏସ. କୁମାର କହିଛନ୍ତି ଯେ, ସୁବାସ ସିଂ ମାଝୀ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ପୁଲିସ କଣ୍ଟାମାଳ ଯାଇଥିବା ବେଳେ ପ୍ରାୟ ୨୫୦ ଲୋକ ମାରଣାସ୍ତ୍ର ଧରି ପୁଲିସକୁ ଘେରି ପଥରମାଡ଼ କରିଥିଲେ। ପରିସ୍ଥିତି ଦେଖି ପୁଲିସ ଟିୟର ଗ୍ୟାସ୍ ଛାଡ଼ିବାକୁ ବାଧ୍ୟ ହୋଇଥିଲା। ଅନ୍ୟପଟେ ଶ୍ରୀ ସାମନ୍ତରା ପୁଲିସର ଏହି ରାତି ଅଧିଆ କାର୍ଯ୍ୟାନୁଷ୍ଠାନକୁ ଦୃଢ଼ ନିନ୍ଦା କରିବା ସହ 'ସୁବାସ ସିଂ କୌଣସି ଆତଙ୍କବାଦୀ ନୁହନ୍ତି' ବୋଲି ପ୍ରକାଶ କରିଛନ୍ତି। ପୋଲିସ କମ୍ପାନୀମାନଙ୍କ ନିକଟରେ ବିକ୍ରି ହୋଇଯାଇଛି ଏବଂ ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ଆଦିବାସୀଙ୍କ ଉପରେ ଏଭଳି ଅମାନୁଷିକ କାଣ୍ଡ ଘଟିବା ଅତି ନିନ୍ଦନୀୟ ବୋଲି ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶାଗବାରି ଓ କଣ୍ଟାମାଳ ଗ୍ରାମରେ ବିଏନଏସ ୧୬୩ ଧାରା ଜାରି କରାଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଡିଆଇଜି କନବର ବିଶାଳ ସିଂ ଏବଂ ଏସପି ସ୍ୱାତୀ ଏସ. କୁମାର ଘଟଣାସ୍ଥଳରେ ରହି ତଦାରଖ କରୁଛନ୍ତି। ରାଜ୍ୟ ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଥିବା ବେଳେ ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଅଧିକ ପୁଲିସ ଫୋର୍ସ ମୁତୟନ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଅତିରିକ୍ତ ଡିଜି ସଞ୍ଜୟ କୁମାର ସୂଚନା ଦେଇଛନ୍ତି।

## ହକି ଷ୍ଟାଡିୟମ୍ ପରିଦର୍ଶନ କଲେ କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ



**ଝାରସୁଗୁଡ଼ା,୮।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଯାନ୍ତ୍ରିକ ଉପଦେଷ୍ଟା ହିମାଂଶୁ କୁମାର ବେହେରା ଆଜି ଝାରସୁଗୁଡ଼ା ଗସ୍ତ କରି ସ୍ଥାନୀୟ ହକି ଷ୍ଟାଡିୟମର ଭିତ୍ତିଭୂମି ତଦାରଖ କରିଛନ୍ତି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମି ଅନୁଧ୍ୟାନ ଅବସରରେ ସେମାନେ ଆଜି ଅପରାହ୍ନରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ କୁମାର ଆଚାର୍ଯ୍ୟଙ୍କ ସହିତ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଷ୍ଟାଡିୟମରେ ପହଞ୍ଚିବା ପରେ ଜିଲ୍ଲା ହକି ଆସୋସିଏସନ ସଭ୍ୟ ତଥା ହକି ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ନିର୍ମାଣାଧୀନ ଟର୍ଫ ଷ୍ଟାଡିୟମ ବୁଲାଇ ଦେଖାଇଥିଲେ। ଏହି ଅବସରରେ ଟର୍ଫ ପଡ଼ିଆ ନିକଟରେ ଅଭ୍ୟାସ ପାଇଁ ଏକ ସ୍ୱତନ୍ତ୍ର ପଡ଼ିଆର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ଏଠାରେ ପାଣି ବେସ୍ ବିଶିଷ୍ଟ ଟର୍ଫ ପଡ଼ିଆ ନିର୍ମାଣ ହେଲେ ଭବିଷ୍ୟତରେ ରାଜ୍ୟସ୍ତରୀୟ ଓ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନ ହୋଇପାରିବ ବୋଲି ଅତିରିକ୍ତ ସଚିବ ମତ ଦେଇଥିଲେ। ଏହାସହ ସେ ଗ୍ୟାଲେରୀ, ଖେଳାଳିଙ୍କ ବିଶ୍ରାମଗାର ଓ ରହିବା ପାଇଁ ନିର୍ମାଣ ହେଉଥିବା ଗୃହର ମଧ୍ୟ ତଦାରଖ କରିଥିଲେ। ଶ୍ରୀ ମହାନ୍ତି ଅତିରିକ୍ତ ସଚିବଙ୍କୁ ଅବଗତ କରାଇଥିଲେ ଯେ, ଜିଲ୍ଲାର ବିଭିନ୍ନ ସ୍କୁଲ ଓ କ୍ଲବର ପ୍ରାୟ ୧୧୦୦ ପିଲା ବର୍ତ୍ତମାନ ହକି ପ୍ରଶିକ୍ଷଣ ନେଉଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ କୁମାର ପୂଜାରୀଙ୍କ ସହଯୋଗରେ ୩୫ଟି ସ୍କୁଲକୁ ହକି ସରଞ୍ଜାମ ଯୋଗାଇ ଦିଆଯାଇଛି। ଅତିରିକ୍ତ ସଚିବ ପ୍ରଶିକ୍ଷକ ପ୍ରଫୁଲ କୁଲ୍ଲୁ, ଡିଫୋର ଟେଟେ ଏବଂ ଓଡ଼ିଶା ସ୍କୁଲ ଦଳର ପ୍ରତିନିଧିତ୍ୱ କରିଥିବା ବିବେକ ନାଏକ ଓ ସହିଦ ନାୟକଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ସାହିତ କରିଥିଲେ।

## କେଗାଁ-ସିନାପାଲି ରାସ୍ତା ମରାମତିରେ ଅନିୟମିତତା



**ଗୋଲାମୁଣ୍ଡା,୮।୪/ଏନ୍‌ଏନ୍‌ଏସ୍:** ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁରୁ ସିନାପାଲି ରାସ୍ତାର ଦୁରାବସ୍ଥା ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଥିଲା। ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମରାମତି ପାଇଁ ପଦକ୍ଷେପ ନିଆଯାଇଥିଲେ ହେଁ, ଏବେ ଏହି କାର୍ଯ୍ୟର ମାନକୁ ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨ କିଲୋମିଟର ୮୦୦ ମିଟର ରାସ୍ତା ମରାମତି ପାଇଁ ୩୮ ଲକ୍ଷ ଟଙ୍କାର ବଜେଟ୍ ରହିଥିବା ବେଳେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅତ୍ୟନ୍ତ ନିକୃଷ୍ଟ ମାନର ସାମଗ୍ରୀ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଦୀର୍ଘ ଦିନର ପ୍ରତୀକ୍ଷା ପରେ ରାସ୍ତା କାମ ଆରମ୍ଭ ହୋଇଥିଲେ ମଧ୍ୟ ନିର୍ମାଣ ଶୈଳୀ ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ଏଭଳି ଖାମଖିଆଲି ନୀତି ଯୋଗୁଁ ଅଳ୍ପ ଦିନ ମଧ୍ୟରେ ରାସ୍ତାଟି ପୁଣି ପୂର୍ବାବସ୍ଥାକୁ ଫେରିଯିବା ସହ ଜନସାଧାରଣଙ୍କ ଟଙ୍କା ପାଣିରେ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଏହି ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କାନନ ପ୍ରଧାନଙ୍କୁ ପଚାରିବାରୁ, ସେ ନିଜେ ଯାଇ କାର୍ଯ୍ୟର ତଦାରଖ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ତୁରନ୍ତ ସୁଧାର ନଆସେ, ତେବେ ଏହି ରାସ୍ତା ପୁଣି ଥରେ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିବ।

## ଦୁର୍ଗମ ବାଞ୍ଜିମୁଣ୍ଡା ଗ୍ରାମରେ ସ୍ୱାସ୍ଥ୍ୟ ଶିବିର



**ମ. ରାମପୁର,୮।୪/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ଅଧୀନସ୍ତ ଉର୍ଲାଦାନୀ ପଞ୍ଚାୟତର ବାଞ୍ଜିମୁଣ୍ଡା ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। 'ମୋ ଜନତା ମୋ ଶକ୍ତି' ଏବଂ 'ଅଗ୍ରୱାଲ ମେଡିକାଲ ଓ ହେଲଥ କେୟାର'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଦୁର୍ଗମ ତଥା ଆଦିବାସୀ ବହୁଳ ଅଞ୍ଚଳର ବହୁ ସଂଖ୍ୟକ ବୟସ୍କ ଓ ଅସହାୟ ବ୍ୟକ୍ତି ସ୍ୱାସ୍ଥ୍ୟ ସେବା ପାଇଛନ୍ତି। ଶିବିରରେ ମ. ରାମପୁର ଓ ଉର୍ଲାଦାନୀ ହସ୍ପିଟାଲର ଡାକ୍ତର ସମ୍ବିତ୍ କୁମାର ନାୟକ, ଡାକ୍ତର ଅଭିଷେକ ନରେନ୍ଦ୍ର ଏବଂ ଫାର୍ମାସିଷ୍ଟ ଶ୍ରୀ ଗୋପାଳ ଚନ୍ଦ୍ର ଭୋଇ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଅଗ୍ରୱାଲ ହେଲଥ କେୟାର୍‌ର ସୁମିତ ଅଗ୍ରୱାଲ, ଅମିତ ଅଗ୍ରୱାଲ ଏବଂ 'ମୋ ଜନତା ମୋ ଶକ୍ତି'ର ଆବାହକ ନୀଳମାଧବ ସିଂ ଦେଓ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଏହିଭଳି ଅନେକ ଶିବିର ଆୟୋଜନ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମିନେଶ ନାୟକ, ପ୍ରତାପ ମାଝୀ, ମନୋଜ ସା ଏବଂ ବିଡାବାରୁ, ଉର୍ଲାଦାନୀ ଓ ଲାହାଡ଼ି ଗ୍ରାମର ଯୁବକମାନେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଚିକିତ୍ସା ସେବା ପହଞ୍ଚାଇବା ପାଇଁ ହୋଇଥିବା ଏହି ଅଭିନବ ପ୍ରୟାସକୁ ଜନସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।



ବଲାଙ୍ଗୀରଠାରେ ଜିଲ୍ଲା ସାମ୍ବାଦିକ ୟୁନିଅନ୍ ତରଫରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ସାମ୍ବାଦିକ ସଦାଶିବ ସରାଫଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥିବୃନ୍ଦ

### ଖୋଲିଲା କାଳିଆ...

କାର୍ଯ୍ୟ ପାଇଁ ପ୍ରାଧିକୃତ ସଦସ୍ୟମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷ ଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ହୋଇଥିଲେ। ଗଣତି ସମ୍ପର୍କିତ ସମସ୍ତ କାର୍ଯ୍ୟ କାହା ଆଗରେ ପ୍ରକାଶ ନକରିବା ପାଇଁ ତଥା ଗୁପ୍ତ ରଖିବା ପାଇଁ ପ୍ରତ୍ୟେକ ସଦସ୍ୟଙ୍କ ଠାରୁ ଅଣ୍ଡର ଟେକିଙ୍ଗ୍ ନିଆଯାଇଥିଲା। ପରେ ପାରମ୍ପରିକ ପୋଷାକ ପିନ୍ଧି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ରତ୍ନଭଣ୍ଡାର ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ପୁରୀ ଜିଲ୍ଲାପାଳ, ଏସପି, ଛତିଶା ନିଯୋଗ ନାୟକ, ରତ୍ନଭଣ୍ଡାର ସବ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ମହାପ୍ରଭୁଙ୍କ ସକାଳ ଧୂପ ନୀତି ପରେ ରତ୍ନଭଣ୍ଡାରରେ ପ୍ରବେଶ କରିଥିଲେ। ସମସ୍ତେ ପୂର୍ବାହ୍ନ ୧୦.୩୦ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୧୧.୫୫ ମିନିଟରେ ଚଳନ୍ତି ରତ୍ନଭଣ୍ଡାର ଖୋଲାଯାଇଥିଲା। ଚଳନ୍ତି ରତ୍ନଭଣ୍ଡାରରୁ ଭଣ୍ଡାର ମେକାପ ଯୋଗାଉଥିବା ଅଳଙ୍କାର ଆଦିର ଆଜିର ଗଣତି ପ୍ରକ୍ରିୟାରେ ସାମିଲ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନମାପ ଅଧିକାରୀ ସଦସ୍ୟବୃନ୍ଦଙ୍କ ଯାଞ୍ଚ ପୂର୍ବକ ସଠିକ୍ ଢଙ୍ଗରେ ସମସ୍ତ ପ୍ରକ୍ରିୟା ଆରମ୍ଭ ଦିନ ପରି ସଂପାଦନ ସହ ଗଣତି ଅଳଙ୍କାର ଗୁଡ଼ିକର ଫୋଟୋଗ୍ରାଫି, ଭିଡିଓଗ୍ରାଫି ସହ ଇ - କାଟାଲଗ କରାଯାଇଥିଲା। ଆଜିର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ବନ୍ଦ କରାଯାଇ ମୁଦ ଦିଆଯାଇଥିଲା। ଉକ୍ତ ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମରେ ସୁରକ୍ଷିତ ଭାବେ ରଖାଯାଇଥିଲା। ଏଠାରେ ସୂଚନା ଥାଉକି ରତ୍ନଭଣ୍ଡାର ଗଣତି ସମ୍ପର୍କିତ ବୈଠକରେ ଆଲୋଚିତ ନିଷ୍ପତ୍ତି ଅନୁଯାଇ ଶନିବାର ଦିନ ମଧ୍ୟ ରତ୍ନ ଭଣ୍ଡାର କାର୍ଯ୍ୟ ଚାଲୁ ରହିବ। ପରବର୍ତ୍ତୀ ସମୟରେ ଭିତର ଚନ୍ଦନ ଯାତ୍ରା ସମୟରେ ଯେତିକି ସମୟ ମିଳିବ ଶ୍ରୀମନ୍ଦିର କମାଣ୍ଡରଙ୍କ ଠାରୁ ପରାମର୍ଶ ତଥା ଛତିଶା ନିଯୋଗଙ୍କ ସହ ଆଲୋଚନା କରି ରତ୍ନଭଣ୍ଡାର ଗଣତି କାର୍ଯ୍ୟ ଚାଲୁରହିବ।

### ପେଟ୍ରୋଲ୍ ପମ୍ପରେ...

ଏଜେନ୍ସି କଳାବଜାରୀ କରିବେ, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାଛଡ଼ା ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ଦିଆଯାଉଛି, ସେଇଠୁ ବି ଗ୍ରାହକ ନେଇପାରିବେ। ରିଫିଲ ପାଇଁ କୌଣସି ଦୈନିକ କଟକଣା ନାହିଁ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ସେହିପରି ଆଇଓସିଏଲ ମୁଖ୍ୟ କମଲ ସିଲ କହିଛନ୍ତି, ରାଜ୍ୟରେ ଏଲପିଜିର ଅଭାବ ନାହିଁ। ପ୍ରଚୁର ପରିମାଣରେ ଗ୍ୟାସ ଷ୍ଟକ୍ ଅଛି। ସମଗ୍ର ଦେଶରେ କୌଣସି ପ୍ରକାର ସଂକଟ ହେବ ନାହିଁ। ହୋମ ଡେଲିଭେରୀ ଚାଲିଛି, ବୁକିଂ ପରେ ୫ ରୁ ୬ ଦିନ ଭିତରେ ଘରେ ପହଞ୍ଚୁଛି ଗ୍ୟାସ ସିଲିଣ୍ଡର। ସେ ଆହୁରି କହିଛନ୍ତି ୫ କେଜି ସିଲିଣ୍ଡରର କୌଣସି ଅଭାବ ନାହିଁ। ଆଇଡି କାର୍ଡ ଦେଖାଇ କ୍ୟାମ୍ପ ଓ ପେଟ୍ରୋଲ ପମ୍ପରୁ ଛାତ୍ରଛାତ୍ରୀ, ଦିନ ମଜୁରିଆ ଗ୍ୟାସ ନେଇପାରିବେ। କଲେଜ, ଶିଳ୍ପାଞ୍ଚଳ ଓ ବିଭିନ୍ନ ସ୍ଥାନରେ କ୍ୟାମ୍ପ ଲଗାଇ ଛୋଟ ସିଲିଣ୍ଡର ବଣ୍ଟନ ବ୍ୟବସ୍ଥା କରାଯାଇଛି। ପ୍ଲାଣ୍ଟରେ ପୂର୍ବରୁ ଗ୍ୟାସ ରିଫିଲ୍ କରି ମହଜୁତ ରଖାଯାଇଛି, ଡୋମେଷ୍ଟିକ୍ ଗ୍ୟାସ ଯୋଗାଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର...

ଏଯାବତ୍ ୫ ଜଣ ଗିରଫ ହୋଇଥିବା ବେଳେ ଏଥିରେ ଆଉ କୌଣସି ସରକାରୀ ଚାକିରିଆଙ୍କ ସମ୍ପୃକ୍ତି ରହିଛି ନା ନାହିଁ, ସେ ଦିଗରେ ଭିଜିଲାନ୍ସ ତଦନ୍ତ କରୁଛି।

### ୨ ସପ୍ତାହ ପାଇଁ...

ଦ୍ୱାରା ଆମେରିକା ପକ୍ଷରୁ ଇରାନ୍ ଉପରେ ଲାଗୁ କରିଥିବା କଟକଣାକୁ କୋହଳ କରିବା ଉପରେ ବିଚାର କରିପାରେ।

**ଲାଭାନ୍ ଦ୍ୱୀପ ସହ ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ, ଜବାବରେ ହର୍ମୁଜ୍ ପ୍ରଣାଳୀକୁ ପୁଣି ବନ୍ଦ କଲା ଇରାନ୍**

ଏବେ ହର୍ମୁଜ୍ ଖୋଲିବା ଆଶା ଉଜ୍ଜୀବିତ ହୋଇଛି। ବିଭିନ୍ନ ଦେଶଗୁଡ଼ିକ ଏବେ ନିଜ ନିଜ ତୈଳ ଟ୍ୟାଙ୍କର ଏବଂ ଏଲ୍‌ପିଜି ଟ୍ୟାଙ୍କରଗୁଡ଼ିକୁ ହର୍ମୁଜ୍ ମାର୍ଗରେ ବାହାର କରିବା ପାଇଁ ଚଳଚଞ୍ଚଳ ହୋଇଉଠିଛନ୍ତି। କିନ୍ତୁ ଠିକ୍ ଏହି ସମୟରେ ଇସ୍ରାଏଲ୍ ପୁଣିଥରେ ଏକ ବଡ଼ ଆକ୍ରମଣ କରି ସଞ୍ଚାର ହୋଇଥିବା ସାମାନ୍ୟ ଆଶାକୁ ଧୂଳିସାତ୍ କରିଦେଇଛି। ରିପୋର୍ଟ ଅନୁସାରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ହେବାର କିଛି ଘଣ୍ଟା ମଧ୍ୟରେ ଇସ୍ରାଏଲ୍ ଲେବାନନ୍ ଉପରେ ଭୟଙ୍କର ଆକ୍ରମଣ କରିଛି। ଇସ୍ରାଏଲ୍‌ର ଏହି ଆକ୍ରମଣରେ ପ୍ରାୟ ୯୦ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ଇସ୍ରାଏଲ୍ କହିଛି ଯେ, ଆମେରିକା ଏବଂ ଇରାନ୍ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ସମ୍ପର୍କରେ ଏହାକୁ ଅନ୍ଧାରରେ ରଖାଯାଇଥିଲା। ଏତଦ୍‌ବ୍ୟତୀତ ଏହି ଯୁଦ୍ଧବିରତିରେ ଲେବାନନ୍ ଏବଂ ହିଜ୍‌ବୁଲ୍ଲାକୁ ସାମିଲ କରାଯାଇନଥିବାରୁ ଇସ୍ରାଏଲ୍ ଲେବାନନ୍ ଏବଂ ହିଜବୁଲ୍ଲା ସଂଗଠନ ଉପରେ ଆକ୍ରମଣ ଜାରି ରଖିବ। କେବଳ ସେତିକି ନୁହେଁ ଇସ୍ରାଏଲ୍ ଯୁଦ୍ଧ ବିରତି ସତ୍ତ୍ୱେ ଇରାନ୍‌ର ଲାଭାନ୍ ଦ୍ୱୀପରେ ମଧ୍ୟ ଆକ୍ରମଣ କରିଛି। ଆକ୍ରମଣରେ ଦ୍ୱୀପରେ ଥିବା ଏକ ବଡ଼ ତୈଳ ବିଶୋଧନାଗାର ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି। ତେବେ ଇସ୍ରାଏଲର ଏପ୍ରକାର ଆକ୍ରମଣର ଜବାବରେ ଇରାନ୍ ପୁଣିଥରେ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେଇଥିବା ସୂଚନା ମିଳିଛି।

ସ୍ୱାସ୍ଥ୍ୟ

# ଗର୍ଭାବସ୍ଥା ଓ କୋଷ୍ଠକାଠିନ୍ୟ ସମସ୍ୟା

ଗର୍ଭାବସ୍ଥା ସମୟରେ କୋଷ୍ଠକାଠିନ୍ୟ ସମସ୍ୟା ଏକ ସାଧାରଣ ଘଟଣା ଯେଉଁଥିରେ ଅନେକ ମହିଳା ଗ୍ରସ୍ତ ହୁଅନ୍ତି। ଏହାର ଅନେକ କାରଣ ଥାଏ ଯେପରି ଗର୍ଭାବସ୍ଥା ସମୟରେ ଶରୀରରେ ପ୍ରୋଜେଷ୍ଟେରୋନ୍ ହର୍ମୋନ୍ ବୃଦ୍ଧି ପାଏ। ଏହା ଆନ୍ତଗୁଡ଼ିକର ମାଂସପେଶୀକୁ ଢ଼ିଲା କରିଦିଏ। ଏହି କାରଣରୁ ଖାଦ୍ୟ ହଜମ ହୋଇ ମଳତ୍ୟାଗ କରିବା ପାଇଁ ଅଧିକ ସମୟ ଲାଗିଯାଏ। ଏହା ବ୍ୟତୀତ ଗର୍ଭାବସ୍ଥା ସମୟରେ ବୃଦ୍ଧି ପାଉଥିବା ପେଟର ଚାପ ଆନ୍ତଗୁଡ଼ିକର ଗତିକୁ ଧିମା କରିଦିଏ। କିଛି ମହିଳାଙ୍କ ମଧ୍ୟରେ ଲୋ-ଫାଇବର୍ ଡାଏଟ୍, ପର୍ଯ୍ୟାପ୍ତ ପରିମାଣରେ ପାଣି ନ ପିଇବା ବା ବହୁତ ଅଧିକ କ୍ୟାଫିନ୍ (କଫି ବା ଚା’) ନେବା କୋଷ୍ଠକାଠିନ୍ୟର କାରଣ ହୋଇଥାଏ। କେବେ କେବେ ଡାକ୍ତରମାନେ ଦେଇଥିବା ଆୟରନ୍ ଟାବ୍‌ଲେଟ୍ ମଧ୍ୟ କୋଷ୍ଠକାଠିନ୍ୟ ସମସ୍ୟା ବୃଦ୍ଧି କରିଦିଏ। ତେଣୁ ମହିଳାମାନେ କିଛି ଘରୋଇ ଉପାୟକୁ ଫଲୋ କରି କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିପାରିବେ।



- ଏଥିପାଇଁ ଆବଶ୍ୟକ ଖାଦ୍ୟରେ ପରିବର୍ତ୍ତନ ଓ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା। ତେଣୁ ଦିନସାରା ଅତି କମ୍‌ରେ ୮-୧୦ ଗ୍ଲାସ୍ ପାଣି ପିଇବା ଉଚିତ।
- ଅତ୍ୟଧିକ ଚା’ କିମ୍ବା କଫି ନ ପିଇଲେ ଭଲ। କାରଣ ଏହା ଶରୀରକୁ ଡିହାଇଡ୍ରେଟ୍ କରିପାରେ ଓ କୋଷ୍ଠକାଠିନ୍ୟ ସମସ୍ୟା ବୃଦ୍ଧି ପାଇପାରେ।
- ହାଲୁକା ଖାଦ୍ୟ ଓ ସହଜରେ ହଜମ ହୋଇପାରୁଥିବା ଖାଦ୍ୟର ସେବନ କରନ୍ତୁ ଯଥା- ଗୋଟାଶସ୍ୟ, ଡ଼ାଲି, ଶାଗ, ଋତୁଜନିତ ଫଳ ଓ ତାଜା ପରିବା। ସବୁବେଳେ ତାଜା ଓ ଗରମ ଖାଦ୍ୟ ଖାଇବା ଉଚିତ।
- ଏହା ସହିତ ହାଲୁକା ବ୍ୟାୟାମ ବା ଅଳ୍ପ ରାସ୍ତା ଚାଲିବା ଦ୍ୱାରା ଆନ୍ତଗୁଡ଼ିକର ଗତି ବୃଦ୍ଧି ହେବାରେ ସାହାଯ୍ୟ ମିଳେ।
- ଶୌଚାଳୟର ସମୟ ନିୟମିତ କରିବାକୁ ଚେଷ୍ଟା କରନ୍ତୁ। ସକାଳୁ ଉଠି ବା ଖାଇବା ପରେ ଶୌଚାଳୟ ଯିବା ଆବଶ୍ୟକ। ଶରୀର ଉପରେ ଅତିରିକ୍ତ ଚାପ ପକାଇବା କିମ୍ବା ଜୋର୍ ଲଗାଇବା ଅନୁଚିତ।



ଯଦି ଘରୋଇ ଉପାୟରୁ ଆରାମ ମିଳୁନାହିଁ ତେବେ କିଛି ଆୟୁର୍ବେଦିକ ଉପାୟ ଆପଣଙ୍କୁ ସାହାଯ୍ୟ କରିପାରେ ଯେପରି ତ୍ରିଫଳା ଚୂର୍ଣ୍ଣ କିମ୍ବା ଅଭିପତ୍ତିକର ଚୂର୍ଣ୍ଣ। ଦୁଇ ଗ୍ରାମ୍ ତ୍ରିଫଳା ଚୂର୍ଣ୍ଣକୁ ଗରମ ପାଣି ସହିତ ରାତିରେ ଶୋଇବା ପୂର୍ବରୁ ପିଇପାରିବେ। ଅଭିପତ୍ତିକର ଚୂର୍ଣ୍ଣକୁ ଦିନରେ ଦୁଇ ଥର ଦୁଇ ଗ୍ରାମ୍ ଲେଖାଏଁ ନେଇହେବ। ଏହି ଉପାୟଗୁଡ଼ିକ ପାଚନ ପ୍ରକ୍ରିୟାରେ ସୁଧାର ଆଣିବା ସହିତ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେବେ। ମଳତ୍ୟାଗ ସମୟରେ ଯଦି ଅଧିକ ଯନ୍ତ୍ରଣା ବା ବ୍ୟଥା ହେଉଛି, ରକ୍ତ ବାହାରୁଛି ଓ ଏହି ସମସ୍ୟା ଯଦି ଦୀର୍ଘ ସମୟ ଧରି ରହିଥାଏ ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। କେବେ କେବେ ଏହା ଗମ୍ଭୀର ସ୍ଥିତିର ସଂକେତ ବି ହୋଇପାରେ।

ଖାଦ୍ୟଶାଳ

# ଚିକେନ୍ ମହାରାନୀ

**ଆବଶ୍ୟକୀୟ ସାମଗ୍ରୀ**-ଚିକେନ୍-୧ କି.ଗ୍ରା, ବଡ଼ ପିଆଜ-୪ଟି (ସ୍ଲାଇସ୍‌ରେ କାଟିବେ), ଅଦା-ରସୁଣ ପେଷ୍ଟ-୧ ଚାମଚ, ଦହି-ଅଧା କପ୍, ତାଜା ମଲାଇ ଓ କ୍ରିମ୍-୨ ଚାମଚ, ଲାଲ୍ ଲଙ୍କା-୬ଟି, ଲବଙ୍ଗ-୫ଟି, ଗୁଜୁରାତି-୩ଟି, ବଡ଼ ଗୁଜୁରାତି-୧ଟି, ଡ଼ାଲଚିନି-୧ ଖଣ୍ଡ, ଜାଭିତ୍ରୀ-୧ ଖଣ୍ଡ, ଜିରା-ଅଧା ଚାମଚ, ଖଦଡ଼ କରି ପେଷା ଯାଇଥିବା ଗୋଲମରିଚ-୧ ଚାମଚ, ଗୋଟିଏ ଲେମ୍ବୁ ରସ, କସୁରୀ ମେଥି-୧ ଚାମଚ, ଗୋଟା ଧଣିଆ-୧ ଚାମଚ, ଆଲ୍‌ମଣ୍ଡ-୬ଟି, କାଜୁ-୬ଟି, ସୋରିଷ ତେଲ-୧ କପ୍, କଞ୍ଚା ଲଙ୍କା-୪ଟି (ମଝିରୁ କଟାଯିବ), ଧଣିଆ ପତ୍ର- ୧ ଚାମଚ।



**ପ୍ରଣାଳୀ**-ଚିକେନ୍‌କୁ ଖୁବ୍ ଭଲ ଭାବରେ ଧୋଇଦେବେ। ଏକ ପାତ୍ରରେ ଏହାକୁ ରଖି ମ୍ୟାରିନେଟ୍ କରିବା ପାଇଁ ଅଦା-ରସୁଣ ପେଷ୍ଟ ୧ ଚାମଚ, ଗୋଲମରିଚ ଗୁଣ୍ଡ, ଲୁଣ ଓ ଲେମ୍ବୁ ରସ ପକାଇ ମିଶେଇ ଦିଅନ୍ତୁ। ଏବେ ଏହାକୁ ଏକ ଘଣ୍ଟା ଘୋଡ଼େଇ ରଖିଦେବେ। ଗୋଟା ମସଲାଗୁଡ଼ିକୁ ଧିମା ଆଞ୍ଚରେ ଭାଜନ୍ତୁ। ଏହା ସହିତ କାଜୁ ଓ ଆଲ୍‌ମଣ୍ଡ ପକାଇ ହାଲୁକା ଭାଜି ପେଷି ଦିଅନ୍ତୁ। ଏକ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ପିଆଜ ପକାଇ ଭାଜିବେ। ବାଦାମୀ ରଙ୍ଗ ହେବା ପରେ ମ୍ୟାରିନେଟ୍ ହୋଇଥିବା ଚିକେନ୍‌କୁ ସେଥିରେ ପକାଇ ୫-୭ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଚିକେନ୍‌ରୁ ପାଣି ଶୁଖିବା ପର୍ଯ୍ୟନ୍ତ ଭଜାଯିବ। ଅଳ୍ପ ଭାଜି ହେବା ପରେ ଏଥିରେ ଦହି ଢ଼ାଳନ୍ତୁ ଓ ଏହା ସହିତ ଭଜା ଯାଇଥିବା ମସଲାଗୁଣ୍ଡକୁ ଏଥିରେ ପକାଇବେ। ଏବେ ସବୁ ମସଲାକୁ ମିଶାଇ ୫ ମିନିଟ୍ ପର୍ଯ୍ୟନ୍ତ ଚିକେନ୍‌କୁ ଭାଜିବେ। ଭାଜି ହେବା ପରେ ଦୁଇ କପ୍ ପାଣି ଦେଇ ଘୋଡ଼େଇ ଦେବେ। ପାଞ୍ଚ ମିନିଟ୍ ସିଝିବା ପାଇଁ ଛାଡ଼ି ଦିଅନ୍ତୁ। ଗ୍ୟାସ୍ ବନ୍ଦ କରି ମଲାଇକୁ ଖୁବ୍ ଭଲ ଭାବରେ ଫେଣ୍ଟି ଏଥିରେ ପକେଇବେ। କଞ୍ଚା ଲଙ୍କା ଓ ଧଣିଆ ପତ୍ର ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ୍ ମହାରାନୀ। ଏହାକୁ ରୁଟି, ନାନ୍ ବା ଭାତ ସହିତ ଖାଇବାକୁ ଦିଅନ୍ତୁ।

ଦୁର୍ବଳ, ଗରିବ ଓ ଅଭାବୀ ଲୋକମାନଙ୍କ ଜୀବନକୁ ଉନ୍ନତମାନର କରାଇବା ପାଇଁ, ସାମାଜିକ ଅନ୍ୟାୟଗୁଡ଼ିକ ସହିତ ଲଢ଼ିବା ପାଇଁ ଓ ସାମୁଦାୟିକ କଲ୍ୟାଣ ପାଇଁ ସମାଜସେବୀମାନେ କାମ କରନ୍ତି। ଗରିବ ଓ ନିଃସହାୟ ଲୋକ, କିଛି ପରିବାର ଓ ସମୁଦାୟଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ସହିତ ଲଢ଼ିବା ପାଇଁ ସେମାନଙ୍କୁ ସାହାଯ୍ୟ କରନ୍ତି ଏହି ସମାଜସେବୀମାନେ। ଏହା ସହିତ ସ୍ୱାସ୍ଥ୍ୟ, ଶିକ୍ଷା ଓ ମାନବାଧିକାରଗୁଡ଼ିକ ପାଇଁ ମଧ୍ୟ ସମାଜରେ ସଂଘର୍ଷ କରନ୍ତି। ଏମାନଙ୍କର ପ୍ରମୁଖ ଭୂମିକାଗୁଡ଼ିକ ମଧ୍ୟରେ ରହିଛି-ଭାବନାତ୍ମକ ଓ ମାନସିକ ସ୍ୱାସ୍ଥ୍ୟ ମୁଦ୍ଦାଗୁଡ଼ିକ ପାଇଁ ପରାମର୍ଶ, ସରକାରୀ ଯୋଜନା, ଭୋଜନ, ଆବାସ ଓ ସ୍ୱାସ୍ଥ୍ୟସେବା ସହିତ ଲୋକମାନଙ୍କୁ ଯୋଡ଼ିବା, ମାନବାଧିକାର, ସମାନତା ଓ ସାମାଜିକ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରିବା, ପାରିବାରିକ କଳହ, ଦୁର୍ବ୍ୟବହାର ବା ଅନ୍ୟ କୌଣସି ବିପଦ ସମୟରେ ତୁରନ୍ତ ସାହାଯ୍ୟ ପ୍ରଦାନ କରିବା। ସମାଜସେବୀମାନେ ମୁଖ୍ୟତଃ ଲୋକମାନଙ୍କୁ ସଶକ୍ତ କରାଇ ସାମାଜିକ ନ୍ୟାୟ ଓ ମାନବୀୟ ଅଧିକାରଗୁଡ଼ିକ ସହିତ ପରିଚିତ କରାଇ ଥାଆନ୍ତି। ଏହିପରି ଜଣେ ସମାଜସେବୀ ହେଉଛନ୍ତି ୱିନି ସିଂହ ଯିଏ ବୃନ୍ଦାବନର ବେସାହାରା ମା’ମାନଙ୍କୁ ସାହାରା ଦେଇ ସେମାନଙ୍କୁ ଥଇଥାନର ବ୍ୟବସ୍ଥା କରିଛନ୍ତି।



# ୱିନି ସିଂହ

ୱିନି ସିଂହ ଏପରି ଜଣେ ସମାଜସେବୀ ଯିଏ ନିଜ ଜୀବନକୁ ସେହି ମହିଳାମାନଙ୍କ ପାଇଁ ସମର୍ପିତ କରିଦେଇଛନ୍ତି ଯେଉଁମାନଙ୍କୁ ସମାଜ ଭୁଲିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଶେଷ କରି ବୃନ୍ଦାବନ ଧାମର ବେସାହାରା ଓ ବିଧବାମାନଙ୍କ ପାଇଁ ସେ ଆଶାର ନୂଆ କିରଣ ହୋଇ ଉଭା ହୋଇଛନ୍ତି। ୨୦୦୫ରେ ୱିନି ସିଂହ ‘ମୈତ୍ରୀ ଘର’ ନାମକ ଏକ ଆଶ୍ରମର ଆରମ୍ଭ କରିଥିଲେ ଯେଉଁଥିରେ ସେ ଶହ ଶହ ମହିଳାଙ୍କୁ ଆଶ୍ରୟ ଦେବା ସହିତ ସେମାନଙ୍କ ପାଇଁ ଭୋଜନ ବ୍ୟବସ୍ଥାର ସୁବନ୍ଦୋବସ୍ତ କରିଛନ୍ତି। କେବଳ ଏତିକି ନୁହେଁ, ଭାବନାତ୍ମକ ସ୍ତରରେ ମଧ୍ୟ ସେମାନଙ୍କୁ ସହଯୋଗ ପ୍ରଦାନ କରାଯାଉଛି। କୌଣସି ବିଧବା ଯେପରି ଏକାକୀ ନରହିବେ ଏହା ହେଉଛି ତାଙ୍କ ମିଶନର ଲକ୍ଷ୍ୟ। ‘ମୈତ୍ରୀ ଘର ବିଧବା ଆଶ୍ରମ’ର ଫାଉଣ୍ଡର ୱିନି ସିଂହ ଶହ ଶହ ମହିଳାଙ୍କୁ କେବଳ ରହିବା ପାଇଁ ଛାତ ଦେଇନାହାନ୍ତି ସେମାନଙ୍କୁ ସମ୍ମାନ ଓ ଆତ୍ମ-ସମ୍ମାନର ସହିତ ବଞ୍ଚିବା ପାଇଁ ସୁଯୋଗ ପ୍ରଦାନ କରିଛନ୍ତି।

କୌଣସି ବ୍ୟକ୍ତି ପାଇଁ ତା’ ଜୀବନର ସବୁଠାରୁ ଜରୁରୀ ତତ୍ତ୍ୱ ହେଉଛି ତା’ର ସମ୍ମାନ ଓ ସୁରକ୍ଷା। ଏହି ଚିନ୍ତାଧାରା ମହିଳାମାନଙ୍କ ପାଇଁ କାମ କରିବାକୁ ତାଙ୍କୁ ପ୍ରେରଣା ଯୋଗେଇଥିଲା ବିଶେଷ କରି ଯେଉଁ ମହିଳାମାନଙ୍କୁ ପରିବାର ଓ ସମାଜ ଦୁଇଟି ସାରା କ୍ଷେତ୍ର ଅବହେଳିତ ବୋଲି ମନେ କରୁଥିଲା। ବୃନ୍ଦାବନରେ ଏପରି ଅନେକ ମହିଳା ଅଛନ୍ତି ଯେଉଁମାନଙ୍କୁ ନିଜ ଘରଲୋକ ଆପଣାଇବା ପାଇଁ ମନା କରୁଛନ୍ତି ଓ ସେମାନେ ମନ୍ଦିର କିମ୍ବା ରାସ୍ତା ଉପରେ ରହିବା ପାଇଁ ବାଧ୍ୟ ହେଉଛନ୍ତି। ଏପରି ସ୍ଥଳେ ୱିନି ସିଂହ ନା କେବଳ ସେହି ମହିଳାମାନଙ୍କୁ ଆଶ୍ରୟ ଦେଉଛନ୍ତି ସେମାନଙ୍କୁ ଏକ ନୂଆ ପରିବାର ଓ ସାହାରା ମଧ୍ୟ ମିଳୁଛି। ସେ ସ୍ଥାପନା କରିଥିବା ମୈତ୍ରୀ ଘର ବିଧବା ଆଶ୍ରମରେ ଆଜି ଶହ ଶହ ମହିଳା ସୁରକ୍ଷିତ ପରିବେଶରେ ରହୁଛନ୍ତି। ସେମାନଙ୍କୁ ଭୋଜନ, ଔଷଧ, ବସ୍ତ୍ର ଓ ଜରୁରୀ ସୁବିଧାଗୁଡ଼ିକ ମିଳିବା ସହିତ ସେମାନଙ୍କୁ ମାନସିକ ଓ ଭାବନାତ୍ମକ ସାହାଯ୍ୟ ବି ପ୍ରଦାନ କରାଯାଉଛି। କେବଳ ଯେ ସେହି ମହିଳାମାନଙ୍କୁ ସେ ଏହିପରି ଭାବରେ ସାହାଯ୍ୟ କରୁଛନ୍ତି ତାହା ନୁହେଁ ସେମାନଙ୍କୁ ପୁଣି ଥରେ ଆତ୍ମବିଶ୍ୱାସର ସହିତ ବଞ୍ଚିବା ପାଇଁ ଶକ୍ତି ମଧ୍ୟ ଯୋଗଉଛନ୍ତି ୱିନି ସିଂହ। କୌଣସି ବିଧବା ମହିଳା ନିଜ ଜୀବନର ଶେଷ ବର୍ଷଗୁଡ଼ିକରେ ଏକାକୀ, ଭୋକିଲା ବା ଅସହାୟ ଅନୁଭବ ନକରନ୍ତୁ ଏହା ତାଙ୍କର ଲକ୍ଷ୍ୟ।

୨୦୦୫ରେ ୱିନି ସିଂହ ଆରମ୍ଭ କରିଥିଲେ ମୈତ୍ରୀ ସଂସ୍ଥା। ପ୍ରାରମ୍ଭିକ ସମୟରେ ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ୟୁନିଫର୍ମଡ୍ ସର୍ଭିସେସ୍‌ର ଏଚ୍‌ଆଇଭି/ଏଡ୍‌ସ ବିରୁଦ୍ଧରେ ସଚେତନତା ସୃଷ୍ଟି କରାଇବା ଓ ସହଯୋଗାତ୍ମକ ନେଟ୍‌ୱର୍କର ସ୍ଥାପନା କରିବା। ସେ ସମୟରେ ମୈତ୍ରୀ ମେଘାଳୟର ଶିଲଂ ଠାରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ପରେ ଦିଲ୍ଲୀର ବସ୍ତି କ୍ଷେତ୍ରରେ ଘରୋଇ ହିଂସାକୁ ରୋକିବା ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସହିତ ଜଡ଼ିତ ମୁଦ୍ଦା ଉପରେ ବି କାମ କରିଥିଲା। କିନ୍ତୁ ୨୦୦୮ରେ ୱିନି ସିଂହ ଓ ତାଙ୍କ ଦଳକୁ ବୃନ୍ଦାବନ ଧାମରେ ଏକ ବହୁତ ସମ୍ବେଦନଶୀଳ ଓ ଉପେକ୍ଷିତ ସମୁଦାୟ ସହିତ ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଧବାମାନଙ୍କୁ ଲୋକମାନେ ଘରୁ ବାହାର କରିଦେଇଥିଲେ। ଅନେକ ମହିଳା ମନ୍ଦିର ଓ ରାସ୍ତା କଡ଼ରେ ବସି ଭିକ୍ଷା ମାଗି ଜୀବନ ଅତିବାହିତ କରିବାର ସେମାନେ ଦେଖିଥିଲେ। ଏହି ଯନ୍ତ୍ରଣାଦାୟକ ସ୍ଥିତିକୁ ଦେଖିବା ପରେ ୱିନି ସିଂହ ନିଷ୍ପତ୍ତି ନେଇଥିଲେ ଯେ ଏହି ମହିଳାମାନଙ୍କୁ କେବଳ ସାହାଯ୍ୟର ଆବଶ୍ୟକତା ନାହିଁ, ସମ୍ମାନର ସହିତ ଜୀବନ ଜିଇଁବାର ଅଧିକାର ମିଳିବା ଉଚିତ। ଏହି ଚିନ୍ତାଧାରା ସହିତ ବୃନ୍ଦାବନରେ ‘ମୈତ୍ରୀ ଘର ବିଧବା ଆଶ୍ରମ’ର ସ୍ଥାପନା କରାଯାଇଥିଲା। ଆଜି ମୈତ୍ରୀ ଘର କେବଳ ଏକ ଆଶ୍ରମ ହୋଇ ରହିନାହିଁ ଏକ ନୂଆ ଜୀବନର ପ୍ରାରମ୍ଭର ସ୍ଥାନ ହୋଇସାରିଲାଣି। ଏ ସମୟରେ ଆଶ୍ରମରେ ୧୩୦ରୁ ଅଧିକ ମହିଳା ରହୁଛନ୍ତି। ୩୦୦ ମହିଳାଙ୍କୁ ପ୍ରତିଦିନ ଭୋଜନ, କ୍ଷୀର, ଫଳ ଓ ବସ୍ତ୍ର ପରି ଜରୁରୀ ଆବଶ୍ୟକତାଗୁଡ଼ିକର ସୁବିଧା ମିଳୁଛି। ପ୍ରତି ମାସରେ ହଜାର ହଜାର ବିଧବାଙ୍କ ପର୍ଯ୍ୟନ୍ତ ଭୋଜନ ଓ ଜରୁରୀ ସାହାଯ୍ୟ ପହଞ୍ଚା ଯାଉଛି। ସେ ଆଶ୍ରମରେ ରହୁଥିବା ମହିଳାମାନେ ପ୍ରାୟତଃ ମନ୍ଦିର ଓ ରେଳ ଷ୍ଟେସନରେ ରହୁଥିଲେ କିନ୍ତୁ ମୈତ୍ରୀରେ ସେମାନଙ୍କୁ ଏକା ସହିତ ରହିବା ଓ ସୁରକ୍ଷା ବ୍ୟବସ୍ଥାର ସୁବିଧା ପ୍ରଦାନ କରାଯାଇଛି।

‘ମୈତ୍ରୀ ଘର’ର ଉଦ୍ଦେଶ୍ୟ କେବଳ ଭୋଜନ ଓ ରହିବା ବ୍ୟବସ୍ଥା ପ୍ରଦାନ କରିବା ନୁହେଁ। ଏହି ସଂସ୍ଥା ମହିଳାମାନଙ୍କୁ ଭାବନାତ୍ମକ ସ୍ତରରେ ସାହାଯ୍ୟ କରିବା, ଏହି ସମୁଦାୟକୁ ସମ୍ମାନ ଦେବା ଓ ସେମାନଙ୍କର ଆତ୍ମସମ୍ମାନକୁ ଫେରାଇ ଆଣିବା ଉପରେ ମଧ୍ୟ କାମ କରୁଛି। କୌଣସି ମଣିଷ ପାଇଁ ସବୁଠାରୁ ଜରୁରୀ ଆବଶ୍ୟକତା ହେଉଛି ସମ୍ମାନର ସହିତ ବଞ୍ଚିବାର ଅଧିକାର। ଏହି ଚିନ୍ତାଧାରା ସହିତ ବିଗତ ଦୁଇ ଦଶକ ହେଲାଣି ୱିନି ସିଂହ ସାମାଜିକ କାର୍ଯ୍ୟରେ ସକ୍ରିୟ ହୋଇ ରହିଛନ୍ତି। ଏହା ବ୍ୟତୀତ ତାଙ୍କର ପବ୍ଲିକ୍ ହେଲ୍‌ଥ, ବୟସ୍କମାନଙ୍କର ଯତ୍ନ ଓ ଜେଣ୍ଡର ଇକ୍ୱିଟି କ୍ଷେତ୍ରରେ ୨୦ ବର୍ଷର ଅନୁଭବ ରହିଛି। ସେ ଜଣେ ମାନ୍ୟତାପ୍ରାପ୍ତ ପାଷ୍ଟ ଲାଇଫ୍ ରିଗ୍ରେସନ୍ ଥେରାପିଷ୍ଟ ଓ କନ୍ସିୟସ୍ ଏଜିଂ ପରି ବିଷୟଗୁଡ଼ିକ ଉପରେ ଜଣେ ବକ୍ତା ଭାବରେ ମଧ୍ୟ ସେ ବେଶ୍ ଜଣାଶୁଣା। ଏହି ସଂସ୍ଥାକୁ ଆଗକୁ ବଢ଼େଇବା ପାଇଁ ୱିନି ସିଂହ କ୍ରାଉଡ୍ ଫଣ୍ଡିଂ ପ୍ଲାଟ୍‌ଫର୍ମ ‘ମିଲାପ୍’ ମାଧ୍ୟମରେ ଲୋକମାନଙ୍କ ଠାରୁ ସହଯୋଗ ଜୁଟେଇବା ଆରମ୍ଭ କରିଛନ୍ତି। ଏହି ପ୍ରାରମ୍ଭ ସାହାଯ୍ୟରେ ସାଧାରଣ ଲୋକମାନେ ବିଧବାମାନଙ୍କୁ ସିଧା ଉପାୟରେ ସାହାଯ୍ୟ କରିପାରିବେ। ୱିନି ସିଂହ ଓ ତାଙ୍କ ସହଯୋଗୀଙ୍କ ଏହି ମିଶନ ବହୁତ ସରଳ କିନ୍ତୁ ଖୁବ୍ ଶକ୍ତିଶାଳୀ।





# ଜେନ୍-ଜେଡ୍‌ର ନୂଆ ଫ୍ୟାସନ୍

ଭାରତୀୟ ବିବାହ ବିଷୟରେ ଚିନ୍ତା କରିବା ମାତ୍ରେ ପ୍ରଥମେ ଆଖି ସମ୍ମୁଖକୁ ଆସିଯାଏ ଚଟକ ଲାଲ୍ ରଙ୍ଗ, ଭାରି ଓ ଷ୍ଟାଇଲିଶ୍ ଗହଣାର ଛବି। ଭାରତୀୟ ସଂସ୍କୃତିରେ ଲାଲ୍ ରଙ୍ଗର ରହିଛି ବିଶେଷ ମହତ୍ତ୍ୱ ଯେଉଁ ରଙ୍ଗକୁ ପରମ୍ପରା, ଶକ୍ତି ଓ ସଧବାର ପ୍ରତୀକ ଭାବରେ ଗ୍ରହଣ କରାଯାଏ। ଲାଲ୍ ରଙ୍ଗ ସୁରକ୍ଷା, ଶକ୍ତି ଓ ସମର୍ଥନର ପ୍ରତୀକ। ନୂଆ ବୋହୂର ପ୍ରାରମ୍ଭିକ ଜୀବନରେ ସୁଖ, ଶାନ୍ତି ଆଣିବା ସହିତ ଏହି ରଙ୍ଗ ତା’ ପାଇଁ ଲାଭକାରୀ ହୋଇଥାଏ ବୋଲି କୁହାଯାଏ। ବିବାହ ଉତ୍ସବ ବ୍ୟତୀତ ପୂଜା ହେଉ ଅବା କକ୍‌ଟେଲ୍ ସବୁ କାର୍ଯ୍ୟକ୍ରମରେ ଲାଲ୍ ରଙ୍ଗକୁ ଉପଯୁକ୍ତ ବୋଲି କୁହାଯାଏ। ଏହାର ଅନେକ ବିକଳ୍ପ ରହିଛି ଯଥା- କ୍ଲାସିକ୍ ରେଡ୍, ମେରୁନ୍, ବ୍ରିକ୍ ରେଡ୍, ୱାଇନ୍ ରେଡ୍ ଆଦି।

କିନ୍ତୁ ଆଜି ସମୟ ବଦଳିଛି ଓ ଏହା ସହିତ ବଦଳିଛି ଭାରତୀୟ ଝିଅ, ବୋହୂମାନଙ୍କର ପସନ୍ଦ। ଆଜିର ଆଧୁନିକ ବିବାହଗୁଡ଼ିକରେ ପୁରୁଣା ରୁଢ଼ିବାଦୀ ପରମ୍ପରାଗୁଡ଼ିକୁ ସେମାନେ ପଛରେ ଛାଡ଼ି ନୂଆ ଦିଶା ଆଡ଼କୁ ଆଗକୁ ବଢୁଛନ୍ତି। ଏହି ପରମ୍ପରାରେ ସେମାନେ ଆଉ ଲାଲ୍ ରଙ୍ଗର ଶାଢ଼ି ଉପରେ ଗୁରୁତ୍ୱ ନଦେଇ ଦେଉଛନ୍ତି ଧଳା ରଙ୍ଗ ଉପରେ। ଧଳା ରଙ୍ଗ ହେଉଛି ସାଦାପଣ ଓ ଆତ୍ମବିଶ୍ୱାସର ନୂଆ ପ୍ରତୀକ।

## ଶୋକ ନୁହେଁ ଏବେ ଉତ୍ସବର ରଙ୍ଗ: ଧଳା

ପୂର୍ବରୁ ଭାରତୀୟ ସମାଜରେ ଧଳା ରଙ୍ଗକୁ ଶୋକ ବା ସାଦାପଣ ସହିତ ଯୋଡ଼ି ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନର ନୂଆ ପିଢ଼ିର ଝିଅ ଓ ବୋହୂମାନେ ଏହି ଚିନ୍ତାଧାରାକୁ ଚ୍ୟାଲେଞ୍ଜ ଦେଉଛନ୍ତି। ଏହି ପରିବର୍ତ୍ତନ ଆଉ ରିସେପ୍ସନ୍ ବା କକ୍‌ଟେଲ୍ ପାର୍ଟି ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ। ଏବେ ଧଳା ରଙ୍ଗ ବିବାହ ଓ ଧାର୍ମିକ ପରମ୍ପରାଗୁଡ଼ିକର ଅଂଶବିଶେଷ ହୋଇଗଲାଣି। ଲାଲ୍ ରଙ୍ଗ ପରି ଧଳା ରଙ୍ଗର ମଧ୍ୟ ବିଭିନ୍ନ ଶେଡ୍ସ ରହିଛି ଯେପରି ଆଇଭରୀ ବା କୌଣସି ଅଫ୍-ହ୍ୱାଇଟ୍ ରଙ୍ଗ। ତେବେ ଏହି ପରମ୍ପରାକୁ ନୂଆ ଦୃଷ୍ଟିକୋଣରେ ଦେଖିବା ଏକ ସାହସିକ ପଦକ୍ଷେପ ହୋଇପାରେ।




## ପରମ୍ପରା ଓ ଆଧୁନିକତାର ମେଳ:



ଆମ ଦେଶର କେତେକ ରାଜ୍ୟରେ ଧଳା ରଙ୍ଗ ପିନ୍ଧିବାର ପରମ୍ପରା ପୂର୍ବରୁ ରହିଛି। ଯେପରି କେରଳରେ ସୁନେଲି ବର୍ଡର ଥିବା କସାଭୁ ଶାଢ଼ି ଓ ମହାରାଷ୍ଟ୍ରରେ ସବୁଜ ରଙ୍ଗର ଚଳନ। କିନ୍ତୁ ଧଳା ରଙ୍ଗର ପରମ୍ପରା ଏବେ ଆଉ କୌଣସି ଖାସ୍ କ୍ଷେତ୍ର ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ। ମିଲେନିୟଲ୍ସ ଓ ଜେନ୍-ଜେଡ୍ ପିଢ଼ି ଧଳା ରଙ୍ଗକୁ ଗ୍ଲୋବାଲ୍ ଫ୍ୟାସନ୍ ଷ୍ଟେଟ୍‌ମେଣ୍ଟ କରିସାରିଲେଣି। ତେବେ ବଲିଉଡ୍‌ର କେତେକ ବିବାହ ଧଳା ରଙ୍ଗକୁ ନୂଆ ଶିଖରରେ ପହଞ୍ଚାଇ ଦେଇଛି। ଏହି ବିବାହ ମଧ୍ୟରେ ରହିଛି ରନ୍‌ବୀର-ଆଲିଆ, ପରିଣୀତି-ରାଘବ ଚଡ୍‌ଢାଙ୍କ ବିବାହ। ଏମାନେ ବିବାହ ସମୟରେ ଧଳା ଓ ଆଇଭରୀ ଆଉଟ୍‌ଫିଟ୍ସରେ ନଜର ଆସିଥିଲେ।

ତେବେ ଡିଜାଇନର୍‌ମାନେ ବିବାହରେ ଧଳା ରଙ୍ଗକୁ ବ୍ୟବହାର କରିବାକୁ ଏକ ମଜଭୁତ ଆତ୍ମବିଶ୍ୱାସର ପ୍ରତୀକ ଭାବରେ ଦେଖୁଛନ୍ତି। ଏହି ପରମ୍ପରା କହୁଛି ଯେ ଆଜିର ପିଢ଼ି କୌଣସି ବନ୍ଧନରେ ବାନ୍ଧିହୋଇ ରହିବା ପରିବର୍ତ୍ତେ ନିଜ ପସନ୍ଦ ଓ ଷ୍ଟାଇଲ୍‌କୁ ଅଧିକ ଗୁରୁତ୍ୱ ଦେଉଛି।

# ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: ନିଜର ଚିନ୍ତା ଉପରେ ଭରସା ରଖନ୍ତୁ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ଅଣଦେଖା ନକଲେ ଭଲ। ନିରାଶାଜନକ ଖବର ପାଇପାରନ୍ତି। ଅଚାନକ ଯାତ୍ରା ଯୋଗ ରହିଛି। ଭାବୁକ ହୋଇ ନିଷ୍ପତ୍ତି ନିଅନ୍ତୁ ନାହିଁ।

**ବୃଷ**: ଖୁସିଭରା ଦିନଟିଏ। ମିତ୍ରଙ୍କ ସହିତ ପୁରୁଣା ମତଭେଦ ଦୂର ହେବ। ନୂଆ ବାହନ କିଣିପାରନ୍ତି। ଧନ ବୃଦ୍ଧି ହେବ। ଚାକିରି ପେସାରେ ଆଗାମୀ ଯୋଜନା କରିବେ। ପିଲାଙ୍କ ସହିତ ସମୟ ସୁଖମୟ ରହିବ।

**ମିଥୁନ**: ଦିନଟି ଲାଭଦାୟକ ରହିବ। ବଜେଟ୍ ତିଆରି କରି ଚାଲନ୍ତୁ। ନେଣ-ଦେଣ ମାମଲାରେ ସ୍ପଷ୍ଟ ରୁହନ୍ତୁ। ମାତାପିତାଙ୍କ ସେବା କରିବେ। ଜୀବନସାଥିର ଭରପୁର ସହଯୋଗ ପାଇବେ।

**କର୍କଟ**: ଆଜି ଉନ୍ନତି ହେବ। ଅଟକିଥିବା କାମ ପୂରା ହେବ। ବିଭିନ୍ନ କ୍ଷେତ୍ରଗୁଡ଼ିକରେ ଖୁବ୍ ଭଲ ପ୍ରଦର୍ଶନ କରିବେ। ଧାର୍ମିକ କାର୍ଯ୍ୟରେ ରୁଚି ରହିବ। ଚାକିରି ସହିତ ନୂଆ କାମ ଆରମ୍ଭ କରିବେ।

**ସିଂହ**: ବିଶେଷ ଫଳଦାୟୀ ଦିନଟିଏ। ଘରୋଇ ମାମଲାରେ ସାବଧାନ ରୁହନ୍ତୁ। ସମ୍ପତ୍ତିର ସୌଦା ପୂର୍ବରୁ ଯାଞ୍ଚ କରିବା ଜରୁରୀ। ଭ୍ରମଣ ଯୋଗ ରହିଛି। ମନକଥା ମାତାପିତାଙ୍କୁ କହିବେ।

**କନ୍ୟା**: ଦିନଟି ସମସ୍ୟାରେ ଭରି ରହିବ। ଭାଇଚାରା ବୃଦ୍ଧି କରିବେ। ବିବାହ ପ୍ରସ୍ତାବ ଆସିପାରେ। ମିତ୍ରଙ୍କ ସହିତ କ୍ୟାରିୟରର ସମାଧାନ କରିବେ। ନୂଆ ସମ୍ପତ୍ତି କିଣିବାର ଯୋଗ ରହିଛି।

**ତୁଳା**: ଆଜି ଖୁସିର ପରିବେଶ ପାଇବେ। ପୁରୁଣା ମତଭେଦ ଦୂର ହେବ। ଜୀବନସାଥିଙ୍କ ସହିତ ସମ୍ପର୍କ ମଧୁର ରହିବ। ନୂଆ ସମ୍ପତ୍ତି କିଣିବା ସମ୍ଭବ ହୋଇପାରେ। ବରିଷ୍ଠଙ୍କ ପରାମର୍ଶ କାମରେ ଆସିବ।

**ବିଛା**: ଅତ୍ୟନ୍ତ ଫଳଦାୟକ ଦିନଟିଏ। ଛୋଟ ପାର୍ଟିର ଆୟୋଜନ କରିପାରନ୍ତି। ବ୍ୟପାରିକ ଶାଖା ବୃଦ୍ଧି ହେବ। ନିବେଶ ସମ୍ବନ୍ଧୀୟ ଯୋଜନାରେ ଅର୍ଥ ଲଗାଇବେ। ପେସାଗତ ଜୀବନରେ ଲାଭ ମିଳିବ।

**ଧନୁ**: ଦିନଟି ସାମାନ୍ୟ ରହିବ। ବିଦେଶରୁ ଭଲ ଖବର ପାଇବେ। ସାବଧାନ ହୋଇ ନେଣ-ଦେଣ କରନ୍ତୁ। ସ୍ୱଭାବରେ ବିନମ୍ରତା ଜରୁରୀ। ଦୂର ସମ୍ପର୍କୀୟଙ୍କ ପାଖରୁ ଖୁସି ଖବର ମିଳିବ। ଯାତ୍ରା ସୁଖଦ ରହିବ।

**ମକର**: ଦିନଟି ମଧ୍ୟମ ଫଳଦାୟୀ ରହିବ। ବାହନ ଚଲେଇବା ସମୟରେ ସାବଧାନତା ଜରୁରୀ। ଦୁର୍ଘଟଣାର ଆଶଙ୍କା ରହିଛି। ବ୍ୟବସାୟିକ ଯୋଜନା ଲାଭକାରୀ ରହିବ। ଜୀବନସାଥି ସହିତ ବିବାଦ ହୋଇପାରେ।

**କୁମ୍ଭ**: ଦିନଟି ଖୁବ୍ ଭଲରେ ବିତିବ। ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ଭାଗ ନେବେ। ଖାଦ୍ୟପେୟର ଅଭ୍ୟାସରେ ସୁଧାର ଜରୁରୀ। ତେଲଛଣା ଖାଦ୍ୟ ସମସ୍ୟା ଦେବ। କାହାର ବିବାହର ଚର୍ଚ୍ଚା ଆଗକୁ ବଢ଼ିବ।

**ମୀନ**: ଭାଗ୍ୟର ସହଯୋଗ ରହିବ। ନୂଆ ସମ୍ପର୍କରୁ ଲାଭ ପାଇବେ। ସାଙ୍ଗଙ୍କ ସହିତ ଦୂର ଯାତ୍ରା ଯୋଜନା କରିପାରନ୍ତି। ନୂଆ ବ୍ୟବସାୟ ଆରମ୍ଭ ପାଇଁ ଭଲ ସମୟ। ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ହୋଇପାରେ।



ଆଜିର ମ୍ୟାଚ୍

କୋଲ୍‌କାତା ନାଇଟ୍ ରାଇଡର୍ସ ବନାମ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: କୋଲ୍‌କାତା


### ଆଇପିଏଲ୍‌ର ନୂଆ ନିୟମ

## ପଡ଼ିଆରେ କେବଳ ୧୬ ଖେଳାଳିଙ୍କୁ ପ୍ରବେଶ ଅନୁମତି

**ମୁମ୍ବାଇ,୮।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ର ୧୩ ମ୍ୟାଚ୍ ଖେଳା ସରିଥିବା ବେଳେ ଟୁର୍ଣ୍ଣାମେଣ୍ଟକୁ ନେଇ ବିସିସିଆଇ ନୂଆ ନିୟମ ଲାଗୁ କରିଛି। ଏହି ନୂଆ ନିୟମ ଅନୁସାରେ ବେଞ୍ଚରେ ବସିଥିବା ଖେଳାଳି ମ୍ୟାଚ୍ ଅବସରରେ ପଡ଼ିଆରେ ବୁଲିପାରିବେ ନାହିଁ। ଟିମ୍ ଶିଟ୍‌ରେ ଥିବା ୧୬ ଖେଳାଳିଙ୍କ ବ୍ୟତୀତ କାହାରିକୁ ପଡ଼ିଆରେ ପଡ଼ିଆରେ ପ୍ରବେଶ ଅନୁମତି ମିଳିବ ନାହିଁ। ଡ୍ରିଙ୍କ୍‌ସ, ବ୍ୟାଟ୍ କିମ୍ବା ମେସେଜ୍ (ବାର୍ତ୍ତା) ଦେବା ପାଇଁ କେବଳ ଏହି ଶିଟ୍‌ରେ ସାମିଲ ସେହି ଖେଳାଳି ପଡ଼ିଆକୁ ଯାଇପାରିବେ। ସେହିପରି ଏକ ସମୟରେ କେବଳ ପାଞ୍ଚ ଖେଳାଳି ବାଉଣ୍ଡାରୀ ଲାଇନ୍‌ରେ ବୁଲି ପାରିବେ। ନିକଟରେ ଏହି ନିର୍ଦ୍ଦେଶକ ଟିମ୍ ମ୍ୟାନେଜମେଣ୍ଟକୁ ଦିଆଯାଇଛି। ତେବେ ଏହାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ନୂଆ ନିୟମ ଅନୁସାରେ ୧୬ ଜଣଙ୍କ ବ୍ୟତୀତ ବାକି ଖେଳାଳି ଡଗ୍‌ଆଉଟ୍‌ରେ ରହିବେ। ସେମାନଙ୍କୁ ବାଉଣ୍ଡାରୀ ଲାଇନ୍ ଏବଂ ଏଲ୍‌ଇଡି ବୋର୍ଡ ମଧ୍ୟରେ ଯିବାଆସିବା ପାଇଁ ଅନୁମତି ମିଳିବ ନାହିଁ। ସେହିପରି ସମସ୍ତ ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ମ୍ୟାଚ୍ ବେଳେ ପଡ଼ିଆରେ ବୁଲିପାରିବେ ନାହିଁ। ସେମାନଙ୍କୁ ଡ୍ରିଙ୍କ୍‌ସ ନେବାକୁ ଅନୁମତି ମଧ୍ୟ ନାହିଁ। ନିୟମ ଅନୁସାରେ ବିବ୍ସ (ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ଜର୍ସି) ପିନ୍ଧି ପଡ଼ିଆ ନିକଟରେ ବୁଲୁଥିବା ଖେଳାଳିଙ୍କ ସଂଖ୍ୟା ୫ରୁ ଅଧିକ ହେବନାହିଁ। ଏହି ଖେଳାଳି କେବଳ ଡ୍ରିଙ୍କ୍‌ସ ନେବା କିମ୍ବା ବାଉଣ୍ଡାରୀରୁ ବଲ୍ ଫେରାଇବା କାମ କରିବେ। ବିସିସିଆଇ ଏହି ନୂଆ ନିୟମ ଲାଗୁ କରିବାକୁ ଆଧିକାରିକ କାରଣ ସ୍ପଷ୍ଟ କରିନାହିଁ। ତେବେ ଟିମ୍ ମ୍ୟାନେଜମେଣ୍ଟ ଏବଂ ଏକ୍ସପର୍ଟ ଏହାକୁ ତିନିଟି କାରଣ ସହିତ ଯୋଡ଼ିଛନ୍ତି। ଏଗୁଡ଼ିକ ହେଲା ମ୍ୟାଚ୍‌ର ଗତି ବଢ଼ାଇବା, ଅନ୍‌ଫେୟାର୍ ଆଡ୍‌ଭାଣ୍ଟେଜ୍ ରୋକିବା ଏବଂ ଉନ୍ନତ ମନିଟରିଂ ପାଇଁ ବାଉଣ୍ଡାରୀ ଲାଇନ୍ ନିକଟରେ ଭିଡ଼ କମ୍ କରିବା।

## ରୟାଲ୍ସ ଖେଳାଳିଙ୍କ କବ୍‌ଜାରେ ଅରେଞ୍ଜ ଓ ପର୍ପଲ୍ କ୍ୟାପ୍

**ଗୁଆହାଟୀ,୮।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ରେ ଅରେଞ୍ଜ ଓ ପର୍ପଲ୍ କ୍ୟାପ୍ ଉପରେ ରାଜସ୍ଥାନ ରୟାଲ୍ସ ଖେଳାଳି କବ୍‌ଜା କରିଛନ୍ତି। ରାଜସ୍ଥାନ ରୟାଲ୍ସ ଓପ୍ନିଂ ବ୍ୟାଟର୍ ଯଶସ୍ୱୀ ଜୟସ୍ୱାଲ୍ ଟୁର୍ଣ୍ଣାମେଣ୍ଟର ତିନିଟି ଇନିଂସ୍‌ରେ ମୋଟ ୧୭୦ ରନ୍ କରି ଅରେଞ୍ଜ କ୍ୟାପ୍ ହାସଲ କରିଛନ୍ତି। ଯଶସ୍ୱୀ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ୧୧ ଓଭର୍ ବିଶିଷ୍ଟ ମ୍ୟାଚ୍‌ରେ ମାତ୍ର ୩୨ ବଲ୍‌ରେ ୭୭ ରନ୍ କରିଥିଲେ। ଏହି ବିସ୍ଫୋରକ ଇନିଂସ୍ ବଳରେ ସେ ସମୀର ରିଜ୍‌ଭୀଙ୍କ ଠାରୁ ୧୦ ରନ୍ ଆଗରେ ପହଞ୍ଚିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସର ସମୀର ରିଜ୍‌ଭୀ ଦୁଇଟି ମ୍ୟାଚ୍ ବିଜୟ ଇନିଂସ୍ ସହିତ ସିଜନ୍‌ରେ ବର୍ତ୍ତମାନ ସୁଦ୍ଧା ୧୬୦ ରନ୍ କରିସାରିଛନ୍ତି। ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ହେନ୍‌ରିକ୍ କ୍ଲାସେନ୍ (ଏସ୍‌ଆର୍‌ଏଚ୍), ବୈଭବ ସୂର୍ଯ୍ୟବଂଶୀ (ଆର୍‌ଆର୍) ଏବଂ ରୋହିତ ଶର୍ମା (ଏମ୍‌ଆଇ) ୧୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିସାରିଛନ୍ତି।



ସେହିପରି ପର୍ପଲ୍ କ୍ୟାପ୍ ଆର୍‌ଆର୍‌ର ରବି ବିଷ୍ଣୋଇଙ୍କୁ ମିଳିଛି। ମୁମ୍ବାଇ ବିପକ୍ଷ ଦୁଇ ଓଭର୍‌ରେ ୨୫ ରନ୍ ଦେଇ ୨ଟି ୱିକେଟ୍ ନେବାପରେ ତାଙ୍କ ୱିକେଟ୍ ସଂଖ୍ୟା ୭ ହୋଇଛି। ଏହା ପୂର୍ବରୁ ସେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ୪ଟି ୱିକେଟ୍ ନେଇଥିଲେ। ଏବେ ଚାରି ଅନ୍ୟ ବୋଲର୍ ୫-୫ ୱିକେଟ୍ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଜୟକୁମାର ବୈଶାକ (ପଞ୍ଜାବ କିଙ୍ଗ୍‌ସ), ଅଂଶୁଲ କମ୍ବୋଜ (ସିଏସ୍‌କେ), ନାନ୍ଦ୍ରେ ବର୍ଗର୍ (ଆର୍‌ଆର୍) ଏବଂ ଜ୍ୟାକବ୍ ଡଫି (ଆର୍‌ସିବି) ସାମିଲ।

# ଗୁଜରାଟ ଟାଇଟନ୍ସର ପ୍ରଥମ ବିଜୟ

### ରୋମାଞ୍ଚକର ମ୍ୟାଚ୍‌ରେ ୧ ରନ୍‌ରେ ହାରିଲା ଦିଲ୍ଲୀ କ୍ୟାପିଟାଲ୍ସ



**ନୂଆଦିଲ୍ଲୀ,୮।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ରେ ଗୁଜରାଟ ଟାଇଟନ୍ସ ପ୍ରଥମ ବିଜୟ ହାସଲ କରିଛି। ଟିମ୍ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସକୁ ରୋମାଞ୍ଚକର ମ୍ୟାଚ୍‌ରେ ୧ ରନ୍‌ରେ ହରାଇଛି। ଏହା ସିଜନ୍‌ରେ ଦିଲ୍ଲୀର ପ୍ରଥମ ପରାଜୟ। ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ପ୍ରଥମେ ୪ ୱିକେଟ୍ ହରାଇ ୨୧୦ ରନ୍ କରିଥିଲା। ଜବାବରେ ଦିଲ୍ଲୀ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୨୦୯ ରନ୍ କରିପାରିଥିଲା।

୨୧୧ ରନ୍‌ର ଲକ୍ଷ୍ୟ ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପାଥୁମ୍ ନିଶଙ୍କା ଓ କେଏଲ୍ ରାହୁଲ ଜୋରଦାର ଆରମ୍ଭ କରିଥିଲେ। ଉଭୟ ୪୯ ରନ୍‌ରେ ୭୬ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ନିଶଙ୍କା ୪୨ ରନ୍‌ରେ ଆଉଟ୍ ହୋଇଥିବା ବେଳେ ରାହୁଲ ୯୨ ରନ୍‌ରେ ଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ରାହୁଲଙ୍କ ୫୨ ବଲ୍‌ର ଇନିଂସ୍‌ରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ନିତିଶ ରାଣା (୫) ଓ ସମୀର ରିଜ୍‌ଭୀ (୦) ଲଗାତାର ବଲ୍‌ରେ ଆଉଟ୍ ହୋଇଥିବା ବେଳେ କ୍ୟାପ୍‌ଟେନ୍ ଅକ୍ଷର ପଟେଲ୍ (୨) ଟ୍ରିଷ୍ଟନ୍ ଷ୍ଟବ୍ସ (୭) ଖାସ୍ କିଛି କରିପାରି ନଥିଲେ। ଶେଷ ଆଡ଼କୁ ଡେଭିଡ୍ ମିଲର୍ ୨୦ ବଲ୍‌ରେ ୪୧ ରନ୍ କରି ଶେଷ ବଲ୍‌ରେ ରନ୍‌ଆଉଟ୍ ହୋଇଥିଲେ। ଗୁଜରାଟ ପକ୍ଷରୁ ରଶିଦ୍ ଖାନ୍ ୩ଟି, ପ୍ରସିଦ୍ଧ କ୍ରିଷ୍ଣା ୨ଟି ଏବଂ ମହମ୍ମଦ ସିରାଜ୍ ଗୋଟିଏ ୱିକେଟ୍ ପାଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଟାଇଟନ୍ସର ଆରମ୍ଭ ଭଲ ନଥିଲା ଏବଂ ୩ୟ ଓଭର୍‌ରେ ଟିମ୍‌କୁ ପ୍ରଥମ ଝଟ୍‌କା ଲାଗିଥିଲା। ଓପ୍ନର୍ ସାଇ ସୁଦର୍ଶନ (୧୨ ରନ୍)ଙ୍କୁ ମୁକେଶ୍ କୁମାର ଆଉଟ୍ କରିଥିଲେ। ଏହାପରେ ଜୋସ୍ ବଟ୍‌ଲର୍ ବିସ୍ଫୋରକ ବ୍ୟାଟିଂ କରି କ୍ୟାପ୍‌ଟେନ୍ ଶୁଭମନ୍ ଗିଲ୍‌ଙ୍କ ସହ ଦ୍ୱିତୀୟ ୱିକେଟ୍ ପାଇଁ ୩୨ ବଲ୍‌ରେ ୬୦ ରନ୍‌ର ଯୋଡ଼ିଥିଲେ। ବଟ୍‌ଲର୍‌ଙ୍କୁ ଆଉଟ୍ କରି କୁଲଦୀପ୍ ଯାଦବ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ବଟ୍‌ଲର୍ ୨୭ ବଲ୍‌ରେ ୩ ଚୌକା ଓ ୫ ଛକା ସହାୟତାରେ ୫୨ ରନ୍ କରିଥିଲେ। ବଟ୍‌ଲର୍‌ଙ୍କ ଆଉଟ୍ ପରେ ଗିଲ୍ ଇନିଂସ୍ ସମ୍ଭାଳି ୱାଶିଂଟନ୍ ସୁନ୍ଦରଙ୍କ ସହ ତୃତୀୟ ୱିକେଟ୍ ପାଇଁ ୬୦ ବଲ୍‌ରେ ୧୦୪ ରନ୍‌ର ଶତକୀୟ ପାର୍ଟନରଶିପ୍ କରିଥିଲେ। ଗିଲ୍ ୪୫ ବଲ୍‌ରେ ୪ ଚୌକା ଓ ୫ ଛକା ସହାୟତାରେ ୭୦ ରନ୍ କରି ଆଉଟ୍ ହୋଇଥିଲେ। ୱାଶିଂଟନ୍ ସୁନ୍ଦର ମଧ୍ୟ ୩୨ ବଲ୍‌ରେ ୬ ଚୌକା ଓ ଦୁଇ ଛକା ସହାୟତାରେ ୫୫ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ଦୁଇଟି ୱିକେଟ୍ ନେଇଥିବା ବେଳେ ଲୁଙ୍ଗି ଏନ୍‌ଗିଡି ଓ କୁଲଦୀପ ଯାଦବ ୧-୧ ସଫଳତା ପାଇଥିଲେ।

## କ୍ରିସ୍ପିନ୍ ଭାରତୀୟ ମହିଳା ଫୁଟ୍‌ବଲ୍ ଟିମ୍ ନୂଆ କୋଚ୍

**ନୂଆଦିଲ୍ଲୀ,୮।୪/ଏଜେନ୍ସି:** ଅଖିଳ ଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ଭାରତୀୟ ମହିଳା ଫୁଟ୍‌ବଲ୍ ଟିମ୍‌ର ମୁଖ୍ୟ କୋଚ୍ ଭାବେ କ୍ରିସ୍ପିନ୍ ଛେତ୍ରୀଙ୍କୁ ପୁଣି ନିଯୁକ୍ତ କରିଛି। ଏହି ନିଷ୍ପତ୍ତି ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍‌କୁ ଧ୍ୟାନରେ ରଖି ନିଆଯାଇଛି। ଛେତ୍ରୀ ଏବେ ଟିମ୍‌ର ଦାୟିତ୍ୱ ସମ୍ଭାଳିବା ସହିତ ନୂଆ ଭାବେ ପ୍ରସ୍ତୁତି ଆରମ୍ଭ କରିବେ। ସେ ସ୍ପେନ୍‌ର ଆମେଲିଆ ଭାଲ୍ଭରଡେଙ୍କ ସ୍ଥାନ ନେଇଛନ୍ତି। ଭାଲ୍ଭରଡେଙ୍କ କାର୍ଯ୍ୟକାଳ ଏଏଫ୍‌ସି ମହିଳା ଏସିଆନ୍ କପ୍‌ରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ସହିତ ଚଳିତ ବର୍ଷ ପ୍ରାରମ୍ଭରେ ସମାପ୍ତ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଟିମ୍ ଗୋଟିଏ ବି ମ୍ୟାଚ୍ ଜିତିପାରି ନଥିଲା। ପ୍ରାୟ ଦୁଇ ଦଶକ ପରେ ଏହି ଟୁର୍ଣ୍ଣାମେଣ୍ଟ ଖେଳିଥିବା ଭାରତ ଗ୍ରୁପ୍ ପର୍ଯ୍ୟାୟରୁ ହିଁ ବାହାର ହୋଇଥିଲା। ଏହାପରେ ହିଁ କୋଚିଂ ଷ୍ଟାଫ୍‌ରେ ପରିବର୍ତ୍ତନ ନିଷ୍ପତ୍ତି ନିଆଯାଇଛି। ୨୦୨୫ରେ ଏଆଇଏଫ୍‌ଏଫ୍ ମହିଳା କୋଚ୍ ଅଫ୍ ଦ ଇୟର୍ ମନୋନୀତ ସୁଜାତା କରଙ୍କୁ କୋଚିଂ ଷ୍ଟାଫ୍‌ରେ ସହାୟକ କୋଚ୍ କରାଯାଇଛି।



## ଆର୍ଜେଣ୍ଟିନା ଗସ୍ତ ପାଇଁ ମହିଳା ହକି ଟିମ୍ ଘୋଷିତ

**ନୂଆଦିଲ୍ଲୀ,୮।୪/ଏଜେନ୍ସି:** ଆଗାମୀ ଆର୍ଜେଣ୍ଟିନା ଗସ୍ତ ପାଇଁ ହକି ଇଣ୍ଡିଆ ୨୪ ଜଣିଆ ଭାରତୀୟ ମହିଳା ହକି ଟିମ୍ ଘୋଷଣା କରିଛି। ଘୋଷିତ ଟିମ୍‌ରେ ଅନୁଭବୀ ଖେଳାଳିଙ୍କ ସହିତ ଯୁବ ପ୍ରତିଭାଙ୍କୁ ମଧ୍ୟ ସ୍ଥାନ ମିଳିଛି। ହକି ବିଶ୍ୱକପ୍ ଏବଂ ଏସିଆନ୍ ଗେମ୍ସ ଦୃଷ୍ଟିରୁ ଏହି ଗସ୍ତ ବହୁ ମହତ୍ତ୍ୱପୂର୍ଣ୍ଣ। ଟିମ୍‌ର ନେତୃତ୍ୱ ଅନୁଭବୀ ମିଡ୍‌ଫିଲ୍ଡର୍ ସଲିମା ଟେଟେଙ୍କୁ ପ୍ରଦାନ କରାଯାଇଛି। ସେହିପରି ଗୋଲ୍‌କିପର୍ ସବିତା ପୁନିଆ ଏବଂ ଫରୱାର୍ଡ ଦୀପିକାଙ୍କର ଟିମ୍‌ରେ ପ୍ରତ୍ୟାବର୍ତ୍ତନ ଘଟିଛି। ମୁଖ୍ୟ ଡ୍ରାଗ୍ ଫ୍ଲିକର୍ ଦୀପିକାଙ୍କ ପ୍ରତ୍ୟାବର୍ତ୍ତନ ପରେ ଟିମ୍ ଏବେ ଅଧିକ ସନ୍ତୁଳିତ ହୋଇଛି। ଭାରତୀୟ ମହିଳା ଟିମ୍ ଏପ୍ରିଲ୍ ୧୩, ୧୪, ୧୬ ଏବଂ ୧୭ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ମ୍ୟାଚ୍ ଖେଳିବ।

### ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରସ୍ତୁତି ସମୀକ୍ଷା

## କମନ୍‌ୱେଲ୍‌ଥ ସ୍ପୋର୍ଟ ପ୍ରତିନିଧିମଣ୍ଡଳୀର ଗୁଜରାଟ ଗସ୍ତ

**ଅହମଦାବାଦ,୮।୪/ଏଜେନ୍ସି:** ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସର୍ବୋଚ୍ଚ ସଂସ୍ଥାନ କମନ୍‌ୱେଲ୍‌ଥ ସ୍ପୋର୍ଟର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ୨୦୩୦ରେ ପ୍ରସ୍ତାବିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରସ୍ତୁତି ସମୀକ୍ଷା ପାଇଁ ଚାରିଦିନିଆ ଗସ୍ତରେ ବୁଧବାର ଗୁଜରାଟ ପହଞ୍ଚିଛି। ଡୋନାଲ୍ଡ ରୁକାରେଙ୍କ ନେତୃତ୍ୱାଧୀନ ଏହି ପ୍ରତିନିଧିମଣ୍ଡଳୀ ଏପ୍ରିଲ୍ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ବିଭିନ୍ନ ସ୍ଥାନର ନିରୀକ୍ଷଣ କରିବ। ଏହି ଗସ୍ତରେ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)ର ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ଗସ୍ତର ଆରମ୍ଭ ଗାନ୍ଧୀନଗରରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍‌ଙ୍କ ସହ ଶିଷ୍ଟାଚାର ସାକ୍ଷାତ୍ ସହିତ ଆରମ୍ଭ ହୋଇଛି। ଏହି ଅବସରରେ ପ୍ରତିନିଧିମଣ୍ଡଳୀକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଗସ୍ତ ଅବସରରେ ପ୍ରତିନିଧିମଣ୍ଡଳୀ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍, ବୀର ସାଭରକର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଇକେଏ ଏରିନା (ଅହମଦାବାଦ), ବଡ଼ୋଦରା କ୍ରିକେଟ୍ ଷ୍ଟାଡିୟମ୍ ଏବଂ ଷ୍ଟାଚ୍ୟୁ ଅଫ୍ ୟୁନିଟି ସହିତ ପ୍ରମୁଖ ପ୍ରସ୍ତାବ ସ୍ଥାନର ନିରୀକ୍ଷଣ କରିବ। ଗତବର୍ଷ ନଭେମ୍ବରରେ ଆୟୋଜିତ କମନ୍‌ୱେଲ୍‌ଥ ସ୍ପୋର୍ଟର ସାଧାରଣ ସଭାରେ ଅହମଦାବାଦକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜନ ଅଧିକାର ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ଭାରତ ୨୦୧୦ରେ ନୂଆଦିଲ୍ଲୀରେ ଏହି କ୍ରୀଡ଼ାର ସଫଳ ଆୟୋଜନ କରିସାରିଛି।




### ଦେଶ ବିଦେଶ

### ଯୁଦ୍ଧ ବିରତି ସତ୍ତ୍ୱେ ଟ୍ରମ୍ପଙ୍କ ବିବାଦୀୟ ବୟାନବାଜି ଜାରି

# ଇରାନ୍‌କୁ ଅସ୍ତ୍ରଶସ୍ତ୍ର ଯୋଗାଣ କଲେ ୫୦% ଶୁଳ୍କ



**ୱାଶିଂଟନ୍,୮।୪/ଏଜେନ୍ସି:** ଆମେରିକା-ଇରାନ୍ ମଧ୍ୟରେ ୧୪ ଦିନିଆ ଯୁଦ୍ଧବିରତି ହୋଇଛି ସତ, କିନ୍ତୁ ଟ୍ରମ୍ପ୍ ନିଜ ବିବାଦୀୟ ବୟାନବାଜି ଜାରି କରିବା ବନ୍ଦ କରୁନାହାନ୍ତି। ଉଭୟ ପକ୍ଷରୁ ଯୁଦ୍ଧ ବିରତି ଘୋଷଣା ହେବା ପରେ, ଟ୍ରମ୍ପ୍ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଜାରି କରିଛନ୍ତି। ଟ୍ରମ୍ପଙ୍କ କହିବାନୁସାରେ ଇରାନ୍‌କୁ ଯଦି କୌଣସି ଦେଶ ସାମରିକ ଅସ୍ତ୍ରଶସ୍ତ୍ର ଆଦି ଯୋଗାଣ କରନ୍ତି ତେବେ ଉକ୍ତ ଦେଶ ଉପରେ ୫୦% ଶୁଳ୍କ ଲାଗୁ କରିବେ। ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ, ଟ୍ରମ୍ପ ଘୋଷଣା କରିଛନ୍ତି ଯେ ଇରାନକୁ ଅସ୍ତ୍ର ଯୋଗାଣ କରୁଥିବା ଯେକୌଣସି ଦେଶ ବିରୁଦ୍ଧରେ ଆମେରିକା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏସମ୍ପର୍କରେ କାହାକୁ କୌଣସି ଛାଡ଼ ଦିଆଯିବ ନାହିଁ। ଏତଦ୍‌ବ୍ୟତୀତ ଇରାନ୍ କୁଆଡେ ଆଉ ୟୁରାନିୟମ୍ ଗଚ୍ଛିତ ରଖିବ ନାହିଁ ବୋଲି ରାଜି ହୋଇଛି। ଇରାନ୍‌ରେ ଗଚ୍ଛିତ ଥିବା ପରମାଣୁ ସାମଗ୍ରୀଗୁଡ଼ିକୁ ଖୋଜି ବାହାର କରାଯିବା ସହ ସେସବୁକୁ ପୁନରୁଦ୍ଧାର କରାଯିବା ନେଇ ମଧ୍ୟ ଇରାନ୍ ସହମତି ପ୍ରକାଶ କରିଛି ବୋଲି ଟ୍ରମ୍ପ୍ କହିଛନ୍ତି। ସେହିପରି ଇରାନ ସହିତ ଶୁଳ୍କ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଏବଂ ଇରାନ ଉପରେ ଲାଗୁ ହୋଇଥିବା କଠୋର କଟକଣାକୁ କୋହଳ କରାଯିବା ଉପରେ ଆଲୋଚନା ଚାଲିଥିବା ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି। ଟ୍ରମ୍ପଙ୍କ କହିବାନୁସାରେ ଇରାନର ପରମାଣୁ ସ୍ଥାନଗୁଡ଼ିକୁ କଡ଼ା ସାଟେଲାଇଟ୍ ନଜରରେ ରଖାଯାଇଛି ଏବଂ ଏପର୍ଯ୍ୟନ୍ତ ସେଠାରେ କୌଣସି ଜିନିଷରେ ହେରଫେର କରାଯାଇ ନାହିଁ। ଯଦି ଇରାନ ଏହି ସର୍ତ୍ତଗୁଡ଼ିକ ପାଳନ କରେ, ତେବେ ଆମେରିକା ଏହା ସହିତ ମିଶି କାମ କରିବ। ଟ୍ରମ୍ପ୍ ଏହା ମଧ୍ୟ କହିଛନ୍ତି ଯେ, ସେ ଦେଇଥିବା ଡେଡ୍‌ଲାଇନ୍‌ର ମାତ୍ର ଦେଢ଼ଘଣ୍ଟା ପୂର୍ବରୁ ଇରାନ୍ କାକୁତି ମିନତି ହୋଇଥିଲା ଏବଂ ଆମେରିକା ପକ୍ଷରୁ ଦିଆଯାଇଥିବା ୧୫ ସର୍ତ୍ତ ମଧ୍ୟରୁ ଅନେକକୁ ସ୍ୱୀକାର କରିବା ନେଇ ଜଣାଇବା ପରେ ସେ ଯୁଦ୍ଧବିରତି ପାଇଁ ରାଜି ହୋଇଥିଲେ। ଇରାନ୍ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇଛି। ନଚେତ୍ ଆମେରିକା ସେନା ଇରାନ୍‌ରେ ଏକ ବଡ଼ ଧରଣର ପ୍ରଳୟ ଆଣିବା ପାଇଁ ପ୍ରସ୍ତୁତ ବସିଥିଲେ ବୋଲି ଟ୍ରମ୍ପ୍ କହିଛନ୍ତି। ତେବେ ଟ୍ରମ୍ପଙ୍କ ଏପ୍ରକାର ଇରାନ୍ ପ୍ରତି ହୀନମନୋଭାବସମ୍ପନ୍ନ ବକ୍ତବ୍ୟକୁ ନେଇ କେବଳ ଇରାନ୍‌ରେ ନୁହେଁ ବରଂ ବିଶ୍ୱ ରାଜନୀତିରେ ମଧ୍ୟ ଉତ୍ତେଜନା ସୃଷ୍ଟି କରିଛି। ଅନ୍ୟପକ୍ଷେ ଇରାନ୍ ଟ୍ରମ୍ପଙ୍କ ଏପ୍ରକାର ବୟାନକୁ ନିଜ ପ୍ରତି ଅପମାନଜନକ ବୟାନବାଜି ବୋଲି ଅଭିହିତ କରିଛି। ଇରାନ୍ ସ୍ପଷ୍ଟ କରିଛି ଯେ ଅସ୍ତ୍ରବିରତି ପାଇଁ ସେମାନଙ୍କ ପକ୍ଷରୁ କୌଣସି ଅନୁରୋଧ କରାଯାଇନାହିଁ। ବରଂ ପାକିସ୍ତାନ ଏବଂ ଚୀନ୍‌ର ମଧ୍ୟସ୍ଥତାକୁ ସମ୍ମାନ ଜଣାଇବା ପୂର୍ବକ ଏହା ଯୁଦ୍ଧବିରତି ପାଇଁ ରାଜି ହୋଇଛି। ଅନ୍ୟପକ୍ଷେ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ଆକ୍ରମଣ ଜାରି ରହିଥିବାରୁ ଏହାର ଜବାବ ଦେବା ଜାରି ରଖିବ ବୋଲି ଇରାନ୍ କହିଛି।

# ୧୫% ଶସ୍ତା ହେଲା ଅଶୋଧିତ ତୈଳ

### ବ୍ୟାରେଲ୍ ପିଛା ୧୦୦ ଡଲାରରୁ କମ୍ ହେବା ୬ ବର୍ଷରେ ପ୍ରଥମ

**ନୂଆଦିଲ୍ଲୀ, ୮।୪/ଏଜେନ୍ସି:** ଆମେରିକା ଏବଂ ଇରାନ୍ ମଧ୍ୟରେ ୨ ସପ୍ତାହ ପାଇଁ ଯୁଦ୍ଧବିରତି ଘୋଷଣା ହେବା ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୧୫% ପର୍ଯ୍ୟନ୍ତ ହ୍ରାସ ପାଇଛି। ବୁଧବାର ଅସ୍ତ୍ରବିରତି ଘୋଷଣା ହେବାର କିଛି ମିନିଟ୍ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୧୫ ଡଲାର ହ୍ରାସ ପାଇ ବ୍ୟାରେଲ ପିଛା ୯୪.୨୭ ଡଲାରକୁ ଖସିଆସିଛି। ଯାହାଫଳରେ ବିଶ୍ୱର କୋଣଅନୁକୋଣରେ ବସବାସ କରୁଥିବା ହିତାଧିକାରୀମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ରିପୋର୍ଟ ଅନୁଯାୟୀ, ଗତ ୬ ବର୍ଷ ମଧ୍ୟରେ ଗୋଟିଏ ଦିନରେ ଏହା ସବୁଠାରୁ ବଡ଼ ହ୍ରାସ। ମାତ୍ର ଗୋଟିଏ ଦିନ ପୂର୍ବରୁ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୧୦୯.୨୭ ଡଲାର ଥିଲା। ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଏହାର ମୂଲ୍ୟ ବ୍ୟାରେଲ୍ ପିଛା ୭୩ ଡଲାର ଥିଲା। କିନ୍ତୁ ଯୁଦ୍ଧ ସମୟରେ ଏହି ଦର ବୃଦ୍ଧି ପାଇ ବ୍ୟାରେଲ ପିଛା ୧୨୦ ଡଲାରରେ ପହଞ୍ଚିଯାଇଥିଲା। ଯୁଦ୍ଧ ଘନଘଟା ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ବଢ଼ିବାର ଆଶଙ୍କା କରାଯାଉଥିଲା। ବିଶେଷଜ୍ଞଙ୍କ ମତରେ, ତେଲ ଦର ଶସ୍ତା ହେବା ପରେ ଏବେ ସେହି ଆଶଙ୍କା ଦୂର ହୋଇଛି।

ଅନ୍ୟପକ୍ଷେ ଆମେରିକା-ଇରାନ ମଧ୍ୟରେ ଯୁଦ୍ଧବିରତିର ପ୍ରଭାବ ଅନ୍ତର୍ଗତ ହର୍ମୁଜ ପ୍ରଣାଳୀ ଖୋଲିବାର ଆଶା ବଢ଼ିଛି। ଯୁଦ୍ଧବିରତି ଚୁକ୍ତି ଅନୁଯାୟୀ, ଇରାନ ସେନାର ସହାୟତାରେ ହର୍ମୁଜ ପ୍ରଣାଳୀ ଦେଇ ସମସ୍ତ ଜାହାଜ ଚଳାଚଳ ସୁରକ୍ଷିତ ହେବ। ବିଶ୍ୱର ପ୍ରାୟ ୨୦% ତେଲ ଓ ଗ୍ୟାସ୍ ଏହି ରାସ୍ତା ଦେଇ ଯାଇଥାଏ। ତେବେ କେବଳ ଅଶୋଧିତ ତୈଳ ମୂଲ୍ୟ ନୁହେଁ ବରଂ ଯୁଦ୍ଧ ଥମିବା ଖବର ଯୋଗୁଁ ବିଶ୍ୱ ସେୟାର ବଜାର ସହ ଭାରତୀୟ ସେନ୍‌ସେକ୍ସ ଓ ନିଫ୍ଟିରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଛି। ଭାରତର 'ଟଙ୍କା' ମଧ୍ୟ ଡଲାର ତୁଳନାରେ ୪୧ ପଇସା ମଜଭୁତ ହୋଇ ୯୨.୫୫ରେ ପହଞ୍ଚିଛି। ତେବେ କଞ୍ଚା ତେଲ ଶସ୍ତା ହେବା ଦ୍ୱାରା ଭାରତରେ ସରକାରଙ୍କ ଉପରୁ ସବ୍‌ସିଡି ବୋଝ କମିବ, ଯାହାକୁ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ଖର୍ଚ୍ଚ କରାଯାଇପାରିବ। ତେଲ ଦର ବଢ଼ିବାର ଆଶଙ୍କା କମିବା ଦ୍ୱାରା ପରିବହନ ଖର୍ଚ୍ଚ ନିୟନ୍ତ୍ରଣରେ ରହିବ, ଯାହାଫଳରେ ଦେଶରେ ଦରଦାମ୍ ସ୍ଥିର ରହିବ। ତେଲ ଶସ୍ତା ହେଲେ ଆମଦାନୀ ବିଲ୍ କମିବ ଏବଂ ବୈଦେଶିକ ମୁଦ୍ରା ଭଣ୍ଡାର ସୁରକ୍ଷିତ ରହିବ। ବିଶେଷଜ୍ଞଙ୍କ ମତରେ ଯଦି କଞ୍ଚା ତେଲ ଦର ୧୦ ଡଲାର କମେ, ତେବେ ଭାରତର ଚାଲୁ ଖାତା ନିଅଣ୍ଟ ପ୍ରାୟ ୯-୧୦ ବିଲିଅନ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇବ ଏବଂ ମହଙ୍ଗା ଦରରେ ୦.୫% ଆଶ୍ୱସ୍ତି ମିଳିବ। କିନ୍ତୁ ଯଦି ୨ ସପ୍ତାହ ମଧ୍ୟରେ ସ୍ଥାୟୀ ସମାଧାନ ନହୁଏ, ତେବେ ଦର ପୁଣି ବଢ଼ିପାରେ।



## ଆଜି ଆସାମ, କେରଳମ୍, ପୁଡୁଚେରୀରେ ଭୋଟ୍

**ନୂଆଦିଲ୍ଲୀ, ୮।୪/ଏଜେନ୍ସି:** ଆସନ୍ତାକାଲି ଆସାମ, କେରଳମ୍ (ପୂର୍ବରୁ କେରଳ ଥିଲା) ଏବଂ ପୁଡୁଚେରୀରେ ଏକକ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ଏହି ୩ ରାଜ୍ୟରେ ୬.୧ କୋଟି ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। କେରଳମ୍‌ରେ ୧୪୦ ଆସନ, ଆସାମରେ ୧୨୬ ଏବଂ ପୁଡୁଚେରୀରେ ୩୦ ଆସନ ପାଇଁ ଭୋଟରମାନେ ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଆସାମରେ ବିଜେପି ଲଗାତାର ତୃତୀୟ ଥର ପାଇଁ ଏହାର ଏନ୍‌ଡିଏ ମେଣ୍ଟ ସହଯୋଗୀମାନଙ୍କ ସହ କ୍ଷମତାକୁ ଫେରିବାପାଇଁ ଲକ୍ଷ୍ୟ ରଖିଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏଠାରେ ନିର୍ବାଚନ ପ୍ରଚାର କରୁଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଆସାମରେ ରାଜ୍ୟ ସଭାପତି ଗୌରବ ଗୋଗଇଙ୍କ ଅଧୀନରେ ଏକ ରାଜନୈତିକ ପ୍ରତ୍ୟାବର୍ତ୍ତନର ଲକ୍ଷ୍ୟ ରଖିଛି। ଆସାମରେ ୨.୫ କୋଟି ଭୋଟର ଥିବାବେଳେ ଏଠାରେ ୧.୨୫ କୋଟି ଲେଖାଏ ମହିଳା ଏବଂ ପୁରୁଷ ଭୋଟର ଅଛନ୍ତି। ଯେତେବେଳେ କି ଏମାନଙ୍କ ମଧ୍ୟରୁ ୧୮-୧୯ ବୟସ ବର୍ଗର ଭୋଟରଙ୍କ ସଂଖ୍ୟା ୬.୪୨ ଲକ୍ଷ ରହିଛି। ଆସାମ ବିଧାନସଭା ନିର୍ବାଚନରେ ଚଳିତ ଥର ମୋଟ୍ ୭୨୨ ପ୍ରାର୍ଥୀ ସେମାନଙ୍କ ଭାଗ୍ୟ ପରୀକ୍ଷା କରୁଛନ୍ତି। ସେହିପରି କେରଳମ୍‌ରେ ସିପିଏମ୍ ଦଳର ବରିଷ୍ଠ ନେତା ତଥା ଏବେର ମୁଖ୍ୟମନ୍ତ୍ରୀ ଥିବା ପିନାରାୟୀ ବିଜୟନଙ୍କ ଦଳ ଏଲ୍‌ଡିଏଫ୍ (ଲେଫ୍ଟ ଡିମୋକ୍ରାଟିକ ଫ୍ରଣ୍ଟ)କ୍ଷମତା ବଜାୟ ରଖିବାକୁ ସବୁ ଉଦ୍ୟମ ଲଗାଇଛି। ବିଜେପି ଏବଂ କଂଗ୍ରେସ ଏଠାରେ ଯଥେଷ୍ଟ ପଛରେ ରହିଛି। ତେବେ ରାଜ୍ୟରେ ଏଥର ୨.୭୧ କୋଟି ଯୋଗ୍ୟ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ୧.୩୯ କୋଟି ମହିଳା ଏବଂ ୧.୩୨ କୋଟି ପୁରୁଷ ଭୋଟର ରହିଛନ୍ତି। ରାଜ୍ୟରେ ୧୮-୧୯ ବୟସବର୍ଗ ମଧ୍ୟରେ ୪.୭୬ କୋଟି ଭୋଟର ଅଛନ୍ତି। କେରଳମ୍‌ରେ ୧୪୦ ଆସନ ପାଇଁ ୮୮୩ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ପୁଡୁଚେରୀରେ ମୋଟ୍ ୯.୪୪ ଲକ୍ଷ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରେ ୪.୪୩ ଲକ୍ଷ ପୁରୁଷ ଏବଂ ୫ ଲକ୍ଷ ମହିଳା ଭୋଟର। ୧୮-୧୯ ବୟସବର୍ଗ ମଧ୍ୟରେ ୨୩,୦୩୩ ଭୋଟର ଅଛନ୍ତି। ପୁଡୁଚେରୀରେ ୨୯୪ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି।

# ଦିନେ ହୁ' ଅସମ୍ଭବ କହି ହାତ ଟେକିଦେଇଥିଲା, ଏବେ 'ଗୁଗଲ୍' ମାଗୁଛି ତଥ୍ୟ

**ହରିଦ୍ୱାର, ୮।୪/ଏଜେନ୍ସି:** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦିନେ ଯେଉଁ କାମକୁ 'ଅସମ୍ଭବ' ମନେକରି ଅଧାରୁ ଛାଡି ଦେଇଥିଲା, ପତଞ୍ଜଳି କିନ୍ତୁ ଏହାକୁ ବାସ୍ତବତାରେ ପରିଣତ କରି ଦେଖାଇବାରେ ସଫଳ ହୋଇଛି। ୧୯୯୯ ମସିହାରେ ହୁ' ଏକ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଆରମ୍ଭ କରିଥିଲା। ଏହାର ଲକ୍ଷ୍ୟ ଥିଲା ବିଶ୍ୱର ସମସ୍ତ ଉଦ୍ଭିଦ ଭିତ୍ତିକ ଚିକିତ୍ସା ପଦ୍ଧତି, ଔଷଧୀୟ ଗଛ ଏବଂ ପାରମ୍ପରିକ ଜ୍ଞାନକୁ ଏକତ୍ରିତ କରି ଏକ ବିଶ୍ୱସ୍ତରୀୟ ଦଲିଲ ପ୍ରସ୍ତୁତ କରିବା। କିନ୍ତୁ ପ୍ରାୟ ୧୧ ବର୍ଷର ଚେଷ୍ଟା ସତ୍ତ୍ୱେ ହୁ' ଏହି ପ୍ରକଳ୍ପରେ ସଫଳ ହୋଇପାରିନଥିଲା। ଯାହାଫଳରେ ବାଧହୋଇ ୨୦୧୦ରେ ହୁ' ଏହି ପ୍ରକଳ୍ପକୁ ବନ୍ଦ କରିଦେଇଥିଲା। କାରଣ ସ୍ପଷ୍ଟ ଥିଲା, ହୁ' ପକ୍ଷେ ଏହି କାର୍ଯ୍ୟ ଅତ୍ୟଧିକ ବ୍ୟାପକ, ଜଟିଳ ଏବଂ ପ୍ରାୟତଃ ଅସମ୍ଭବ ମନେ ହୋଇଥିଲା।

କିନ୍ତୁ ଭାରତରେ ଚୁପଚାପ୍ ଚାଲିଥିଲା ଅନ୍ୟ ଏକ କାହାଣୀ। କୌଣସି ବିଶ୍ୱସ୍ତରୀୟ କୋଳାହଳ ବିନା ପତଞ୍ଜଳି ଯୋଗପୀଠ ୨୦୦୩-୦୪ ମସିହାରୁ ଏହି ଦିଗରେ କାମ ଆରମ୍ଭ କରିଦେଇଥିଲା। ପତଞ୍ଜଳି ଯେତେବେଳେ ଏହା ଉପରେ କାମ କରିବା ଆରମ୍ଭ କରିଥିଲା ସେତେବେଳେ ପତଞ୍ଜଳି ପାଖରେ ମଧ୍ୟ କୌଣସି ସୂଚନା ନଥିଲା ଯେ, ଏହି ଅସାଧ୍ୟ କାର୍ଯ୍ୟ ଉପରେ ହୁ' ପୂର୍ବରୁ କାର୍ଯ୍ୟ କରିସାରିଛି। ତେବେ ପତଞ୍ଜଳି ଏବଂ ହୁ' ମଧ୍ୟରେ ଯଦି କିଛି ପାର୍ଥକ୍ୟ ଥିଲା ତାହାଥିଲା କେବଳ ଦୃଷ୍ଟିକୋଣ, ଧୈର୍ଯ୍ୟ ଏବଂ ତପସ୍ୟାର। ଯେଉଁଠାରେ ବିଶ୍ୱ ସଂସ୍ଥା ଅଟକି ଗଲା, ସେଠାରୁ ପତଞ୍ଜଳିର ଯାତ୍ରା ଅଧିକ ତୀବ୍ରତର ହୋଇଥିଲା। ତେବେ ଏହି ଧୈର୍ଯ୍ୟ ତଥା ଦୀର୍ଘଦିନର ପରିଶ୍ରମ ସାକାର ରୂପ ଧାରଣ କରିଥିଲା। ପ୍ରାୟ ଦୁଇ ଦଶନ୍ଧି (୨୦ ବର୍ଷ)ର ନିରନ୍ତର ଗବେଷଣା ଏବଂ ସଂକଳନ ପରେ ୨୦୨୨ରେ ଏହି କାର୍ଯ୍ୟ ଏହାର ପୂର୍ଣ୍ଣ ସ୍ୱରୂପରେ ସାମ୍ନାକୁ ଆସିଲା। ପତଞ୍ଜଳି 'ବିଶ୍ୱ ଭେଷଜ ସଂହିତା' ପରି ଏକ ମହାଗ୍ରନ୍ଥ ରଚନା କରିବାରେ ସଫଳ ହୋଇଥିଲା। ପତଞ୍ଜଳି ରଚନା କଲା ପ୍ରାୟ ୧.୨୫ ଲକ୍ଷ ପୃଷ୍ଠାର ଏହି ମହାନ୍ ଗ୍ରନ୍ଥ। ଏଥିରେ ୩.୬୦ ଲକ୍ଷ ଗଛ ମଧ୍ୟରୁ ୫୦ ହଜାର ଔଷଧୀୟ ଗଛର ଚିହ୍ନଟ, ୨୦୦୦ରୁ ଅଧିକ ଜନଜାତିଙ୍କ ପାରମ୍ପରିକ ଜ୍ଞାନର ଦଲିଲକରଣ, ୯୬୪ଟି 'ହିଲିଂ ପ୍ରାକ୍ଟିସେସ୍' ବା ଚିକିତ୍ସା ଅଭ୍ୟାସର ସଂକଳନ, ୯ରୁ ଅଧିକ ଚିକିତ୍ସା ପଦ୍ଧତିର ସମାବେଶ, ୧୨ ଲକ୍ଷରୁ ଅଧିକ ସ୍ଥାନୀୟ (ଆଞ୍ଚଳିକ) ନାମର ସଂଗ୍ରହ, ୨୨୦୦ରୁ ଅଧିକ ଉତ୍ସ ଉପରେ ଆଧାରିତ ଗବେଷଣା ଆଦି ସାମିଲ ରହିଛି।



ପତଞ୍ଜଳିର 'ବିଶ୍ୱ ଭେଷଜ ସଂହିତା': ଏକ ଐତିହାସିକ ସଫଳତା

ଏହା ହେଉଛି ସେହି ଅଦ୍ଭୁତ ପୁରୁଷାର୍ଥର କାହାଣୀ, ଯେଉଁଠାରେ ତପସ୍ୟା, ଗବେଷଣା ଏବଂ ଦୂରଦର୍ଶିତା ମିଶି ଆଜି ଏପରି ଏକ ପରିସ୍ଥିତି ସୃଷ୍ଟି କରିଛନ୍ତି କି, ଡିଜିଟାଲ୍ ଯୁଗର ପ୍ରତିଷ୍ଠିତ କମ୍ପାନୀ ଗୁଗଲ୍ ମଧ୍ୟ ଏହି ଜ୍ଞାନକୁ ଆହରଣ ପାଇଁ ପତଞ୍ଜଳି ନିକଟରେ ହାତ ପତାଇଛି। ରିପୋର୍ଟ ଅନୁସାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଡାଟାର ଏହି ଯୁଗରେ, ଯେତେବେଳେ ଦୁନିଆ ଡିଜିଟାଲ୍ ଜ୍ଞାନ ଉପରେ ନିର୍ଭରଶୀଳ, ସେତେବେଳେ ଗୁଗଲ୍ ପରି ବଡ଼ କମ୍ପାନୀ 'ଏଭିଡେନ୍ସ-ବେସଡ୍ ଡାଟା' (ପ୍ରମାଣ ଭିତ୍ତିକ ତଥ୍ୟ) ପାଇଁ ପତଞ୍ଜଳି ସହ ଯୋଗାଯୋଗ କରିଛି। ଅର୍ଥାତ୍ ଗୁଗଲ୍ ନିଜ ଏଆଇ'ର ପ୍ରୟୋଗ ପାଇଁ ପତଞ୍ଜଳିର ସଂଗୃହିତ ତଥ୍ୟ ମାଗୁଛି, ଯାହାଦ୍ୱାରା ଏହା ନିଜ ଏଆଇ କୁ ଆହୁରି ଶକ୍ତିଶାଳୀ କରିପାରିବ। ଏହା କେବଳ ଏକ ସହଯୋଗ ନୁହେଁ, ବରଂ ଭାରତର ପାରମ୍ପରିକ ଜ୍ଞାନ ଏବେ ବିଶ୍ୱ ଟେକ୍ନୋଲୋଜିର କେନ୍ଦ୍ରରେ ପହଞ୍ଚିଥିବାର ଏକ ସଙ୍କେତ। ଏସମ୍ପର୍କରେ ଡେରାଡୁନ୍‌ର ଡୁନ୍ ବୁକ୍ ଫେଷ୍ଟିଭାଲରେ ଶ୍ରଦ୍ଧେୟ ଆଚାର୍ଯ୍ୟ ବାଲକୃଷ୍ଣ ନିଜେ ଏହି ମହାଗ୍ରନ୍ଥର ୧୦୯ଟି ଖଣ୍ଡ ସମ୍ପୂର୍ଣ୍ଣ ହେବା ଏବଂ ଏହା ପଛରେ ଥିବା ପୁରୁଷାର୍ଥର କାହାଣୀ କହିଛନ୍ତି। ଆଚାର୍ଯ୍ୟଙ୍କ କହିବାନୁସାରେ 'ବିଶ୍ୱ ଭେଷଜ ସଂହିତା' ଏହାର ପ୍ରମାଣ ଯେ ଯେତେବେଳେ ସଂକଳ୍ପ ଅଟଳ ରହେ, ସେତେବେଳେ ଅଧୁରା କାହାଣୀ ମଧ୍ୟ ଇତିହାସ ପାଲଟିଯାଏ। ପତଞ୍ଜଳି ଏହିଭଳି ଜ୍ଞାନ ଉପରେ ଦୀର୍ଘ ସମୟ ଧରି କାମ କରୁଛି। ଗୁଗଲ୍ ପରି ବୈଷୟିକ ସଂସ୍ଥା ପତଞ୍ଜଳିର ତଥ୍ୟ ଉପରେ ଭରସା କରିବା ଆମ ଭାରତୀୟଙ୍କ ପାଇଁ ଗର୍ବର କଥା। ଏହା କେବଳ ଏକ ପ୍ରକାଶନ ନୁହେଁ, ବରଂ ବିଶ୍ୱ ଚିକିତ୍ସା ଜ୍ଞାନକୁ ସଂରକ୍ଷିତ କରିବାର ଏକ ଐତିହାସିକ ମୁହୂର୍ତ୍ତ ମଧ୍ୟ। ବାଲକୃଷ୍ଣଙ୍କ କହିବାନୁସାରେ ଯେଉଁଠାରେ ବିଶ୍ୱ ସଂସ୍ଥାଗୁଡ଼ିକ ସୀମା ମଧ୍ୟରେ ବାନ୍ଧି ହୋଇଗଲେ, ସେଠାରେ ଭାରତୀୟ ପରମ୍ପରା, ତପସ୍ୟା ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ମିଶି ଏପରି ଏକ ଇତିହାସ ରଚନା କଲା, ଯାହାକୁ ଏବେ ଦୁନିଆ କେବଳ ପଢୁନାହିଁ ବରଂ ସେଥିରୁ ଶିଖୁଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra